ମେହେର ଭାରତୀ

ଶ୍ରୀ ବଚଦାନନ୍ଦ ମହାନ୍ତ

Digitized by PPRACHIN, SOA

ମେହେର ଭାରତୀ

ଶ୍ରୀ ବଚଣାନନ୍ଦ ମହାନ୍ତ

Digitized by PPRACHIN, SOA

ପ୍ରକାଶକ—

ଅନନ୍ୟ ପ୍ରକାଶନୀ
ମହମ୍ମଦିଆ ବଜାର, କଟକ-୨

ପ୍ରଥମ ପ୍ରକାଶ—୧୧୦୦
୧୯୫୯

ମୁଦ୍ରାକର—

ରାଇମୋହନ ଦାସ
ଭଗବତୀ ପ୍ରେସ, କଟକ-୧

Digitized by PPRACHIN, SOA

ମୁଖଶାଳା

ଚତୁର୍ଦ୍ଦଶ ସମାବର୍ତ୍ତନ ଉତ୍ସବ ଉପଲକ୍ଷେ ୧୯୫୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ 'ଗଙ୍ଗାଧର ମେହେରଙ୍କ ଲେଖା ଓ ତାହାର ସମାଲୋଚନା' ସମ୍ବନ୍ଧରେ ଯେଉଁ ପ୍ରତିଯୋଗିତା କରିଥିଲେ, ତହିଁରେ ଏ ପ୍ରବନ୍ଧ ପ୍ରଥମ ସ୍ଥାନ ଅଧିକାର କରି ଏକଶତ ଟଙ୍କା ପୁରସ୍କୃତ ହୋଇଥିଲା । 'ମେହେର ଭାରତୀ' ତାହାରି ମୁଦ୍ରିତ ରୂପ ମାତ୍ର ।

ବିଗତ ଅର୍ଦ୍ଧଶତାବ୍ଦୀ ପୂର୍ବେ ଗଙ୍ଗାଧରଙ୍କ ରଚନାର ଭୂୟୋବିକାଶ । ସେ ଦିନ ଓ ଆଜି ମଧ୍ୟରେ କେତେ ପ୍ରଭେଦ । ଆଜି ଜଗତ ଓ ଜୀବନ ଜଟିଳ, ସମସ୍ୟାବହୁଳ । ଯେଉଁ ଗ୍ରହମାନଙ୍କୁ ମାନବ ଭାଗ୍ୟନିୟନ୍ତା ରୂପେ କଳ୍ପନା କରି ପୂଜା କରିଆସୁଥିଲା, ଆଜି ସେମାନଙ୍କର ସ୍ଥିତି ଓ ଗତି ନିର୍ଣ୍ଣୟ କରିବାରେ ସଚେଷ୍ଟ । ଦିନ ଆସିବ, ସେ ତାର ଉଦ୍ୟମରେ କୃତହୋଇ ସେମାନଙ୍କର ଗତିବିଧି ନିୟନ୍ତ୍ରଣ କରିବାରେ ସକ୍ଷମ ହେବ । ତେଣୁ ସବୁକାଳେ ମନୁଷ୍ୟର ସଦା ପରିବର୍ତ୍ତନଶୀଳ ଭାବନାର ଧାରା ସମାନ ରହେନାହିଁ । ଯଦି ଭାବନାର ପରିବର୍ତ୍ତନ ନ ଥାନ୍ତା, ଗତି ନ ଥାନ୍ତା, ସ୍ଥିରହୋଇ ରହନ୍ତା, ତେବେ ସେ ହୁଅନ୍ତା ସ୍ଥାଣୁ—ଜଡ଼—ଅଥର୍ବ… ।

Digitized by PPRACHIN, SOA

ମନୁଷ୍ୟ ଭାବନା ସହିତ ସମାନ୍ତ୍ରବରେ ତାଳ ମିଳାଇ ଭବିଷ୍ୟତର ପଥ ଦେଖାଏ ବୋଲି ତାର ନାମ ସାହିତ୍ୟ । ଯଦି ସାହିତ୍ୟ ମନୁଷ୍ୟକୁ ଅଭିନବ ଭାବରେ ଭାବିତ କରି ନ ପାରେ ତେବେ ସେ ସାହିତ୍ୟ ନ ହୋଇ ହେବ ଗାର୍ହିତ୍ୟ । ଏସବୁ ଦୃଷ୍ଟିରେ ଆଜିର ପାଠକଙ୍କୁ ଦେଖିବାକୁ ହେବ ।

ଏହି ଭାରତୀ ମନ୍ଦିର ନିର୍ମାଣରେ ଅୟାସ ସ୍ୱୀକାର ପୂର୍ବକ ଯେଉଁମାନେ ବନ୍ଧୁମତେ ସାହାଯ୍ୟ ଓ ସହଯୋଗ କରି ଯତ୍ନବାନ୍ ହୋଇଛନ୍ତି, ସେମାନଙ୍କ ନିକଟରେ କେବଳ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ବ୍ୟତୀତ ଏ ନିଃସ୍ୱ ଲେଖକର ଆଉ କଣ ଅଛି ?

ପାଣ୍ଡସାହି ଗଳି
ମହମଦିଆ ବଜାର, କଟକ – ୨

ବଚଦାନନ୍ଦ ମହାନ୍ତି

Digitized by PPRACHIN, SOA

UTKAL UNIVERSITY.

Cuttack
The 12th May 1958.

Certified that Sri Bichitrananda Mohanty, a Student of the Ravenshaw College, Cuttack, stood first in the Oriya Essay Competition held under the auspices of the University in the year 1957-58 and that a cash prize of Rs. 100/- (Rupees one hundred) only was awarded to him for this at the 14th Annual Convocation of the university held on the 14th January 1958.

Sd. G. C. Rath
REGISTRAR.

Extract from the letter No. A/SD/8599, Dated, the 13th May 1958, from the Registrar, Utkal University, Cuttack, to Sri Bichitrananda Mohanty, B. A. (Hons), Patrasahi Lane, Mahamadia bazar, Cuttack.

This is to inform you that the Syndicate of this University regrets its inability to give any aid for the publication of the essay but you have been permitted to publish your essay on "Gangadhar Meheranka Lekha O Tahar Samalochana", under the title "Meher Va[illegible]ee".

Digitized by PPRACHIN, SOA

--ଅଭିମତ--

ଶ୍ରୀମାନ୍ ବଂଶୀଧର ଷଡ଼ଙ୍ଗୀ କବି ଗଙ୍ଗାଧରଙ୍କ କୃତିମାନଙ୍କର ଯଥାଯଥ ସମାଲୋଚନା କରି ଏକ ନାତିଦୀର୍ଘ ପ୍ରବନ୍ଧ ଲେଖି ଅଛନ୍ତି । ଏହି ପ୍ରବନ୍ଧରେ ସେ ସ୍ୱ ବୁଦ୍ଧିମତ୍ତାରେ କବିଙ୍କର ମୌଳିକତା, ଶାସ୍ତ୍ରଦର୍ଶିତା, କଳ୍ପନା, ଯୋଜନା ଚାତୁରୀ, ବସ୍ତୁବିନ୍ୟାସଗତ ଔଚିତ୍ୟ ଜନିତ ବୈଶିଷ୍ଟ୍ୟ ଯଥାସମ୍ଭବ ସମ୍ୟକ୍ ପ୍ରଦର୍ଶନ କରି ପ୍ରକୃତ ପକ୍ଷରେ ଗବେଷକର କାର୍ଯ୍ୟ ତୁଲାଇ ଅଛନ୍ତି ।

ପ୍ରାୟ ଦେଖାଯାଏ ଯେ ଅଧୁନିକ ସମାଲୋଚକ କାହାକୁ ଉପରକୁ ଠେକନ୍ତି ଓ କାହାକୁ ତଳକୁ ଖସାଇ ଦିଅନ୍ତି ମାତ୍ର ଏହା ବଂଶୀଧରଙ୍କ ସମାଲୋଚନାରେ ଦେଖାଯାଏ ନାହିଁ । ସେ କବି ଗଙ୍ଗାଧରଙ୍କ କବିତ୍ୱରେ ଗୁଣ ଓ ଦୋଷ ଯୁକ୍ତି ଦ୍ୱାରା ଯଥାଯଥ ଦର୍ଶାଇ ନିଜର ନିରପେକ୍ଷତାର ପରିଚୟ ଦେଇ ଅଛନ୍ତି ।

ଅଳ୍ପ ବୟସରେ ସେ ଯେଉଁ ନିଷ୍ଠା, ଅଧ୍ୟବସାୟ ଓ ବିଚକ୍ଷଣତାରେ ଏହି ପ୍ରବନ୍ଧ ଲେଖିଛନ୍ତି ତାହା ଯେପରି ଭବିଷ୍ୟତରେ ଅଧିକରୁ ଅଧିକ ହୁଏ ଏବଂ ତାଙ୍କ ଭାବୀ କୃତିମାନଙ୍କ ଦ୍ୱାରା ଉତ୍କଳ ସାହିତ୍ୟ ତଥା ଲେଖନଶିଳ୍ପ ସମୃଦ୍ଧ ଓ ସମୃଦ୍ଧ ପଥରେ ଗତି କରେ ।

୮ । ୧୧ । ୧୯୫୮ — ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି
ଶେଖବଜାର, କଟକ

Digitized by PPRACHIN, SOA

ଶ୍ରୀମାନ ବିଚିତ୍ରାନନ୍ଦ ମହାନ୍ତିଙ୍କ ପ୍ରଣୀତ 'ମେହେର ଭାରତୀ'ର ପାଣ୍ଡୁଲିପି ପାଠକରି ମୁଁ ବିଶେଷ ଭାବରେ ପ୍ରୀତ ହୋଇଛି । ବିଚିତ୍ରାନନ୍ଦ ଏଥିପୂର୍ବରୁ ଆଉ କେତେକ ପ୍ରସିଦ୍ଧ ଓ ପ୍ରତିଭାବାନ କବିଙ୍କର କବିତ୍ୱ ଓ ମହତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରି ସୁଧୀ-ସମାଜରେ ପରିଚିତ ହୋଇ ଅଛନ୍ତି । ଆଲୋଚ୍ୟ 'ମେହେର ଭାରତୀ' ତାଙ୍କର ଆଉ ଏକ ପ୍ରଶଂସନୀୟ ଉଦ୍ୟମ । ଏଥିରେ ସେ ଗଙ୍ଗାଧରଙ୍କ ବହୁମୁଖୀ ପ୍ରତିଭା ଓ ଓଡ଼ିଆ କାବ୍ୟ ସାହିତ୍ୟକୁ ତାଙ୍କର ଦାନ ସମ୍ବନ୍ଧରେ ସବିଶେଷ ଆଲୋଚନା କରି ଅଛନ୍ତି । ଆଲୋଚନାର ଧାରା ସରଳ ସରସ ଓ ପ୍ରାଣବନ୍ତ ହୋଇଛି । ସୁଖର କଥା ଏ ଲେଖା ବିଶ୍ୱବିଦ୍ୟାଳୟର ପ୍ରବନ୍ଧ ପ୍ରତିଯୋଗିତାରେ ୧ମ ସ୍ଥାନ ଅଧିକାର କରିଥିଲା । ମୁଁ ଲେଖକଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଛି । ଇତି ।

ତା ୨୪ । ୧୦ । ୫୮

କାହ୍ନୁଚରଣ ମିଶ୍ର
ଅଧ୍ୟାପକ, ରେଭେନ୍ସା କଲେଜ

Digitized by PPRACHIN, SOA

ମୋର ଶ୍ରଦ୍ଧେୟ ଛାତ୍ର ଶ୍ରୀମାନ୍ ବିଚିତ୍ରାନନ୍ଦଙ୍କର 'ମେହେର ଭାରତୀ'ର ପାଣ୍ଡୁଲିପି ପାଠକରି ଅତ୍ୟନ୍ତ ଆନନ୍ଦ ଅନୁଭବ କରି-ଅଛି । ଗଙ୍ଗାଧରଙ୍କର ବହୁମୁଖୀ ପ୍ରତିଭାର କ୍ରମଯୁକ୍ତ ବିଶ୍ଳେଷଣ ଓ ଆଲୋଚନା ଆଜି ପର୍ଯ୍ୟନ୍ତ ହୋଇ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଲେଖକ ଗଙ୍ଗାଧରଙ୍କ ରଚନାବଳୀର ସୂକ୍ଷ୍ମ ଆଲୋଚନା କରି ପାଠକମାନଙ୍କୁ କବିଙ୍କ ସହିତ ପରିଚିତ କରିବାର ପ୍ରୟାସ କରି ଅଛନ୍ତି । ଏ ପ୍ରକାର ଉଦ୍ୟମ ଯେ ପ୍ରଶଂସାର୍ହ ଏଥିରେ ସନ୍ଦେହ ନାହିଁ । ଲେଖକ ଛାତ୍ର ଜୀବନରେ ସମାଲୋଚନା ମୂଳକ ପ୍ରବନ୍ଧ ଲେଖି ଏକାଧିକବାର ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଶଂସିତ ଓ ପୁରସ୍କୃତ ହୋଇ ଅଛନ୍ତି । ଏ ଦିଗରେ ତାଙ୍କର ପ୍ରଚେଷ୍ଟା ଅବ୍ୟାହତ ରହିଲେ ସେ ଓଡ଼ିଆ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରିବାର ଯଥେଷ୍ଟ ଆଶା ରହୁଛି ।

କଟକ
ତା ୨୨ । ୧୦ । ୫୮ } ଶ୍ରୀଧର ଦାସ
ଅଧ୍ୟାପକ, ସାଏନ୍ସ କଲେଜ

Digitized by PPRACHIN, SOA

ଉତ୍କଳ ସାହିତ୍ୟ ଭୂମିରେ ରାଧାନାଥ ଓ ମଧୁସୂଦନ ବଳିଷ୍ଠ ପଦକ୍ଷେପରେ ଅଗ୍ରସର ହେଉଥିଲାବେଳେ ଉତ୍କଳର ଏକ ଅନାଖ୍ୟାତ, ଅବଜ୍ଞାତ, ଅବିଶ୍ରୁତ ପଲ୍ଲୀକନ୍ଦରରୁ ଏକ ଅଖ୍ୟାତ ଅଜ୍ଞାତ ତନ୍ତୁବାୟ ପରିବାରର ସନ୍ତାନ ଗଙ୍ଗାଧର ବୀଣାପାଣିଙ୍କ ବିପଞ୍ଚିରେ ଆଳାପ ସଂଯୋଜନା କରୁଥିଲେ । 'ତପସ୍ୱିନୀ'ର ଗମ୍ଭୀର ମୂର୍ତ୍ତି ଜନଜନାର୍ଦ୍ଦନର ଚିତ୍ତପଟରେ ଉଦ୍ଭାସିତ ହୋଇଉଠିଲା । ତାପସୀ କଣ୍ଠର ସଙ୍ଗୀତ "ପ୍ରଣୟାଙ୍କୁର" ହୋଇ କ୍ରମେ କ୍ରମେ ବିକଶିତ ତଥା ଫଳରେ ପରିଣତ ହେଲା । ରମଣୀୟ ଅଯୋଧ୍ୟାର କମନୀୟ ସୌନ୍ଦର୍ଯ୍ୟସମ୍ଭାରର ଜୟଗୀତିରେ କବି କଣ୍ଠ ଅନନ୍ଦିତ ହେଲା । ହାସ୍ୟୋତ୍ଫୁଲ୍ଲା 'ଉତ୍କଳ ଲକ୍ଷ୍ମୀ' ପ୍ରସନ୍ନ ବଦନରେ ଆଶୀର୍ବଚନ କଲେ । 'ଭାରତୀ ଭାବନା'ରେ ନିମଜ୍ଜିତ ହୋଇ ତାହାଙ୍କ ମହିମା ଗାନ କରୁ କରୁ 'ଭକ୍ତି ଉପହାର' ଓ 'ଅର୍ଘ୍ୟଥାଳୀ' ଧରି ଉଭାହେଲେ କବି । କଣ୍ଠରୁ ଝରିଲା 'କବିତା କଲ୍ଲୋଳ' । 'କବିତା ମାଳା'ର ସୁମନଦାମରେ ଉତ୍କଳ ଭାରତୀ ବିଭୂଷିତା

Digitized by PPRACHIN, SOA

ହେଲେ । ରାଜସ୍ଥାନର ଅନନ୍ୟସୁନ୍ଦରୀ ମହାରାଣୀ ପଦ୍ମିନୀଙ୍କର ପ୍ରତ୍ୟୁତ୍ପନ୍ନମତିତ୍ୱ ସମସ୍ତଙ୍କୁ ଚକିତ, ବିସ୍ମିତ କଲା । ପତିପ୍ରାଣା ପରମ-ସାଧ୍ୱୀ ଇନ୍ଦୁମତୀଙ୍କର ହେଲା ମହାପ୍ରୟାଣ । 'କୁମାର ଜନ୍ମୋତ୍ସବ'ରେ 'କୃଷକ ସଙ୍ଗୀତ' ବିଘୋଷିତ ହେଲା । ଧୀରେ ସୁଧୀରେ ଉତ୍କଳର ସାରସ୍ୱତ ଦରବାରରେ ସୁପ୍ରତିଷ୍ଠିତ ହେଲେ ସାଧନସିଦ୍ଧ କର୍ମଯୋଗୀ ସହଜ (Natural) କବି ଗଙ୍ଗାଧର ।

ବୈଦେଶିକ ପରମ୍ପରାରେ ଉତ୍କଳର ଲବ୍ଧପ୍ରତିଷ୍ଠ କବି-ଯୁଗଳ ରାଧାନାଥ ଓ ମଧୁସୂଦନ ଭାବ, ଭାଷା ଓ କଳ୍ପନା ବିଭବରେ ଏ ଦେଶକୁ ଏପରି ପ୍ଳାବିତ କଲେ ଯେ ଏ ଦେଶର ଜନସାଧାରଣ କ୍ରମେ କ୍ରମେ ସେମାନଙ୍କ ପରିବେଷିତ ଭାବକୁ ଏ ଦେଶର ନିଜସ୍ୱ ବୋଲି ବରଣ କରିନେଲେ । ଏହି କବିଯୁଗଳ ପାଶ୍ଚାତ୍ୟ ଶିକ୍ଷା ବିଭାଗର ସର୍ବୋଚ୍ଚକର୍ତ୍ତା ଭାବରେ ସେମାନଙ୍କର ଭାବଧାରାକୁ ଅନାୟାସରେ ଦେଶରେ ପ୍ରଚଳିତ କରିପାରିଲେ । ସେମାନଙ୍କ ପ୍ରଣୀତ ପାଠ୍ୟପୁସ୍ତକ ମଧ୍ୟ ଏ ଦେଶବାସୀଙ୍କୁ ସେହି ଭାବରେ ଅନୁପ୍ରାଣିତ କଲା । ତେଣୁ ଫକୀରମୋହନ ବା ଗଙ୍ଗାଧର ବହୁକାଳ ଯାବତ୍ ଉପେକ୍ଷିତ ହୋଇ ଅସିଥିଲେ । କିନ୍ତୁ—

"ଯେତେ ଲୁଚାଇଲେ ନ ଲୁଚଇ ଅଗ୍ନି ସତ୍ୟ,
ଲୁଚିଲେ କି ଚମ୍ପୁକବି ଚଳଦେବ ରଥ ।"

ସେଇଥିପାଇଁ ଉତ୍କଳର ଅପର ପାର୍ଶ୍ୱରୁ ଅନ୍ୟ ଏକ ସମଧର୍ମୀ ପଲ୍ଲୀକବି ନନ୍ଦକିଶୋର ସ୍ୱର୍ଗୀୟ 'ରଙ୍ଗାଜୀବ' ଗଙ୍ଗାଧରଙ୍କ ଉଦ୍ଦେଶ୍ୟରେ କ୍ଷୋଭ ପ୍ରକାଶ କରି ଗାଇ ଉଠିଲେ—

"ଜନ୍ମିଥାନ୍ତ ଯେବେ ସଭ୍ୟ ଉନ୍ନତ ଦେଶରେ,
ବାଜୁଥାନ୍ତା ନାମ ତବ ଦିଗ ଦିଗନ୍ତରେ ।

Digitized by PPRACHIN, SOA

ଅବାଳ ବୃଦ୍ଧ ବନିତା ଦୁଃଖୀ ପ୍ରିୟ ଜନ
ହୃଦମଧ୍ୟେ ରଖିଥାନ୍ତେ ତବ ଧ୍ୟାନ ଧନ ।
ପୂର୍ବ ସୁକୃତ ବହ୍ନିନେ ପଡ଼ି ଏ ଉତ୍କଳ
ସୁପ୍ରତିଭା ମଣି ଅଭା ବନକୁ ତୁମ୍ଭର ।"
(ଜନ୍ମଭୂମି)

ରାଧାନାଥ, ମଧୁସୂଦନ ବା ନନ୍ଦକିଶୋରଙ୍କ ପରି ଗଙ୍ଗାଧର ଉଚ୍ଚଶିକ୍ଷା ପ୍ରାପ୍ତ ହୋଇ ନ ଥିଲେ । ବିଶ୍ୱବିଦ୍ୟାଳୟ ଶିକ୍ଷାକୁ ଶିକ୍ଷାର ମାନଦଣ୍ଡ ରୂପେ ଗ୍ରହଣ କରାଗଲେ ସ୍ୱୀକାର କରିବାକୁ ହେବ, ଗଙ୍ଗାଧରଙ୍କର ଶିକ୍ଷା ନ ଥିଲା । ଶିକ୍ଷା ବା ପରମ୍ପରା ନ ଥିଲେହେଁ ସୁକ୍ଷ୍ମ ଦୃଷ୍ଟି ଓ ସାଧନା ବଳରେ ଯେ ମନୁଷ୍ୟ ସିଦ୍ଧିଲାଭ କରିପାରେ ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଗଙ୍ଗାଧର । ତାଙ୍କର ଥିଲା ଉଦ୍ୟମ ତଥା ଅଧ୍ୟବସାୟ । ସେଇଥିପାଇଁ ବିଶ୍ୱବିଦ୍ୟାଳୟ ଦ୍ୱାରରେ ଅଦୌ ପ୍ରବେଶ ନ କରିଥିଲେ ମଧ୍ୟ ସେ ଆଜି ବିଶ୍ୱବିଦ୍ୟାଳୟରେ ସମ୍ମାନ ଲାଭ କରିଛନ୍ତି । ତାହାର ମୂଳରେ ଥିଲା ତାଙ୍କର ପ୍ରତିଭା । ଅଗ୍ନି-ରୂପୀ ପ୍ରତିଭା ବହିରାବରଣକୁ ଭସ୍ମୀଭୂତକରି ଯେ ନିଜର ପ୍ରଭାର ପ୍ରଭାବରେ ଅନ୍ଧକାରରେ ଆଲୋକର ଶିଖା ଜାଳି ଦେଇପାରେ ତାହାର ଉଦାହରଣ ମେହେର କବି । ତାହାଙ୍କ ପ୍ରତିଭାର ପରିବ୍ୟାପ୍ତି ଦେଖିଲେ ବିସ୍ମିତ ହେବାକୁ ହୋଇଥାଏ । ପାରିବାରିକ ଅସଚ୍ଛଳତା, ଜୀବନ ସଂଗ୍ରାମ ତଥା ପରଂପରାର ଅଭାବ ଅନ୍ଧ ବାତାବରଣର ପ୍ରତିକୂଳତା ମଧ୍ୟରେ କବି ନିଜର ସାଧନାରୁ ପରାଙ୍ମୁଖ ହୋଇ ନ ଥିଲେ । ଏହା ମଧ୍ୟ ସେ ସ୍ଥଳବିଶେଷରେ ଉଲ୍ଲେଖ କରିଛନ୍ତି । 'ପଦ୍ମିନୀ' କାବ୍ୟର ପ୍ରଥମ ସର୍ଗରେ

"ପୁଣ୍ୟହୀନ ଜୀବନ ମୋ ଅଜ୍ଞତା ପୂରିତ,
କେମନ୍ତେ ତହିଁରେ ହେବ ପ୍ରତିଭା ସ୍ଫୁରିତ ।

Digitized by PPRACHIN, SOA

ଲଭନାହିଁ ଜ୍ଞାନ ମାତ୍ର କରୁଛି ଭଜନା,
ଲେଖନୀ ବଦନେ କର ତୋର ନୀରାଜନା ।”

ପୁନଶ୍ଚ, ‘ତପସ୍ୱିନୀ’ରେ ଲେଖିଛନ୍ତି,

“ଧରିତ୍ରୀ ପଙ୍କ ପୂର୍ଣ୍ଣ ମୋ ଜୀବନ—ସର,
ଝଞ୍ଜାଳ-ଜଳଦ-ଜାଳେ ଅବଳ ଉଦାର ।”

ଉପରୋକ୍ତ ଉଦ୍ଧୃତ କେବଳ ଗତାନୁଗତିକ ବାକ୍ୟୋକ୍ତି ନୁହେଁ, ରକ୍ତ-ମାଂସଗଢ଼ା ମାନବ-ଶରୀରଧାରୀ ବ୍ୟଥିତପ୍ରାଣ କବିର ହାର୍ଦ୍ଦିକ ଅବେଦନ । ତାହାଙ୍କ ଜୀବନୀରେ ମଧ୍ୟ ସେ ଏ କଥା ଉଲ୍ଲେଖ କରିଛନ୍ତି । ଦୁଃଖ ଯେପରି କବିମାନଙ୍କର ସହଚର । ବହୁ କବିଙ୍କ ଜୀବନରେ ଏହା ଘଟିଥାଏ । ଉତ୍କଳର କାନ୍ତକବି ଦୀନକୃଷ୍ଣ ଲେଖିଛନ୍ତି—

“କାହିଁକି ମୋତେ ସଂସାର ଲଟ
ମଧ୍ୟରେ ପ୍ରଭୁ କଲ ସଘଟ
କାହିଁ ନ କଲ ଚରଣ ପଦ୍ମ କୁସୁମ ଲଟ,
କମ୍ପା ଘୁଞ୍ଚନ୍ତି ଭଗତ ବାଟ,
ଆନନ୍ଦ ହୋଇ କରନ୍ତି ନାଟ,
ଏଥେ ଅନେକ ରୂପ କଳ୍ପନା ଏ ପୋଡ଼ା ପେଟ ।”

କବି ମୈଥିଳୀଶରଣ ଗୁପ୍ତ ମଧ୍ୟ ଲେଖିଛନ୍ତି,

“ଜତନେ କଷ୍ଟ—କଣ୍ଟକୋଁମେ ହୈ
ଜିନ୍‌କା ଜୀବନ—ସୁମନ ଖିଲ୍,
ଗୌରବ—ଗନ୍ଧ ଉନ୍ହେଁ ଉତ୍‌ନାହୀ
ଅବ, ତବ, ସର୍ବତ୍ର ମିଲ ।”

Digitized by PPRACHIN, SOA

ଯେତେ କଣ୍ଟରୂପକ କଣ୍ଟକରେ ଯାହାର ଜୀବନ-ପୁଷ୍ପ ପ୍ରସ୍ଫୁଟିତ ହୋଇଥାଏ, ତାକୁ ଏଠାରେ ସେଠାରେ ଓ ସବୁଠାରେ ଗୌରବ ରୂପୀ ସୁବାସ ପ୍ରାପ୍ତହୁଏ ।

ସାଧାରଣତଃ, ଜୀବନର ଘାତ ପ୍ରତିଘାତ ମଧ୍ୟରେ କବିର ଅମର ଲେଖନୀ ଯାହା ରୂପାୟିତ କରେ, ତାହା ସେ ଅଗଣିତ ପାଠକ ପାଠିକାଙ୍କ ସମ୍ମୁଖରେ ଉପସ୍ଥାପିତ କରେ । କବିର ହୃଦୟ ଦ୍ୱାର ଉନ୍ମୋଚିତ ହୁଏ । ତାର ପ୍ରାଣର ଅଭିବ୍ୟକ୍ତି ରୂପ ପାଏ । ଜନସାଧାରଣଙ୍କ ନିନ୍ଦା ବା ପ୍ରଶଂସାରେ ସେ ବିଚଳିତ ହୁଏନାହିଁ । କାରଣ ସେ ସ୍ରଷ୍ଟା । ସୃଷ୍ଟି ତାର ଧର୍ମ । ସମାଲୋଚକର ତୀକ୍ଷ୍ଣ ଅସି ଧାର ତାର ମସ୍ତକ ଉପରେ ନିପତିତ ହେଲେ ମଧ୍ୟ ସେ କ୍ଷୋଭ କରିପାରେ ନାହିଁ । ହୃଦ-କନ୍ଦରର ବିସ୍ଫୁରଣ ମୂର୍ତ୍ତି ହୋଇ ଉଠେ, ଦେଖାଦିଏ ତାହାର ବହୁଦିନର କଳ୍ପିତା, ସ୍ୱପ୍ନଗଢ଼ା, ଆରାଧ୍ୟା କବିତା । ସମାଲୋଚକମାନେ ତାହାର ବିଶ୍ଳେଷଣ କରି ବିଚାର କରନ୍ତି ।

ରସ୍କିନ୍‌ଙ୍କ ମତରେ ମହତ ଭାବ ପାଇଁ ମହାନ ଭିତ୍ତି ଉପରେ କଳ୍ପନାର ପରାମର୍ଶ ହେଉଛି କବିତା (୧) ଏବଂ ଅଧ୍ୟାପକ କୁର୍ଥୋପ୍ କହନ୍ତି, କବିତା ହେଉଛି, ଛନ୍ଦମୟ ଭାଷାରେ କାଳ୍ପନିକ ଭାବଧାରା

---

(୧) "The Suggestions by the imagination of noble grounds for the noble emotions."

Ruskin—Modern Painters

Digitized by PPRACHIN, SOA

ଓ ଅନୁଭୂତର ପ୍ରକାଶ ପାଇଁ ବିଳାସ ଉତ୍ପାଦନର କଳା (୨)। ମାଟ୍ ଓ୍ୟାଟ୍‌ସ୍ ଡଣ୍ଟନ୍‌ଙ୍କ ଧାରଣା, ଭାବପ୍ରବଣତା ଓ ଲଳିତ ଭାଷାରେ ମନୁଷ୍ୟ ମନର ବାସ୍ତବ ଓ କଳାପୂର୍ଣ୍ଣ ଅଭିବ୍ୟକ୍ତି ହିଁ କବିତା (୩)। ଏହିପରି ବିଭିନ୍ନ ବ୍ୟକ୍ତିଙ୍କର ଭିନ୍ନ ଭିନ୍ନ ମତ ପରିଦୃଷ୍ଟ ହୋଇଥାଏ ।

କବିଗୁରୁ ରବୀନ୍ଦ୍ରନାଥ ଗୋଟିଏ ଦୃଷ୍ଟାନ୍ତ ଦର୍ଶାଇଛନ୍ତି । "ମନେକର ଗୋଟିଏ ସ୍ଥାନରେ ମଦ ଦୋକାନ ଅଛି । ତାହାକୁ ଛନ୍ଦ ବା ଅଛନ୍ଦ କାବ୍ୟରଚନାଦ୍ୱାରା କଲେ, ଶସ୍ତା ହାତତାଳି ମିଳି ପାରିବ । ସେ ସ୍ଥାନର ବାସିନ୍ଦା କହନ୍ତି, "ବହୁକାଳ ପୂର୍ବରେ ବହୁ କବିମାନେ ସୁଧାପାନରେ ବ୍ୟସ୍ତ ଥିଲେ । ଛନ୍ଦବନ୍ଧରେ ଶୁଣ୍ଢୀ ଦୋକାନର ଗନ୍ଧ ସୃଷ୍ଟି ଦେଇ ନାହାନ୍ତି ଅଥଚ ଶୁଣ୍ଢୀ ଦୋକାନକୁ ହୁଏତ ସେମାନଙ୍କର ଯତଥିଷ୍ଟ ଯା,ଅସ ଥିଲା । କିନ୍ତୁ ଅମର କହିବାର କଥା ହେଉଛି, ଲେଖଣୀର ଜାଦୁରେ, କଳ୍ପନାର ସ୍ପର୍ଶ ମଣିର ସ୍ପର୍ଶରେ ମଦର ଅଡ୍ଡା ମଧ୍ୟ ବାସ୍ତବ ରୂପ ପାଇପାରେ ।

---

(୨) "The art of producing pleasure by the just expression of imaginative thought and feeling in metrical language."

Prof. Courthope—The Liberal movement in English Literature

(୩) "The concrete and artistic expression of the human mind in emotional and rhythmical language."

Watts Dunton—Encyclopedia Britanica

Digitized by PPRACHIN, SOA

ସ୍ବୀକୃତ ବାସ୍ତବବାଦ କୁହାଯାଏ। କିନ୍ତୁ ପ୍ରକୃତରେ ତା’ ନୁହେଁ। ବାସ୍ତବବାଦୀ କବିତା—କବିତା ସତ୍ୟ, କିନ୍ତୁ ତାହା ବାସ୍ତବଧର୍ମୀ ବୋଲି ନୁହେଁ, କବିତା ବୋଲି (୪)। ତେଣୁ କବିତା ନାମରେ ଅସ୍ଵପ୍ନର ଏକାନ୍ତ ନିନ୍ଦ୍ୟ। କବିତାକୁ ସାଧାରଣ ଭାବରେ ବା ସ୍ଵପ୍ନ ସ୍ରୃଷ୍ଟିରେ ଦେଖିବାର ଅବସର ଅଉ ନାହିଁ। ଇଂରାଜୀ କବି ଓ ସମାଲୋଚକ ମାଥ୍ୟୁ ଅର୍ନୋଲ୍ଡ୍ଙ୍କ ମତରେ, “କବିତା କେବଳ ଅବସର ବିନୋଦନର ସାମଗ୍ରୀ କିମ୍ବା ବିଳାସର ବସ୍ତୁ ନୁହେଁ। ଏହାର ମହତ୍ତ୍ୱ ତଥା ଗୁରୁତ୍ୱ ବିଦ୍ୟମାନ। ଜୀବନ ଧାରଣ ପାଇଁ, ସାନ୍ତ୍ୱନା ପାଇଁ ବା ଏହାର ପରିମାପ ପାଇଁ ଅମ୍ଭମାନଙ୍କୁ କବିତା ନିକଟକୁ ହିଁ ଯିବାକୁ ପଡ଼ିବ। କବିତା ବିନା ଆମର ବିଜ୍ଞାନ ଅସମ୍ପୂର୍ଣ୍ଣ ରହିଯିବ। ବର୍ତ୍ତମାନ ଯୁଗର ଧର୍ମ ଓ ଦର୍ଶନ କବିତା ଦ୍ୱାରା ହିଁ ଅଧିକୃତ ହେବ (୫)। ଭାରତୀୟ ଆର୍ଯ୍ୟ ଏହା ଉପଲବ୍ଧି କରି ଗୀତା ଓ ଉପନିଷଦ ରଚନା କରିଛନ୍ତି। ଓଡ଼ିଆରେ ନୀରସ ଗଣିତ ଶାସ୍ତ୍ର ମଧ୍ୟ ରସିକ ରସିକାଙ୍କ କାବ୍ୟକୁଞ୍ଜରେ ପ୍ରକାଶିତ।

---

(୪) ସାହିତ୍ୟର ସ୍ୱରୂପ—ରବୀନ୍ଦ୍ରନାଥ ପୃ ୪—୫

(୫) The Study of Poetry—M. Arnold.

"More and more mankind will discover that we have to turn to poetry to irterprete. life for us, to console us, to sustain us. Without poetry, our science will appear incomplete and most of what now passes with us for religion and philosophy will be replaced by poetry.

Digitized by PPRACHIN, SOA

ଭାରତୀୟ ଓ ୟୁରୋପୀୟ ସାହିତ୍ୟ ସମାଲୋଚକଗଣଙ୍କର ଦାର୍ଶନିକତା କ୍ଷେତ୍ରରେ ସାମ୍ୟ କେବଳ ଆକସ୍ମିକ ଘଟନାବିଶେଷ ବୋଲି ଉଡ଼ାଇ ଦିଆଯାଇ ପାରିବ ନାହିଁ । ଅନ୍ୟପକ୍ଷରେ ସୂକ୍ଷ୍ମ ଭାବରେ ବିଚାର କରି ଦେଖିଲେ ଏହା ହିଁ ସ୍ୱାଭାବିକ ବୋଲି ବୋଧହୁଏ । ସାହିତ୍ୟ ଓ ଜୀବନ ମଧ୍ୟରେ ଅତି ଘନିଷ୍ଠ ସମ୍ବନ୍ଧ ବିଦ୍ୟମାନ । ସାହିତ୍ୟ ମାନବ ଜୀବନର ପ୍ରତିକୃତି ମାତ୍ର, ଯଦିଓ କବିକଳ୍ପନା ତାହାକୁ ନାନା ବର୍ଣ୍ଣରେ ରଞ୍ଜିତ କରି ସହୃଦୟ ପାଠକଙ୍କ ସମ୍ମୁଖରେ ଉପସ୍ଥାପିତ କରେ । ସୁତରାଂ ମାନବଜୀବନ ସମ୍ବନ୍ଧରେ ଯାହାର ଅନ୍ତର୍ଦୃଷ୍ଟି ଯେତେ ଗଭୀର, ତାହାର ଉଦ୍ଦେଶ୍ୟ ଓ ପରିଣତି ସମ୍ବନ୍ଧରେ ଯାହାର ଅନୁଭୂତି ଯେତେ ସୁସ୍ପଷ୍ଟ, ସାହିତ୍ୟର ଉଦ୍ଦେଶ୍ୟ, ସ୍ୱରୂପ ପ୍ରଭୃତି ବିଷୟରେ ତାହାର ଅଭିମତ ସେତେ ଗମ୍ଭୀର ଓ ତଥ୍ୟପୂର୍ଣ୍ଣ । ମାନବ ଜୀବନର ଗୂଢ଼ ରହସ୍ୟ ସମ୍ବନ୍ଧରେ ଦାର୍ଶନିକ ମନୀଷିଗଣଙ୍କ ଅନ୍ତର୍ଦୃଷ୍ଟି ସର୍ବାପେକ୍ଷା ଅଧିକ ତୀକ୍ଷ୍ଣ (୭) ।

ତେଣୁ ଏ ସମସ୍ତ ଦିଗରୁ ଓ ଦୃଷ୍ଟିରୁ ବିଚାର କରି ଦେଖିଲେ ଦେଖାଯାଏ କବି ଗଙ୍ଗାଧରଙ୍କର ଥିଲା ନିଗୂଢ଼ ଅନ୍ତର୍ଦୃଷ୍ଟି । ଅନ୍ତର୍ଦୃଷ୍ଟି ଓ ବହିର୍ଦୃଷ୍ଟି ଉଭୟର ସମ୍ମିଶ୍ରଣ ତାହାଙ୍କଠାରେ ସଂଘଟିତ ହୋଇ ବାଜି ଉଠିଥିଲା କୋଟି ମନ୍ୱନ୍ତରର ସର୍ଜନବେଣୁ । 'ତପସ୍ୱିନୀ' ବା 'ପ୍ରଣୟବଲ୍ଲରୀ'ରେ କବି ଗଭୀର ଅନ୍ତର୍ଦୃଷ୍ଟି ତଥା ବହିର୍ଦୃଷ୍ଟିର ପରିଚୟ ଦେଇଅଛନ୍ତି । ମାନବ ଓ ପ୍ରକୃତି ଉଭୟ ପ୍ରତି ସେ ସୂକ୍ଷ୍ମ ଦୃଷ୍ଟି ନିକ୍ଷେପ କରିଛନ୍ତି ।

---

(୭) ସାହିତ୍ୟ ମୀମାଂସା—ବିଷ୍ଣୁପଦ ଭଟ୍ଟାଚାର୍ଯ୍ୟ ପୃ ୮—୯ ।

Digitized by PPRACHIN, SOA

ସଭ୍ୟତାର ବିକାଶ ଦିନଙ୍କର କଥା ନୁହେଁ । ଯୁଗ ଯୁଗ ଲାଗି ଦେଶ ଓ କାଳ (Time and space) କୁ ଭଲି ମନୁଷ୍ୟ ମନରେ ପ୍ରତିପତ୍ତି ବିସ୍ତାର କରନ୍ତି, ତାହାର ବିବରଣ ପଣ୍ଡିତମାନେ ଦେଇଛନ୍ତି । ବହିର୍ଜଗତ ସମ୍ବନ୍ଧ ଘଟାଇବାରେ ଏ ସମସ୍ତ ପ୍ରତ୍ୟୟ ମନରେ ଉଙ୍କିମାରେ । ସଭ୍ୟତାର ପ୍ରଧାନ ପରିଚୟ ବ୍ୟକ୍ତିତ୍ୱବୋଧ । ଏପରି ସମାଜ ଓ ବ୍ୟକ୍ତି ମଧ୍ୟରେ ଦ୍ୱନ୍ଦ୍ୱାଶ୍ରୟୀ ସମ୍ବନ୍ଧର ଦୀର୍ଘ ଇତିହାସ ଏବଂ ବ୍ୟକ୍ତି ଅନୁରୂପ ମର୍ଯ୍ୟାଦା ପାଇବାକୁ ଲାଗିଲା, ତାହାର ବ୍ୟାଖ୍ୟା ହେଉଛି ସଭ୍ୟତାର ଇତିହାସ । ବହିର୍ଜଗତର ବିରୋଧୀ ଶକ୍ତି, ଅନ୍ଧ ପ୍ରକୃତି, ଜୀବଜନ୍ତୁ, ହିଂସ୍ର ଗୋଷ୍ଠୀଙ୍କ ଦଳାଦଳି ଯେ ପର୍ଯ୍ୟନ୍ତ ମନୁଷ୍ୟର ଶୁଭ ବୁଦ୍ଧି କର୍ତ୍ତୃତ୍ୱରେ ରୂପାନ୍ତରିତ ହେବାର ସମ୍ଭାବନା ରହିଛି, ସେତେ ଦିନଯାଏ ବ୍ୟକ୍ତିର ଏ ମହିମା ଲୋକଙ୍କ ମନକୁ ଛୁଇଁ ନାହିଁ । ବ୍ୟକ୍ତିତ୍ୱର ସ୍ୱରୂପ ନିର୍ଦ୍ଧାରଣ ଅଶାର ଜନ୍ମରେ । ମାନବ ସଭ୍ୟତାର ବିଶେଷ ଏକ ପରିଣତିରେ ହିଁ ତାହା ସମ୍ଭବ । କିନ୍ତୁ ବର୍ତ୍ତମାନ ବି ସବୁ ଅଶାକୁ ସଫଳ କରିବା ସମ୍ଭବ ହୋଇନାହିଁ (୭) । ତେଣୁ ମାନବ ସଭ୍ୟତାର ଘାତ ପ୍ରତିଘାତରେ ଲୋକଙ୍କ ମନର ଅଫୁରନ୍ତ ଅଭିବ୍ୟକ୍ତି କେତେବେଳେ କି ରୂପ ପରିଗ୍ରହ କରନ୍ତି, ତାହା ସାଧାରଣ ପକ୍ଷରେ ଚିନ୍ତାର ଅତୀତ । ଆମ ଦେଶର ଲେଖକ ଓ କଳାକାରଙ୍କ ମଧ୍ୟରେ ସାଧନା ରହିଛି, ହେଲେହେଁ ଅଭ୍ରୁର ସନ୍ଧାନର ଅବଶ୍ୟକତା ରହିଛି । କାରଣ, ଆମ ଦେଶରେ ୟୁରୋପ ଭଳି ଗଣବିପ୍ଳବ ହୋଇନାହିଁ । ବୁର୍ଜୁୟାର ବିକାଶ ବି ହୋଇନାହିଁ । ଆମର ଜାଗରଣ ଅସମ୍ପୂର୍ଣ୍ଣ, ମୌଳିକ ନୁହେଁ, ପାରଂପରିକତାର ପ୍ରଚଳନ ମାତ୍ର । ସାହିତ୍ୟରେ

---

(୭) ସାହିତ୍ୟର ଭବିଷ୍ୟତ—ବିଷ୍ଣୁ ଦେ

Digitized by PPRACHIN, SOA

ଐତିହାସିକତାର ଆନ୍ଦୋଳନ ଯେ ମୀତବାକ୍ଷୀ ତା' ନୁହେଁ, ତଦୁପରି ନିରର୍ଥକ । କାରଣ, ଆନ୍ଦୋଳନର ପ୍ରବର୍ତ୍ତିକଗଣ ଲେଖକଙ୍କୁ ଯେଉଁ ଭାବଧାରା ଦେବାକୁ ଚାହୁଁଛନ୍ତି, ତା' ନ ଦେଇ ସେ ରହିପାରେ ନାହିଁ । ଯେଉଁ ଦେଶରେ ଯେଉଁ କାଳରେ ସେ ବଢେ଼, ସେହି ଦେଶର ବାୟୁ ତାର ନିଶ୍ୱାସ, ସେହି ଦେଶର ମାଟିରେ ପୁଷ୍ଟ ତା'ର ଶରୀର, ସେହି ସମୟର ପରିବେଷ୍ଟନୀରେ ପରିଗଠିତ ତା'ର ମନ ମଧ୍ୟରୁ ହିଁ ତାହା ପ୍ରକାଶ ପାଏ । ତେଣୁ ତାର ବିଷୟବସ୍ତୁ, ରଚନାର ଉପକରଣ, ତାହାର ଜୀବନ କାଳର ପରିଧିରୁ ହିଁ ସେ ସଂଗ୍ରହ କରେ । ଅଧିକନ୍ତୁ, ରଚନାର ରୂପ ଓ ରୀତି ଅର୍ଥାତ୍ ତାର କଳାକୌଶଳ କାଳାଦିଷ୍ଟ । ବର୍ଣ୍ଣାଡ଼ଶ'ସେକ୍ସପିଅରଙ୍କ ସମସାମୟିକ ନ ହେଲେ ବି ଅମିତାକ୍ଷର ଛଡ଼ା ନାଟକ ଲେଖି ଜାଣନ୍ତି ନାହିଁ । ଏଥିରୁ ବୁଝିବାକୁ ହେବନାହିଁ ଯେ ଲେଖକମାନେ ଇତିହାସର ଗୋଟିଏ ଗୋଟିଏ ଉପସର୍ଗ ବା କାଳତରଙ୍ଗର ଗୋଟିଏ ଗୋଟିଏ ବିକ୍ଷେପ । କାରଣ ଉପାୟ ଆଉ ଉପକରଣ ମିଳିଲେ ମଧ୍ୟ ସାହିତ୍ୟ ସୃଷ୍ଟି ହୋଇ ପାରେନାହିଁ । ଏ ଦୁଇ ବସ୍ତୁ ଅନୁସ୍ୟୂତ, ସୁସଂବଦ୍ଧ, ଅର୍ଥମୟ ହୋଇ ତୃତୀୟ ଜିନିଷଟିକୁ ଜନ୍ମ ଦିଅନ୍ତି । ତାହା କୌଣସି ଦେଶ କାଳର ଗଣ୍ଡି ମଧ୍ୟରେ ଆବଦ୍ଧ ରହେ ନାହିଁ, ବିଶ୍ୱମୟ ବ୍ୟାପ୍ତ ହୁଏ । ଶିଳ୍ପୀ-ନାମଯୋଗ୍ୟ ଲେଖକ ମାନଙ୍କୁ ହିଁ କିୟତ୍ ପରିମାଣରେ ଦେଶ କାଳାତୀତ ହେବାକୁ ହେବ । ଯାହାର ମନ ଯେତେ ମୁକ୍ତ, ସେ ସେତେ ବଡ଼ ଲେଖକ । କିପଲିଂ (Kipling) ଙ୍କର ଥିଲା ଅଗାଧ ଉପକରଣ, କଳାକୌଶଳରେ ଚମକପ୍ରଦ ଦକ୍ଷତା, ତେବେ ହେଁ ତାଙ୍କର ମନ କେବଳ ଦେଶକାଳରେ ପରିସୀମିତ ଥିଲା ବୋଲି ଲେଖକ ହିସାବରେ ତାଙ୍କର କ୍ଷୁଦ୍ରତ୍ୱ ଘୁଞ୍ଚିଲା ନାହିଁ ।

Digitized by PPRACHIN, SOA

ପକ୍ଷାନ୍ତରେ, ତାଙ୍କର ସମସାମୟିକ କବି Yeats ଙ୍କର ଉପକରଣ ପରିଧି Kipling ଙ୍କ ତୁଳନାରେ ସ୍ୱଳ୍ପ, କଳା-କୌଶଳରେ ବୈଚିତ୍ର୍ୟ ଓ ରମଣୀୟତାର ଅଭାବ ତଥାପି ତାଙ୍କର ଦେଶକାଳାତୀତ ମୁକ୍ତ ମନର ଅମୃତ କ୍ଷରଣରେ ସେ ସାହିତ୍ୟ ଧ୍ରୁବଲୋକରେ ଆସୀନ ହେଲେ (୮)।

କବି ମେଘେରଙ୍କର କବିତ୍ୱ ଉପାଦାନର ଉପକରଣ, ଗୁରୁଠାରୁ ଶିକ୍ଷା ଅଧିକ ଅଭାବ ରହିଥିଲା, ତଥାପି ସେ ତୃତୀୟ ବସ୍ତୁଟିକୁ ଜାତ କରି ପାରିଛନ୍ତି, ଏହା ତାଙ୍କର ଅଲୌକିକ ପ୍ରତିଭାର ନିଦର୍ଶନ । ସେ ସାଧାରଣ କ୍ଷେତ୍ରରୁ ହିଁ ତାଙ୍କର ଉପକରଣ ସଂଗ୍ରହ କରି ସେଇଥିରେ ବୈଚିତ୍ର୍ୟ ପ୍ରତିପାଦନ କରିବାକୁ ଚେଷ୍ଟିତ ହୋଇଛନ୍ତି । ଦେଶ ଓ କାଳକୁ ଅତିକ୍ରମ କରିବାକୁ ଚେଷ୍ଟା କରିଛନ୍ତି । ତାଙ୍କର ମେଘ କେବଳ ସମ୍ବଲପୁର କି ଓଡ଼ିଶାକୁ ଆସେ ନାହିଁ, ଆସେ ସମଗ୍ର ଧରାପୃଷ୍ଠକୁ । ସେ ତାକୁ ସ୍ୱାଗତ କରିଛନ୍ତି, ଅଭିନନ୍ଦନ ଜଣାଇଛନ୍ତି । କାରଣ, ତୃଷ୍ଣାତୁର ଚାତକକୁଳଙ୍କ ପ୍ରାର୍ଥନା ଶୁଣି ନିଦାଘ ତପ୍ତ, ଜୀର୍ଣ୍ଣ, ଶୀର୍ଣ୍ଣ ଧରଣୀ ଉପରକୁ ଓହ୍ଲାଇ ଆସେ ବର୍ଷା । ଜଳଭରାବନତ ମେଘମାଳା, କେଉଁଠି ନୀଳୋତ୍ପଳ ପରି ଭଲ, କେଉଁଠି ବା ମର୍ଦ୍ଦିତ ଅଞ୍ଜନରାଶି ଭଳି ଆକାଶ ସାରା ଆବୃତ କରନ୍ତି । ଅନବଚ୍ଛିନ୍ନ ବାରିବର୍ଷଣ ଓ ଶ୍ରୁତି ମନୋହର ମୃଦୁ ଧ୍ୱନି କରୁ କରୁ ଧୀରେ ଧୀରେ ଚାଲିଯାନ୍ତି ମେଘମାଳା । ବଜ୍ର ନିନାଦରେ ବିଦ୍ୟୁତ୍ ସମ—ଗୁଣ—ଯୋଜିତ ଇନ୍ଦ୍ରଧନୁ ଯେଉଁ ସୁତୀକ୍ଷ୍ଣ ବୃଷ୍ଟିଧାରାରୂପକ ଉଗ୍ର ବାଣାଘାତରେ ପ୍ରବାସୀମାନଙ୍କର ମନକୁ ମଥିତ କରନ୍ତି ସେମାନେ । ଭୂମି ଭେଦ

(୮) ସାହିତ୍ୟ ଚର୍ଚ୍ଚା—ବୁଦ୍ଧଦେବ ବସୁ ପୃ ୧୬୨

Digitized by PPRACHIN, SOA

ନବ ବୈଦୂର୍ଯ୍ୟମଣି ତୁଲ୍ୟ ଜନ୍ମିଥିବା ତୃଣାଙ୍କୁର ଓ ରକ୍ତ ବର୍ଣ୍ଣର ସାଧବବଧୂ ଦ୍ୱାରା ଭୂମି ପୂର୍ଣ୍ଣ ହୋଇଯାଏ । ମୟୂର ମୟୂରୀ ଆନନ୍ଦରେ ମଧୁର କେକାରବ କରି ପୁଚ୍ଛବିସ୍ତାର ପୂର୍ବକ ସ୍ୱାଗତ ଜଣାନ୍ତି । ଛତ୍ରବକଳ ଏଇ ଧରଣୀ ବକ୍ଷରେ ମେଘ ହୋଇ ଉଠେ ସୁଧାଧାର ଅଶୀର୍ବାଦ । ତେଣୁ 'ଋତୁସଂହାର'ର କବି ଗାଇଉଠନ୍ତି—

"ଶଶୀକରାମ୍ଭୋଧର ମତ୍ତ କୁଞ୍ଜର
ସ୍ତଡ଼ିତ୍ ପତାକୋଽଶନି ଶବ୍ଦ ମର୍ଦ୍ଦଳଃ,
ସମାଗତୋ ରାଜବଦୁଦ୍ଧତ ଦ୍ୟୁତି—
ର୍ଘନାଗମଃ କାମିଜନ ପ୍ରିୟଃ ପ୍ରିୟେ ।" (୯)

ହେ ପ୍ରିୟେ, ବିନ୍ଦୁନିକରପୂର୍ଣ୍ଣ ବାରି ରୂପ ମତ୍ତହସ୍ତୀ, ବିଦ୍ୟୁତ୍ ରୂପ ପତାକା, ଅଉ ବଜ୍ର ଧ୍ୱନି ରୂପ ବାଦ୍ୟ ଯନ୍ତ୍ର ସଙ୍ଗରେ ଧରି ବିଳାସୀମାନଙ୍କ ପ୍ରିୟ ଶୋଭାମୟ ବର୍ଷାକାଳ ଅନୁରଞ୍ଜନକାରୀ ରାଜନ ସଦୃଶ ଆସି ଉପସ୍ଥିତ ହୋଇଅଛି ।

କିନ୍ତୁ ବର୍ଷା-ଶିଳ୍ପର କବି ଗଙ୍ଗାଧର ବର୍ଷାକୁ ନାଟ୍ୟକାର ସହିତ ତୁଳନା କରିଛନ୍ତି । ସେ ଆସେ, ନୂଆ ନୂଆ ଅଭିନୟ ଦେଖାଇ ଚାଲିଯାଏ । କେତେବେଳେ ନବଘନ ଦିଗବଶେଷରୁ ଉଦିତ ହୋଇ ଦେଖୁ ଦେଖୁ ସମଗ୍ର ଆକାଶ ଢାଙ୍କି ଦିଏ । ସ୍ୱର୍ଣ୍ଣ ବର୍ଣ୍ଣ ଖରା ଅନ୍ତର୍ହିତ ହୁଏ । ବସୁମତୀ-ରାଣୀର ଅଙ୍ଗରୁ ପୀତାମ୍ବର କାଢ଼ି ଶ୍ୟାମ ଶାଢ଼ୀ ପିନ୍ଧାଇ ଦେଲା ଭଳି ବୋଧହୁଏ ।

ପ୍ରାଚୀ ନୀଳ ନଭରେ ସବିତାମଣ୍ଡଳ ଓ ପ୍ରତୀଚୀ ମୂଳରେ ନୀଳ ନୀରଦପଟଳ ଦେଖାଯାଏ । ସେଗୁଡ଼ିକ କବିଙ୍କ ଦୃଷ୍ଟିକୁ 'ଦିଗଙ୍ଗନା

(୯) ଋତୁସଂହାର—କାଳିଦାସ

Digitized by PPRACHIN, SOA

ଯୁଗ ବେଶ ରତ୍ନ ଭୂଷା' ଭଳି ଦେଖାଯାଉଛନ୍ତି । ଉଦାଉଦାଳିଆ ତରୁଚୂଡ଼ାରେ ବାରମ୍ବାର ବସୁଛନ୍ତି, ଜଜଳପାଡ ପକ୍ଷୀ ଥରେ ଥରେ ଶିଘ୍ର ଭର ଉଡ଼ି ଭଙ୍କେ, ଝିଣ୍ଟିକା ଅଦକୁ ଆସ୍ୱାଦ୍ କରୁଛନ୍ତି । କଦମ୍ବ, କୂଟଜ ଆଦି ନାନାଜାତିର ପୁଷ୍ପ ପୂର୍ଣ୍ଣ ବାଉଗିଚାହୋଇ ସୂର୍ଯ୍ୟକିରଣରେ ଅତୁଳନୀୟ ସୌନ୍ଦର୍ଯ୍ୟ ବିଭୂଷିତ ହୁଅନ୍ତି । ଇନ୍ଦ୍ରନୀଳମଣି ଭଳି ଜମ୍ବୁ ଫଳକୁ ଶୁକମାନେ ଆହାର କରି ଆନନ୍ଦରେ ବିହାର କରନ୍ତି । ମରକତ ପତ୍ର, ପଦ୍ମରାଗ ଫଳାନ୍ବିତ ବହୁପଦ-ତରୁ ରବି କିରଣରେ ରସାଣିତ ହୋଇଥାନ୍ତି । ଦେବାଳୟ ଚୂଡ଼ାର ସ୍ୱର୍ଣ୍ଣ କଳସ ମନୋହର ଦେଖାଯାଏ । କୁଷ୍ମାଣ୍ଡ କୁସୁମରେ କୁଟୀର ଶୋଭାପାଏ । ପୁଣି—

"ଧରମ୍ବୁଲେ ଜେବେ ନୀଳଘନ ଧାଏ ଦେଖା,
ଶୀର୍ଷରେ ଶୋଭଇ ତାର ଶୁଭ୍ର ଅଭ୍ର ରେଖା ।
ଦିଗ୍‌ଗଜ ପୃଷ୍ଠରେ ରମ୍ୟ ରଜତ ଅମାରି,
ଭ୍ରମ ଉପୁଜାଏ ସେହି ଦୃଶ୍ୟ ମନୋହାରି ।
ବଳାହକ ତଳେ ନଭେ ବକମାଳ ଉଡ଼ି,
ଦିଶେ ଯେହ୍ନେ ଗଙ୍ଗା ଗଳେ ରଜତ ଘାଗୁଡ଼ି ।
କେତେବେଳେ ପ୍ରଭଞ୍ଜନ ତଡ଼ଇ ଅସାର,
ଅବନୀରେ ପଡ଼େ ହୋଇ ଘନ ବାରି ଧାର ।
କେବଳ ଦିଶଇ ତଡ଼ିଦଗ ଧାରାମୟୀ,
ଜଳଧରମୟ ବ୍ୟୋମ, ଜଳମୟ ମହୀ ।" (୧୦)

---

(୧୦) ବର୍ଷାଦେବ—କବିତା କଲ୍ଲୋଳ

Digitized by PPRACHIN, SOA

ପାଠକଙ୍କର ଚିତ୍ତ ସମ୍ମୁଖରେ ବର୍ଷାଋତୁର ଏକ ଜୀବନ୍ତ ମନୋହର ଚିତ୍ର ଦେଖାଯାଏ ।

ଆକାଶ ଅବନୀ ଜଳଶାୟୀ ହୋଇପଡ଼ନ୍ତି । କୃଷିକ୍ଷେତର କୃଷିବନ୍ଧକୁ ଲଙ୍ଘନକରି ଜଳଧାର ଅବିରତ ପ୍ରବାହିତ ହୁଏ । କୃଷିପ୍ରଧାନ ଓଡ଼ିଶାର କବି ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଣ୍ଣନ କରୁ କରୁ ଉର୍ଦ୍ଧ୍ୱରେ କୃଷିକାର୍ଯ୍ୟର ଉଲ୍ଲେଖ କରିବାକୁ ଭୁଲିନାହାନ୍ତି । ଏ ଦେଶର କୃଷି ଓ କୃଷକଙ୍କୁ ମଧ୍ୟ ସେ ତାଙ୍କର ଲେଖନୀ ମୁନରେ ସ୍ୱାଭାବିକତାର ପରିଚୟ ଦେଇପାରିଛନ୍ତି । ପର୍ବତରୁ ଝର୍ଝର ନିନାଦରେ ଝରୁଥିବା ବାରିଧାର ତୁଲ୍ୟ ଅନ୍ତାଳିକାର ଗଜ ଶୁଣ୍ଢରୁ ଭୂପତିତ ଜଳ, ନଦୀର ଗର୍ଜନ, ବୃଷ୍ଟିର ଶବ୍ଦ, ବାରିବିନ୍ଦୁର ଟପର ଟପର ଧ୍ୱନି, କାସାରରେ ମୀନଗଣଙ୍କ ନୃତ୍ୟ, ବନଗଜଗଣଙ୍କର କ୍ରୀଡ଼ା, ଦାବାନଳ ତାପମୁକ୍ତ ମୃଗଯୂଥଙ୍କର ଆନନ୍ଦରେ ତୃଣ ଭୋଜନ, ମାଣିକ୍ୟ ମଞ୍ଜୁଳ ଇନ୍ଦ୍ରଗୋପମାନଙ୍କର ବାଲୁକାମୟ ଭୂମିରେ ସଞ୍ଚରଣ, ମାଳ ମାଳ ପକ୍ୱତାଳ ବୃକ୍ଷର ଶୋଭାପ୍ରତି କବିଙ୍କର କୌତୁହଳମୟୀ ଦୃଷ୍ଟି ଆକୃଷ୍ଟ ହୋଇଛି । କେବଳ ପୃଥିବୀ ପୃଷ୍ଠର ବର୍ଣ୍ଣନାରେ କବିଙ୍କ ଲେଖନୀ ନିଶ୍ଚେଷ୍ଟ ନ ହୋଇ ସେ ଅନ୍ତରୀକ୍ଷର ବର୍ଣ୍ଣନା କରିବାରେ ମଧ୍ୟ ପ୍ରବୃତ୍ତ ହୋଇଛି ।

"କେବେ ହୁଇ ହସ୍ତୀ ଉଠି ନୀରଦ ପଟଳ,
ଗ୍ରାସଇ ତାରକାପୂର୍ଣ୍ଣ ଗଗନ ମଣ୍ଡଳ ।
ରତନେ ମଣ୍ଡିତ ପୁର ପ୍ରାସାଦର ବାଟ,
ରୁଦ୍ଧ ହୁଏ କି ତା ପଡ଼ ଯାଇଁ ଲ କବାଟ ?
ଗବାକ୍ଷ ପଥରେ ଜାଲ-ବାସ-ଅବରଣେ

Digitized by PPRACHIN, SOA

ସୁରବାଳା ମୁଖ ଭ୍ରମ ଜନମାଇ ମଠନ
ଏକ ଏକ ତେଜସ୍କର ତାରା ଗଗନରେ ।” (୧୧)

ତେବେ କେବେ ବିରଳ ଘନରେ ନିଷ୍ପ୍ରଭ ଦେଖାଯାନ୍ତି । କେବେ କେବେ ନୀଳ ନଭରେ ପୂର୍ଣ୍ଣଚନ୍ଦ୍ର ବିଶ୍ୱଚରାଚରକୁ ଧବଳିତ କରି ପାରଦମଣ୍ଡିତ କରିଦିଅନ୍ତି । ତେଣୁ ପ୍ରକୃତିରାଣୀ ଶୋଭା ପସରା ମେଲିଦିଏ । ପ୍ରକୃତିର ଉତ୍ସବ ସମୟ ହୁଏ । ତାହା ଦେଖି,

"ପ୍ରଦୀପ ଔଷଧି ଯେନି ହସଇ ଭୂଧର,
ଫେନ ବୀଚି ପରମ୍ପରା ନାଚଇ ସାଗର,
ପ୍ରଫୁଲ୍ଲ ଯୂଥିକା ଯେନି ହସଇ ଉଦ୍ୟାନ,
କାନନ ହସଇ ଯେନି ବନଫୁଲମାନ ।”

ସାଗର, ଭୂଧର, ଉଦ୍ୟାନ ସମସ୍ତେ ପ୍ରକୃତିର ମଧୁମୟ ରୂପ ସନ୍ଦର୍ଶନ କରି ମୁଗ୍ଧ ପ୍ରାଣରେ ନୃତ୍ୟ କରନ୍ତି । ସଂସାରରେ ଲୀଳାର ହାଟ ବସେ । ତେଣୁ ମେଠଦ୍ୱରଙ୍କ ଲେଖନୀରେ ସ୍ଥାବର, ଜଙ୍ଗମ, ଜଡ଼ମାନେ ମଧ୍ୟ ଜୀବନ୍ତ ହୋଇ ଉଠନ୍ତି । ପ୍ରକୃତି ଜୀବନ୍ତ, ସେ ସର୍ବଦା ଜାଗରିତ, ଏହାହିଁ ପ୍ରମାଣିତ କରିବାକୁ ଗଙ୍ଗାଧରଙ୍କ ଲେଖନୀ ସତତ ସଚେତନ ।

କେବଳ ବର୍ଷାର ମନୋହାରିତାରେ କବି ତୃପ୍ତ ନୁହନ୍ତି, କାରଣ ସୌନ୍ଦର୍ଯ୍ୟରେ ମନ ପୂରିବ କିନା, ପେଟ ଭରିବ ନାହିଁ ତ । ସେଥିପାଇଁ ସେ "ବର୍ଷାଋତୁ ପ୍ରତି" ନିବେଦନ ଜଣାଇଛନ୍ତି,

---

(୧୧) ବର୍ଷାଗମ—କବିତାକଲ୍ଲୋଳ

Digitized by PPRACHIN, SOA

"ଧାନେ କୁଣ୍ଠିତ କାହିଁକି ବରଷା,
ତୁମେ ମହୀର ସକଳ ଭରସା ।" (୧୨)

ଋତୁରାଜଙ୍କର ମେହେର ବର୍ଷାକୁ ଜୀବନ୍ତ ସାଧୁଜନ ସଙ୍ଗେ ତୁଳନାକରି ମହତ୍ ବ୍ୟକ୍ତିର ଭାବ ତା'ଠାରେ ଆରୋପିତ ହୋଇଛି ବୋଲି ବର୍ଣ୍ଣନାକରି ତାହାଙ୍କ ମତର ପୋଷକତା ପାଇଁ ବଳିଷ୍ଠ ଯୁକ୍ତିର ଅବତାରଣା କରିଛନ୍ତି ।

କେବଳ ବର୍ଷା ନୁହେଁ, ଶିଶିରସ୍ନାତ ଧରଣୀ ଉପରେ ଦେଖାଦିଏ ଋତୁରାଜ ବସନ୍ତ । ବୃକ୍ଷମାନେ ପୁଷ୍ପବନ୍ତ, ସରୋବର ପଦ୍ମପୂର୍ଣ୍ଣ, ରମଣୀଗଣ ଭୋଗଲୋଲୁପ, ବାୟୁ ସୌରଭପୂର୍ଣ୍ଣ, ସନ୍ଧ୍ୟାକାଳ ସୁଖଦାୟୀ ଓ ଦିବସର ଦୃଶ୍ୟ ରମଣୀୟ ହୋଇ ଉଠେ । ତାହା ଦେଖି 'ଋତୁ ସଂହାର'ର କବି ଗାଇ ଉଠନ୍ତି,

"ପ୍ରଫୁଲ୍ଲ ଚୂତାଙ୍କୁର ତୀକ୍ଷଣ ସାୟକୋ
ଦ୍ୱିରେଫ ମାଳା ବିଲସଦ୍ଧନୁର୍ଗୁଣଃ
ମନାଂସି ଭେତ୍ତୁଂ ସୁରତ ପ୍ରସଙ୍ଗିନା
ବସନ୍ତ ଯୋଦ୍ଧଃ ସମୁପାଗତଃ ପ୍ରିୟେ ।" (୧୩)

ଅନ୍ତରେ ପ୍ରଫୁଲ୍ଲ ମୁକୁଳ-ରୂପ ତୀକ୍ଷ୍ଣ ଶରଧାରୀ, ଭ୍ରମର ପଂକ୍ତି ରୂପ ଧନୁର୍ଗୁଣ ଶୋଭିତ ଯୋଧପ୍ରବର ବସନ୍ତବୀର, ବିଳାସେଚ୍ଛୁ-ଗଣଙ୍କ ହୃଦୟ ବିଦାରଣ କରିବାପାଇଁ ଉପସ୍ଥିତ ହୋଇଅଛି ।

---

(୧୨) ବର୍ଷାଋତୁ ପ୍ରତି—ଅର୍ଘ୍ୟଥାଳୀ—ମେହେର
(୧୩) ଋତୁସଂହାର—କାଳିଦାସ

Digitized by PPRACHIN, SOA

ବସନ୍ତକାଳ ସରୋବରର ସଲିଳକୁ, ମଣିମେଖଳାକୁ, ଚନ୍ଦ୍ରକିରଣକୁ, ମହିଳାଗଣଙ୍କୁ କୁସୁମାନତ ଆମ୍ର ବୃକ୍ଷକୁ ସୌଭାଗ୍ୟ ଦାନ କରେ ଅର୍ଥାତ୍ ଏହି କାଳରେ ଏମାନଙ୍କର ଶୋଭା ବର୍ଦ୍ଧିତ ହୋଇଥାଏ । ବସନ୍ତ ବିରାଜମାନ ହେଲେ ବିଳାସିନୀଗଣ କୁସୁମ ସୁମନ ବର୍ଣ୍ଣରେ ରଞ୍ଜିତ ବସ୍ତ୍ର ପରିଧାନ କରି ନିତମ୍ବ ଦେଶରେ ଓ କୁଙ୍କୁମ ବର୍ଣ୍ଣ ରଞ୍ଜିତ ସୂକ୍ଷ୍ମ ବସ୍ତ୍ରଦ୍ୱାରା ବକ୍ଷ ଅଚ୍ଛାଦନ କରି ଦେହର ସୌନ୍ଦର୍ଯ୍ୟ ବୃଦ୍ଧି କରନ୍ତି । ଏହି ସମୟ ରମଣୀଗଣଙ୍କ କର୍ଣ୍ଣ ଭୂଷଣଯୋଗ୍ୟ କର୍ଣ୍ଣିଅର ଫୁଲ ଓ କୃଷ୍ଣବର୍ଣ୍ଣ ଚଞ୍ଚଳ ଅଳକାଶୋଭନ ଅଶୋକ ପୁଷ୍ପରେ ଓ ବିକଶିତ ନବମଲ୍ଲିକାର ଶୋଭା ଆବିର୍ଭୂତ ହୋଇଥାଏ ।

ଏହି ବସନ୍ତର ବର୍ଣ୍ଣନା କରି ଗାଇ ଉଠିଲେ ବିଶ୍ୱନାଥ କବିରାଜ—

"ଲତା କୁଞ୍ଜଂ ଗୁଞ୍ଜନ୍ମଦ ବଦଳିପୁଞ୍ଜଂ ଚପଳୟନ୍
ସମାଲିଙ୍ଗନ୍ନଙ୍ଗ ଦ୍ରୁତତରମନଙ୍ଗମ୍ ପ୍ରବଳୟନ୍
ମରୁନ୍ମନ୍ଦଂ ମନ୍ଦଂ ଦଳିତ ମକରନ୍ଦଂ ତରଳୟନ୍
ରଜୋବୃନ୍ଦଂ ବିନ୍ଦନ୍ କିରତି ମକରନ୍ଦଂ ଦିଶି ଦିଶି ।" (୧୪)

ଲତାକୁଞ୍ଜରେ ଗୁଣୁଗୁଣୁ ଗୁଞ୍ଜନ କରୁଥିବା ଉନ୍ମତ୍ତ ଭ୍ରମର ସମୂହକୁ ଚପଳ କରି, ଅଙ୍ଗ ଆଲିଙ୍ଗନ କରି ଶୀଘ୍ର ଅନଙ୍ଗକୁ ପ୍ରବଳ କରି, ଦଳିତ ମକରନ୍ଦକୁ ତରଳ କରି, ପୁଷ୍ପ ରେଣୁମାନଙ୍କୁ ମନ୍ଦ ମନ୍ଦ ଭାବରେ ଦିଗମାନଙ୍କରେ ବିତରଣ କରି ଏହି ଦକ୍ଷିଣା ପବନ ବହୁଛି ।

(୧୪) ସାହିତ୍ୟ ଦର୍ପଣ—ବିଶ୍ୱନାଥ ।

Digitized by PPRACHIN, SOA

ବିଖ୍ୟାତ କବି ଜୟଦେବ ମଧ୍ୟ ବସନ୍ତ ବର୍ଣ୍ଣନା କରି ଲେଖିଛନ୍ତି—

"ଉନ୍ମୀଳନ୍ମଧୁ ଗନ୍ଧ ଲୁବ୍ଧ ମଧୁପ ବ୍ୟାଧୂତ ଚୂତାଙ୍କୁର
କ୍ରୀଡ଼ତ୍କୋକିଳ କାକଳୀ କଳକଳୈରୁଦ୍‌ଗୀର୍ଣ୍ଣ କର୍ଣ୍ଣଜ୍ୱରାଃ,
ନୀୟନ୍ତେ ପଥିକୈଃ କଥଂକଥମପି ଧ୍ୟାନାବଧାନ କ୍ଷଣ—
ପ୍ରାପ୍ତ ପ୍ରାଣ ସମାସମାଗମରସୋଲ୍ଲାସୈରମୀବାସରାଃ ।" (୧୫)

ଆମ୍ର ମଞ୍ଜରୀର ସୌରଭରେ ଚତୁର୍ଦ୍ଦିଗ ସୁବାସିତ ହେଉଅଛି । ଆମ୍ବ ଗଛ ଉପରୁ ଗାନରତ କୋକିଳର ମନୋହର ମଧୁରାଳାପ ମନକୁ ଉଚ୍ଛନ୍ନ କରୁଛି । ଏହି ବସନ୍ତରେ ଚିତ୍ତକୁ ଏକାଗ୍ର କରିବାକୁ ମୁହୂର୍ତ୍ତି ମାନଙ୍କେ ଆପଣାର ଅନ୍ତଃକରଣରେ ପ୍ରାଣ ପ୍ରିୟାର ସମାଗମ ସୁଖକୁ ସ୍ମରଣ ମାତ୍ରେ ବିରହୀ ବ୍ୟକ୍ତି ଯେନ-କେନ-ପ୍ରକାରେଣ କାଳକ୍ଷେପଣ କରୁଅଛି ।

ଉତ୍କଳର ଅନ୍ୟତମ ଲବ୍ଧପ୍ରତିଷ୍ଠ କବି ଦୀନକୃଷ୍ଣ କହନ୍ତି—

"କୁସୁମବନ୍ତ ମାଧବୀ ଧନୁଶୋଭା ଭ୍ରମର କଦମ୍ବ ଗୁଣରେ,
କରତୁକ କର କାମକୁ ବସନ୍ତ ଦେଇଅଛି ସଖାପଣରେ,
କିଂଶୁକ, ପାଟ କିରବାଳ ତାହାର,
କରିବାରୁ ରଙ୍ଗ କୋପେ ତାହା ସଙ୍ଗ ସୁଖୀ ନୋହୁଅଛି
କାହାର ।" (୧୬)

---

(୧୫) ଜୟଦେବ—ଗୀତ ଗୋବିନ୍ଦ ୧ମ ସର୍ଗ ।
(୧୬) ଦୀନକୃଷ୍ଣ—ରସକଲ୍ଲୋଳ ।

Digitized by PPRACHIN, SOA

ବସନ୍ତକାଳ ଆସିବାରୁ ପ୍ରସ୍ଫୁଟିତା ମାଧବୀଲତା ଧନୁରୂପେ ଭ୍ରମର ରୂପକ ଶରକୁ ଧରି ଶୋଭା ପାଉଅଛି । ବସନ୍ତ କାମକୁ ସଖାପଣରେ ତାହା କୌତୁକରେ ଦେଉଅଛି । ପଳାଶ ଫୁଲ ତାହାର ପାଠଖଣ୍ଡ । ତା'କୁ ନାଲି ଖାପରେ ରଖିବାରୁ କାହାର ସୁଖ ନ ହେଉଛି ।

ସେହିପରି ବସନ୍ତର ବର୍ଣ୍ଣନା କବି ଉପେନ୍ଦ୍ର ଭଞ୍ଜ ଲେଖିଥିଲେ—

"ମଳୟ ଶିଖରୀ ଶିରୀ ସ୍ପର୍ଶକରି ବହୁଲଣି ମନ୍ଦ ସମୀର,
ସୁମନାଙ୍କ ବାସ ସ୍ୱେଚ୍ଛାଇ ନେବଟି ବୋଲି କହୁଲଣି ଭ୍ରମର,
କେଶର, କେଶରେ ହେଲେଣି ମଞ୍ଜୁଳ,
କେଶରେ ମଣ୍ଡନ କରିବା ଭଳିରେ ଫୁଟିଲେଣି
କେତେ ବଞ୍ଜୁଳ । (୧୭)

ମଳୟ ପର୍ବତର ସମ୍ପଦ ଚନ୍ଦନ ଗନ୍ଧକୁ ସ୍ପର୍ଶ କରି ଧୀର ଗତିରେ ଦକ୍ଷିଣା ପବନ ବହୁଲଣି । ଫୁଲଙ୍କ ଗନ୍ଧ ଓ ସ୍ତ୍ରୀଙ୍କ ବସ୍ତ୍ର ସ୍ୱେଚ୍ଛାଇନେବ ବୋଲି ଭ୍ରମର କହୁଲଣି । ନାଗେଶ୍ୱର ଗଛ ଫୁଲରେ ମଣ୍ଡିତ ହୋଇ ସୁନ୍ଦର ଦିଶିଲେଣି । ଜୁଡ଼ାରେ ବିଭୂଷିତ ହେବା-ପାଇଁ କେତେ ବଉଳ ଫୁଲ ଫୁଟିଲେଣି ।

ଏ ହେଲା ବିଭିନ୍ନ କାଳରେ କେତେକ ପ୍ରସିଦ୍ଧ କବିଙ୍କ ଦ୍ୱାରା ଲିଖିତ ବସନ୍ତ ବର୍ଣ୍ଣନା ଏବଂ ଏ ସମସ୍ତ ବର୍ଣ୍ଣନାରେ ବସନ୍ତ ସହିତ କାମ, କାମିଜନ, ଭ୍ରମର, ଏଇମାନଙ୍କର ସମ୍ବନ୍ଧ । ସେମାନଙ୍କୁ ଛାଡ଼ି ଯେପରି ଅନ୍ୟ ବସନ୍ତ ବର୍ଣ୍ଣନା ହୋଇ ପାରିବ ନାହିଁ । ଏ ଏକପ୍ରକାର

(୧୭) ଉପେନ୍ଦ୍ର ଭଞ୍ଜ—ଲାବଣ୍ୟବତୀ ।

Digitized by PPRACHIN, SOA

ଗତାନୁଗତିକ (Stereo-typed) ବର୍ଣ୍ଣନା । ତେଣୁ ତାର ଅନ୍ୟ ଏକ ଦିଗ୍‌ଦର୍ଶନ ଦେଇ 'ମଳୟର ଅବାହନ' କରି ଗାଇ ଉଠିଲେ ଗଙ୍ଗାଧର—

"ଧୀରେ ଧୀରେ ଅସ ମଳୟ ପବନ
ଧୀରେ ଧୀରେ ଅସ ବନ୍ଧୁ,
ପୁଲକିତ କର ଉତ୍କଳବାସୀଙ୍କି
ଶୁଭ ସମାଗ୍ଭର କହୁ ।

ସ୍ୱାଗତ କରୁଛୁଁ ଉପହାର ଦେଇ
ଆମ୍ବ ବଉଳର ହସି,
ଉଦାର ହୃଦୟେ ଗ୍ରହଣ କର ତା
ମୃଦୁ ହିଲ୍ଲୋଳରେ ହସି ।

ସାଧୁ ସମୀପରେ ଉତ୍କର୍ଷ ଲଭଇ
ବନ୍ଧୁ ଦତ୍ତ ଉପହାର,
ତୁମ୍ଭ କରେ ପଡ଼ି କ୍ଷୁଦ୍ରୟ କ୍ଷୁଦ୍ରୟ
ଶ୍ରୀବୃଦ୍ଧି ହେବ ଏହାର ।

ଋଷିକୁଲ୍ୟା ଜଳେ ପୟର ପଖାଳି
ମହେନ୍ଦ୍ର, ଆସନେ ବସ,
ଚନ୍ଦ୍ରୋପଳା ଜଳେ ସ୍ନାନ କରି ପାନ-
କର ସ୍ୱର୍ଣ୍ଣରେଖା ରସ ।

ମହୋଦଧି ଜଳେ ତର୍ପଣ କରିକ
ବାହାରିବ ବନେ ବନେ,

Digitized by PPRACHIN, SOA

ନୃସିଂହନାଥର   ପ୍ରପାତ ଲଙ୍ଘନ
ଯହିଁ ମୁଗ୍ଧ ହେବ କ୍ଷଣେ ।" (୧୮)

ବସନ୍ତ ପ୍ରତିବର୍ଷ ମନ୍ଦିରେ ରାଜାପଣ କରେ । ଗତବର୍ଷ ଅସିଥିଲା, ଏ ବର୍ଷ ମଧ୍ୟ ଅସିଛନ୍ତି । ମନ୍ଦିରେ ଏ ବର୍ଷକ ମଧ୍ୟରେ କେତେ ପରିବର୍ତ୍ତନ, ବିପର୍ଯ୍ୟୟ ଘଟିଯାଇଛନ୍ତି । ବସନ୍ତ ବନ୍ଧୁ ହୋଇଥିବାରୁ ବନ୍ଧୁ ନିକଟରେ ମନଖୋଲି ସବୁ କଥା କହିଲେ ଦୁଃଖର ଉପଶମ ହୁଏ । ତେଣୁ ସେ ବସନ୍ତଙ୍କୁ କହିଛନ୍ତି—

"ତୁମ୍ଭ ଚାଲିଯିବା ପରେ   କେତେ ବିପର୍ଯ୍ୟୟ
ଘଟିଅଛି ଏ ଭୁବନେ,
ଶୁଣ ବନ୍ଧୁ ଅହେ   ତୁମ୍ଭଙ୍କୁ କହିବା-
ପାଇଁ ରଖିଅଛି ମନେ ।

ବନ୍ଧୁ ନିକଟରେ   ମନକଥା ସବୁ
କହିବାକୁ ଲାଗେ ସୁଖ,
ବସନ୍ତ ନିକଟେ   ତହିଁପାଇଁ ମିନା
ପିଇ ହୁଏ ବାବଦୁକ ।" (୧୯)

"ବନ୍ଧୁ ନିକଟରେ ମନକଥା ସବୁ କହିବାକୁ ସୁଖ ଲାଗେ," ଏ କଥା କେବଳ ବର୍ଣ୍ଣନାକମେ ବର୍ଣ୍ଣନା କହିବା ଅସଙ୍ଗତ ହେବ । କାରଣ କବିର ମାନସିକ ସ୍ତରର ଏହାହିଁ ଅଭିବ୍ୟକ୍ତି ।

---

(୧୮) ମଳୟ ଆବାହନ—ଅର୍ଘ୍ୟଥାଳୀ ।
(୧୯) ମଳୟ ଆବାହନ—ଅର୍ଘ୍ୟଥାଳୀ ।

Digitized by PPRACHIN, SOA

ଲଲିତାଙ୍କୁ ଶ୍ରୀମତୀ କହୁଛନ୍ତି—

"ଗୁପତେ ସିନା ମୁଁ ତୋତେ ପଚ୍ଛୁଳି
ବଲପଡ଼ିବାରୁ ବ୍ୟଥା ।"
(କିଶୋର ଚନ୍ଦ୍ରାନନ ଚମ୍ପୂ 'ଗ' ଗୀତ)

ଇଂରାଜୀ କବିଙ୍କର ମଧ୍ୟ ଏହାର ପ୍ରତିଧ୍ୱନି ଅଛି—
"A timely utterance gave
my thought relief."

କବି ବହୁ ବାଧା ବିପଦର ସମ୍ମୁଖୀନ ହୋଇଥିଲେ । ତାଙ୍କର ମନୋବେଦନା ପ୍ରକାଶ କରିବାକୁ ସେ ତାଙ୍କର ପରମ ସୁହୃଦ ବ୍ରଜମୋହନ ପଣ୍ଡାଙ୍କୁ ମଧ୍ୟ ଏହା ଲେଖିଛନ୍ତି ।

"ସମସ୍ତ ବିଶେଷରେ ମୋର ନାନା ପ୍ରକାର କଥା ଲେଖି ମନର କ୍ଷୋଭ ଦୂର କରୁଥିବି । ତହିଁରେ ଅପଣ ବିରକ୍ତ ହେବେନାହିଁ । କାହିଁ ନିକଟରେ ମନର କଥା ସବୁ ପ୍ରକାଶ କଲେ ବହୁ ପରିମାଣରେ ଦୁଃଖର ଲାଘବ ହୋଇଥାଏ ।" (୨୦)

ଏହି କ୍ଷୁଦ୍ର କବିତାଟିରେ ମଧ୍ୟ କବିଙ୍କ ବର୍ଣ୍ଣନାଚାତୁରୀ, ପ୍ରକୃତି ଚିତ୍ରଣ, ଅଲଙ୍କାର ବିନ୍ୟାସ, କଳ୍ପନାବିଳାସ, ଉପମା, ଦାର୍ଶନିକତା ତଥା କାବ୍ୟସୁଧା ପ୍ରକାଶିତ ହୋଇଅଛି । ହେଣ୍ଡ ପ୍ରତୀକ୍ଷିତ ମଳୟର ଅଗମନରେ ତାହାକୁ ଘନଘନ ଜିଜ୍ଞାସା କରୁଛନ୍ତି—

(୨୦) ଗଙ୍ଗାଧର ପତ୍ରାବଳୀ ପୃ ୩୧ ତା ୨୫।୧୧।୧୯୧୦ ।

Digitized by PPRACHIN, SOA

"କେଉଁ ଦୂର ଦେଶେ ଏତେ ଦିନ ଯାଇ
ଥିଲ କହ ବନ୍ଧୁବର,
ହୁଅଇ କି ସେଥି ଦେଶେ ସେହିପରି
ଅତପ ଝଡ଼ ଭାଦର ।
ପିଠାଇବ କି ନା ରସାଲ ଭଣ୍ଡାରି
ଅଣିଛ ନା ଏ ବରଷ,
ଦେଇ ଅନୁକୂଳ— ଉତ୍ତର, ସତ୍ୱର
ବଢ଼ାଅ ଅମ୍ଭ ହରଷ ।" (୨୧)

ଏ କବିତାଟିକୁ ପାଠ କଲେ ଲୋକ ପ୍ରଚଳିତ

"ଆସ ଆସ ପାରିଯୋଡ଼ିକ ମୋ ପିଢ଼ାରେ ବସ,
ଖାଇବାକୁ ଦେବି ତୁମକୁ ନଡ଼ିଆର ରସ,
ପିଇବାକୁ ଦେବି ତୁମକୁ ପଇଡ଼ର ପାଣି,
ଶୋଇବାକୁ ଦେବି ତୁମକୁ ମାଳଧର ଫେଣି",

ମନେ ପଡ଼େ । ଶଂସିତ କବିତାରେ ଋଷିକୁଲ୍ୟା ଜଳେ ପଦ୍ମର ପଖାଳିବା ଓ ମନୋହର ଅସନେ ବସିବା ଅଧ କହିବାରେ, ଏହି ଗ୍ରାମ୍ୟଗୀତକାହିଁ ପ୍ରତିଧ୍ୱନିତ ହୋଇଛି । ସେ ଯାହାହେଉ, ବସନ୍ତର ଆଗମନରେ ଧରା ଉଜ୍ଜ୍ୱଳ ଦେଖାଗଲା । ଆକାଶ ମଣ୍ଡଳ ଉଜ୍ଜ୍ୱଳ ଦିଶିଲା । ଅନ୍ଧକାରରେ ଯେଉଁ ଦୃଶ୍ୟର ଅଭାସ ମାତ୍ର ହେଉଥିଲା, ତାହା ସମ୍ପୂର୍ଣ୍ଣ ପରିବର୍ତ୍ତିତ

(୨୧) ମଳୟ ଆବାହନ—ଅର୍ଘ୍ୟଥାଳୀ ।

Digitized by PPRACHIN, SOA

ହୋଇଗଲା । ପୃଥିବୀ ତମିରମଗ୍ନ ଥିଲବେଳେ ବୁଧ, ଶୁକ୍ର, ମଙ୍ଗଳ ଅବ ପୃଥିବୀ ନିକଟରେ ବନ୍ଧୁ-ଗ୍ରହଗଣ ଦେଖାଯାଇ ସାନ୍ତ୍ୱନା ହୋଇ ମଧ୍ୟ ବନ୍ଧୁରୂପେ ଉପକାର କରିଛନ୍ତି, ତାହାଙ୍କୁ ଭୁଲିଯିବା ଠିକ୍ ହବ ନାହିଁ । ବହୁଦୂରରେ ଥାଇ ମଧ୍ୟ ତାରି-ବନ୍ଧୁ କୁଳ ସୌଜନ୍ୟ ଦେଖାଉଥିଲେ । ତେଣୁ—

"ଯେଉଁ ଉଦୂରେ ଥିଲେ ବନ୍ଧୁ ଆପଦ ସମୟେ,
ଅନୁକୂଳ୍ୟ ପ୍ରଦର୍ଶାଇ ଥାନ୍ତି ସୁହୃଦ୍‌ଭାବେ ।" (୨୨)

ସେଇଥିପାଇଁ ରତ୍ନଙ୍କ ଅଗମନରେ ଭ୍ରମରର ତାଙ୍କଠାରେ ଆବେଦନ । ସେ ପ୍ରତ୍ୟେକ ପୁଷ୍ପର ଦ୍ୱାରରେ ଦୀନ ଭିକ୍ଷୁକରୂପେ ଭିକ୍ଷା କରିଥାଏ କିନ୍ତୁ ତା ପ୍ରତି କେହି ଆଦର କରନ୍ତି ନାହିଁ । ତେଣୁ ସେ ଦେଶାନ୍ତରକୁ ଯାଇ ଲୋକମାନଙ୍କର ଦୁର୍ବ୍ୟବହାର ଦେଖି ବଡିଲତ । ସେ କହୁଛି—

"ଲୋକଙ୍କର ବ୍ୟବହାର କି କହିବ ଅଜ

× × ×

ଦେଖିଲି ମାନବଙ୍କର ତହିଁ ଅତ୍ୟାଗ୍ରହ-
ସ୍ୱାର୍ଥପାଇଁ ନ କରନ୍ତି ଧର୍ମର ବିଗ୍ରହ ।" (୨୩)

ପାଠକଲେ ରୂପକ ଛଳରେ ଭ୍ରମର ମୁଖରେ କବି ସେହି ଅତ୍ୟାଗ୍ରହୀ ବିଦେଶୀ ଶାସକଙ୍କ ନିଷ୍ଠୁର ନିର୍ଯ୍ୟାତନା ପ୍ରକାଶିତ କରିଥିବା ମନେହୁଏ ।

---

(୨୨) ବସନ୍ତ ବାସର—କବିତା କଲ୍ଲୋଳ
(୨୩) ବସନ୍ତ ବାସର—କବିତା କଲ୍ଲୋଳ

Digitized by PPRACHIN, SOA

'କୀଚକ-ବଧ'ରେ ବର୍ଣ୍ଣିତ ବସନ୍ତର ଆଗମନ ବର୍ଣ୍ଣନା ଉତ୍କଳ ସାହିତ୍ୟ କ୍ଷେତ୍ରରେ ଗଙ୍ଗାଧରଙ୍କର ଏକ ନୂତନ ପଦକ୍ଷେପ । ଭୌଗୋଳିକ ବିବରଣୀ ସହିତ କଳ୍ପନାର ସମ୍ମିଶ୍ରଣରେ କବିଙ୍କର କାଉଁସି ସ୍ୱର୍ଣ୍ଣ ଲଚି ଜୀବନ୍ତ ହୋଇଉଠିଛି । ତାହା ଗଙ୍ଗାଧରଙ୍କର ଏକାନ୍ତ ନିଜସ୍ୱ । ବସନ୍ତର ବିଜୟବାର୍ତ୍ତା ମାଦପ ଅମୀତ ପଜ ପରଭୃତ ପଠନରେ ଭୁବନରେ ପ୍ରଚ୍ଚରିତ ହେଲା । ଗ୍ରହରାଜ ସୂର୍ଯ୍ୟ ଋତୁ-ସମ୍ରାଟର ଆଗମନ ଶୁଣି ବକ୍ରପଥ ତ୍ୟାଗକରି ସରଳ ପଥରେ ଗମନ କଲେ । କାରଣ ସାଧାରଣ ଋତୁ ହୋଇ ମଧ୍ୟ ଶିଶିର ତାଙ୍କର ପ୍ରିୟା ପଦ୍ମିନୀକୁ ନାଶକଲେ ଓ ବର୍ଷା ତାହାଙ୍କୁ ଗ୍ରାସକରେ । ଏଣୁ ସ୍ୱୟଂ ଋତୁ-ସମ୍ରାଟର ଆବିର୍ଭାବରେ ଗ୍ରହରାଜ ବିଚଳିତ ହେବା ଅସ୍ୱାଭାବିକ ନୁହେଁ ।

ପ୍ରକୃତପକ୍ଷେ ବସନ୍ତର ଆଗମନ ବେଳକୁ ସୂର୍ଯ୍ୟ ମକରକ୍ରାନ୍ତି ତ୍ୟାଗକରି ବିଷୁବରେଖା ଆଡ଼କୁ ସଂକ୍ରମଣ କରନ୍ତି । ଏହି ସାଧାରଣ ତଥ୍ୟକୁ କବିକଳ୍ପନା ଅପୂର୍ବ ଭାବରେ ଚିତ୍ରଣ କରିପାରିଛି ।

ଶୀତ ଋତୁପରେ ବସନ୍ତର ଆଗମନ । ଶୀତକାଳରେ ଶିଶିରପାତ ଫଳରେ ପଦ୍ମିନୀର ମୃତ୍ୟୁ ହୁଏ । ତାହାକୁ କବି ରୂପାୟିତ କରିଛନ୍ତି,

"ଭାନୁ ଯମାଳୟୁ ଗମନ ଦେଖି ପଦ୍ମିନୀ ସତୀ,
ବସ୍ତ୍ର ପଦ—ସ୍ରୁତ ଜଳରେ ଝାସିଥିଲା ଝଟିତ ।
ତପ ଫଳେ ଏବେ ସୁନ୍ଦରୀ ନବ ଜନମ ଲଭି,
ଧ୍ରୁବ ସମ୍ମୁଖୀନ ପତିଙ୍କ ହେଲା ପ୍ରିୟବଲ୍ଲଭୀ ।" (୨୪)

(୨୪) କୀଚକ ବଧ—ଗଙ୍ଗାଧର

Digitized by PPRACHIN, SOA

ପତିଙ୍କ ମୃତ୍ୟୁରେ ବ୍ୟଥିତା ହୋଇ ସତୀ ନାୟିକା ପଦ୍ମିନୀ ଅକାଶ-ନିଃସୃତ ଜଳରେ ଝାସ ଦେଇଥିଲା । ମାତ୍ର ତା ଫଳରେ ନବଜନ୍ମ ଲଭକରି ଉତ୍ତର ଦିଗକୁ ଯାତ୍ରା କରୁଥିବା ପତିଙ୍କ ପ୍ରିୟବଲ୍ଲଭୀ ହେଲା କିନ୍ତୁ ପ୍ରକୃତପକ୍ଷେ ସୂର୍ଯ୍ୟଙ୍କ ଦକ୍ଷିଣ ଦିଗକୁ ଗମନ କାଳରେ ଶିଶିର ବୃଷ୍ଟିରେ ପଦ୍ମିନୀର ମୃତ୍ୟୁ ହୋଇଥିଲା । ଏବେ ବସନ୍ତ କାଳରେ ସୂର୍ଯ୍ୟଙ୍କ ଉତ୍ତରାୟଣ ସଙ୍ଗେ ସଙ୍ଗେ ପଦ୍ମର ପୁନର୍ଜନ୍ମ ହେଲା । ତାହାକୁ କବି ଏପରି ଭାବରେ ରୂପାୟିତ କରି ଏକ ନୂତନ ପନ୍ଥା ନିର୍ଦ୍ଦେଶିତ କରିଥିବା ମନେହୁଏ । ସ୍ଥୂଳତଃ କବି ଏଠାରେ ଶବ୍ଦର ଚାତୁରୀ ପ୍ରଦର୍ଶନ କରି ଯାଦୁକରର ମୋହନ ସ୍ପର୍ଶ ଦେଇଥିବା ପ୍ରତୀୟମାନ ହୁଏ ।

ରାଧାନାଥୀୟ ବାତାବରଣରେ ପରିବର୍ଦ୍ଧିତ ଗଙ୍ଗାଧର । ରାଧାନାଥ ଉଚ୍ଚ ଶିକ୍ଷିତ ଥିଲେ । ତେଣୁ ତାହାଙ୍କ କାବ୍ୟକବିତାରେ ସଂସ୍କୃତ, ଇଂରାଜୀ, ବଙ୍ଗଳା ଓ ପ୍ରାଚୀନ ଓଡ଼ିଆ କବିମାନଙ୍କର ଭାବଧାରାର ପ୍ରତିଫଳନ ଦେଖାଯିବା ଅସ୍ୱାଭାବିକ ନୁହେଁ । ଇଂରାଜୀ ଅନୁଦିତ ଗ୍ରୀକ୍ ପୁସ୍ତକମାନଙ୍କରୁ ମଧ୍ୟ ସେ କଥାବସ୍ତୁ ଗ୍ରହଣ କରିଥିଲେ । ନନ୍ଦିକେଶ୍ୱରୀ, ପାର୍ବତୀ, ଉଷା, ଚନ୍ଦ୍ରଭାଗା, ଯଯାତିକେଶରୀ, ଏ ସବୁଥିରେ ନାୟକ ବା ନାୟିକା ଉନ୍ମାଦିନୀ କାୟିକ ପ୍ରେମରେ ହିଁ ପାଗଳ । ନନ୍ଦିକା, ଉଷା, ଚନ୍ଦ୍ରଭାଗା କିମ୍ବା ସଂସାର ଅନଭିଜ୍ଞ କିଶୋର କିଶୋରୀ କେଦାର ଗୌରୀଙ୍କ ଜୀବନରେ ବସନ୍ତ ଅସିଛି ସତ୍ୟ, ବୃକ୍ଷରେ କଳି ଓ ପୁଷ୍ପ ଦେଖା ଦେଇଛି ସତ୍ୟ, ମାତ୍ର ସେ ପୁଷ୍ପ ଫଳରେ ପରିଣତ ହୋଇ ପାରିନାହିଁ । ପାଦପର ମନସ୍କାମନା ପୂର୍ଣ୍ଣ ହୋଇନାହିଁ । ଅକାଳରେ ମହୀରୁହର ପୁଷ୍ପ ମହୀଶାୟୀ ହୋଇଛି । ରାଧାନାଥଙ୍କର ଏଇସବୁ ନାୟକ ନାୟିକାଗଣ, ପ୍ରେମର ଫଳ ଭୋଗ କରିନାହାନ୍ତି, ଗୃହସଂସାର କରି

Digitized by PPRACHIN, SOA

ପାରିନାହାନ୍ତି । ଦୁର୍ବିପାକବେଳେ ହିଁ ସେମାନେ ମୃତ୍ୟୁର ଶୀତଳ ସ୍ପର୍ଶ ଲାଭ କରିଛନ୍ତି । ମାତ୍ର ଜୀବନକାଳ ମଧ୍ୟରେ ଜୀବନର ଅବଶ୍ୟକତା ପୂରଣପଥରେ ଗୃହସଂସାରର ଜଞ୍ଜାଳ ନ ସହିଲେ ଜୀବନର ସଂହତି ପୂରଣ ବା ପୂର୍ଣ୍ଣତା ପ୍ରାପ୍ତି ହୋଇପାରେ ନାହିଁ । ଗୃହସଂସାର ମଧ୍ୟରେ ଯଦି ପ୍ରେମର ଶେଷ ପ୍ରମାଣ ଦେଖିପାଇପାରେ ତାହାହିଁ ହେବ ଉତ୍କୃଷ୍ଟ ପ୍ରେମ ।

ଗଙ୍ଗାଧରଙ୍କ ବର୍ଣ୍ଣିତ ପ୍ରଣୟର ପ୍ରଣୟୀଯୁଗଳ ପ୍ରୟୋଜନର ପୂର୍ତ୍ତି ପରେହିଁ ସଂସାରଲୀଳା ସାଙ୍ଗ କରିଛନ୍ତି ।

ତେଣୁ ସେଠାରେ ପ୍ରେମର ଅବିଚଳିତତା ସ୍ପଷ୍ଟ ହୋଇ ଉଠିଛି । 'ତପସ୍ୱିନୀ'ର ସୀତା, 'ପ୍ରଣୟବଲ୍ଲରୀ'ର ଶକୁନ୍ତଳା, ବା 'ଇନ୍ଦୁମତୀ'ର ଇନ୍ଦୁମତୀ ପ୍ରଣୟର ଫଳ ପ୍ରସବ କରି ସାରିବା ପରେ ମାନବଲୀଳା ସମ୍ବରଣ କରିଛନ୍ତି ।

କେବଳ ସେତିକି ନୁହେଁ, ହିନ୍ଦୁର ଆରାଧ୍ୟ ତଥା ନମସ୍ୟ ତେତିଶ କୋଟି ଦେବତାମାନଙ୍କ ମଧ୍ୟରୁ କାମଦେବ ମଧ୍ୟ ଅନ୍ୟତମ । ତାହାଙ୍କୁ ସଂସାର ଲୀଳାର ଆଦି କାରଣ ରୂପେ ସମ୍ମାନ ଦିଆଯାଇ ଆସୁଅଛି । ତାହାଙ୍କର ଅନ୍ୟତମ ଦେବତା ସୂର୍ଯ୍ୟଙ୍କ ପ୍ରତି ମର୍ତ୍ତ୍ୟରେ ଏତାଦୃଶ ଆଚରଣ ନିନ୍ଦନୀୟ । ପୁଣି ସୂର୍ଯ୍ୟଦେବଙ୍କର ମଧ୍ୟ ସାମାନ୍ୟ ମାନବୀ ପ୍ରେମରେ ଅଧୀର ହୋଇ ଚନ୍ଦ୍ରଭାଗାର ପଶ୍ଚାଦ୍ଧାବନ ଏକାନ୍ତ ଦୂଷଣୀୟ । ଏହି ଯେଉଁ ଦେବତାଙ୍କ ଠାରେ ମାନବତ୍ୱର ଆରୋପ କରି ଯାଇଥିଲା ତାହା ମୋତେ ଦୃଷ୍ଟିରୁ ଅସଙ୍ଗତ । ତେଣୁ 'ତପସ୍ୱିନୀ'ର କବି ମାନବ ରାମଚନ୍ଦ୍ରଙ୍କ ଠାରେ ଦେବତ୍ୱର ଆରୋପ କରିଅଛନ୍ତି ।

ବିଷୟବସ୍ତୁରେ ଇତିହାସ, ପୁରାଣ ବା କିମ୍ବଦନ୍ତୀକୁ ସେ ଅନୁକରଣ କରିଛନ୍ତି ମାତ୍ର ଅନୁକରଣ କରିନାହାନ୍ତି । ଏ ଦେଶର

Digitized by PPRACHIN, SOA

ପରଂପରାକୁ ତ୍ୟାଗ କରି ଗଙ୍ଗେଶ୍ୱର ସ୍ୱୀୟ ଦୁହିତାର ପ୍ରଣୟପ୍ରାର୍ଥୀ ହୋଇ ପାରିଛନ୍ତି, ମାତ୍ର ଗଙ୍ଗାଧରଙ୍କ ଲେଖାରେ ଏପରି ନଗ୍ନତା ସ୍ଥାନ ପାଇନାହିଁ । ଏପରିକି 'ପଦ୍ମିନୀ' ଚତୁର୍ଥ ଲୀଳାର ଗ୍ରନ୍ଥିରେ ଭୂକଳ ଶମ୍ଭୂ ଦର୍ଶନ କରିବାକୁ ମଥୁରା ଯିବାକୁ ଇଚ୍ଛା ପ୍ରକାଶ କରି ନାହାନ୍ତି । ଧର୍ମଭୀରୁ ହୃନ୍ଦୁ ଲଳନାକୁ ଧର୍ମର ଭୟ ଦେଖାଇ ଶିବଙ୍କର ଆଦେଶ ବୋଲି ଯେତେ ଛଳନା କଲେ ହେଁ ସେ ତାହାଙ୍କ ନିଷ୍ଠାରେ ଅବିଚଳିତ । ତେଣୁ ଧର୍ମ ନିକଟରେ ଅଧର୍ମର ପରାଜୟ କଳ୍ପିତ ହୋଇଛି । ତାହାର ସମସ୍ତ କୌଶଳ ବ୍ୟର୍ଥ ହୋଇ ଯାଇଛି । ଦ୍ରୌପଦୀ କୀଚକକୁ ଶେଷ ଉତ୍ତର ଦେବା ପୂର୍ବରୁ ଭର୍ତ୍ତାମାନଙ୍କର ପରାମର୍ଶ ନେଉଛନ୍ତି । ଏଣୁ ଗଙ୍ଗାଧରଙ୍କର ନାୟିକା ପରଂପରାରୁ ବିଚ୍ୟୁତ ହୋଇ ନାହାନ୍ତି ।

କେତେକ 'ସମାଲୋଚକ ଗଙ୍ଗାଧରଙ୍କୁ ଅନୁବାଦକ କହି ଦେଇ ସନ୍ତୁଷ୍ଟ ରହିଛନ୍ତି, ମାତ୍ର 'ଉତ୍କଳଲକ୍ଷ୍ମୀ' ବା 'ଅର୍ଦ୍ଧଂଥାଳୀ'ର କବିଙ୍କୁ ଏତେ ସହଜରେ ଗୋଟିଏ ଶବ୍ଦରେ ପ୍ରକାଶ କରିବା ଅସମୀଚୀନ । 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'ଅଯୋଧ୍ୟାଦୃଶ୍ୟ' 'କୀଚକବଧ'କୁ ସେ ଉଣାଅଧିକେ 'ଉତ୍ତରରାମଚରିତ', 'ଅଭିଜ୍ଞାନ ଶକୁନ୍ତଳମ୍', 'ରଘୁବଂଶମ୍', ମହାଭାରତ' ପ୍ରଭୃତିରୁ ଗ୍ରହଣ କରିଥିଲେ ହେଁ ତାଙ୍କର ଯେ ମୌଳିକ କାବ୍ୟ ଲେଖିବାରେ ନବନବୋନ୍ମେଷଶାଳିନୀ ପ୍ରଜ୍ଞା ବା ପ୍ରତିଭାର ଅଭାବ ଥିଲା କହିଲେ ସତ୍ୟର ଅପଲାପ ହେବ ।

ଗ୍ରୀକ୍ ଜଳବାୟୁରେ ପରିବର୍ଦ୍ଧିତ ଭାବଧାରା ଏ ଦେଶର ଅଗଣିତ ପାଠକ ପାଠିକାଙ୍କ ନିକଟରେ ଅପରିଚିତ । ସେମାନଙ୍କୁ ତାହା ବୁଝିବାପାଇଁ ଏକ ସୁବୃହତ୍ ଭୂମିକାର ଅବଶ୍ୟକତା ରହିଛି । ତଥାପି ରାଧାନାଥ ସେଗୁଡ଼ିକୁ ଓଡ଼ିଆ ଚଳଣିରେ ପକାଇବାକୁ

Digitized by PPRACHIN, SOA

ଚେଷ୍ଟାଙ୍କର ଉଷାମେଘ, ପ୍ରଥମାପଦା, କେଦାରଗୌରୀର ଅଶ୍ରୟ ନେଇଛନ୍ତି । ଥିଲେ ବି ସେମାନେ ସାଧାରଣ ଉତ୍କଳୀୟ ନାଟକରେ ଉଦ୍ଧୃତ୍ୟାଦୃତ । କିନ୍ତୁ ଗଙ୍ଗାଧର ଏ ଦେଶର ଚିରପରିଚିତ ରାମାୟଣ ଅଉ ମହାଭାରତରୁ ଉପାଦାନ ସଂଗ୍ରହ କରି ଗଢ଼ିଛନ୍ତି ତାଙ୍କର କାବ୍ୟସୌଧ । ସେ ଗ୍ରହିଁଥିଲେ ନୂତନ ପଞ୍ଜର (plot) ନିବେଶକରି କାବ୍ୟମାନ ଲେଖିପାରିଥାଆନ୍ତେ, ମାତ୍ର ତାହା ସେ ନୁଏତ ବୈଦେଶିକ ପ୍ରଭାବରୁ ଦେଶକୁ ମୁକ୍ତ କରିବାକୁ ଚେଷ୍ଟାକରି ବୈଦିକ ପରଂପରାର ଅଶ୍ରୟ ନେଇଛନ୍ତି ।

ଗଙ୍ଗାଧର ପ୍ରକୃତ ଓଡ଼ିଶୀ ରାଗର ଅଶ୍ରୟ ନେଇ ରସିକୁଲ୍ୟା, ଗ୍ରେଖି, କଳହଂସ କେଦାର, ବସନ୍ତ ପ୍ରଭୃତି ରାଗକୁ ଗ୍ରହଣକରି ଅଛନ୍ତି । ଦେଖିବାକୁ ଗଲେ ସ୍ୱତସୁଗ ପରେ ଓଡ଼ିଶୀ ରାଗରାଗିଣୀର ବ୍ୟବହାର ଗଙ୍ଗାଧରଙ୍କ ଦିବ୍ୟ ଲେଖନୀରେ ରୂପାୟିତ ହୋଇ-ଅଛିଟି ।

ଏହାଛଡ଼ା ଓଡ଼ିଆ କବିତାରେ କବି ସଂସ୍କୃତ ରାଗର ପ୍ରଚଳନ କରି ସଫଳକାମ ହୋଇଛନ୍ତି । କବି ମଧୁସୂଦନ କେତେକ କବିତାରେ ଏପରି କରିଥିଲେହେଁ ଗଙ୍ଗାଧରଙ୍କ କବିତା ପାଠକ ମନକୁ ଅଧିକ ପରିମାଣରେ ଅକୃଷ୍ଟ କରିଥାଏ ।

"ଜନ୍ମଦାତ୍ରୀ ମାତୃଭୂମି ପୁଣ୍ୟକୀର୍ତ୍ତିଶାଳିନୀ,
ପାପ ତାପ ଧ୍ୱଂସି ଦେବ ସେବ୍ୟ ତୀର୍ଥମାଳିନୀ ।"
"ପାଣିନୀୟ ଅମୃତ ତା' ବାଣୀଧାମ ସଂସ୍କୃତ,
ଜନ୍ମ ତାଂର ଆର୍ଯ୍ୟାବର୍ତ୍ତ୍ୟୁ ଲଙ୍କାଯାଏ ସଂସ୍କୃତ ।"

Digitized by PPRACHIN, SOA

ଭ୍ରାତୃବର୍ଗ ଆଜି ସ୍ୱର୍ଗ ସେବ୍ୟ ମାତୃ ସଦନରେ,
ଢୋଟି ଚଉଦ ଗୋଟି ବାନ୍ଧ ଲେଟି ପାଦପଦ୍ମରେ ।" (୨୫)

ପୁଣି —

"ଯା କୀର୍ତ୍ତି-ଲତିକା-ପ୍ରସୂନ-ସୁରଭି
ସଞ୍ଚାର ଦିଙ୍ମଣ୍ଡଳେ,
ଯା' ମୂର୍ତ୍ତି ପରମୋପକାରିଣୀ ସଦା
ପୂଜିତ ପୃଥ୍ୱୀତଳେ'
ଯା' କାନ୍ତି ଅକଳଙ୍କ ଚନ୍ଦ୍ର ସଦୃଶୀ
ବିଦ୍ୟାରେ ଯେ ଭାରତୀ,
ହେଉନ୍ତୁ ଚିରଜୀବିନୀ ମହୀତଳେ
ଭିକ୍ଟୋରିଅ ଶ୍ରୀମତୀ ।"(୨୬)

ଏବା—

"ଯା କୁନ୍ଦେନ୍ଦୁ ତୁଷାର ହାର ଧବଳା
ଯା ଶ୍ୱେତ ପଦ୍ମାସନା,
ଯା' ବୀଣା ବରଦଣ୍ଡ ମଣ୍ଡିତ କରା
ଯା ଶୁଭ୍ର ବସ୍ତ୍ରାବୃତା ।"

ଅନୁସାରେ ଲିଖିତ ।

ଏ ସବୁ କବିତାର ମନୋହାରିତ୍ୱ, ଶବ୍ଦ ଯୋଜନା ଏକାନ୍ତ ହୃଦୟସ୍ପର୍ଶୀ ଓ ଗଙ୍ଗାଧରଙ୍କ ରଚନା ପାଠକ ତଥା ସଙ୍ଗୀତମଧୁର

(୨୫) ଉତ୍କଳ ଗୌରବ—କବିତାମାଳା
(୨୬) ଭିକ୍ଟୋରିଆ ସ୍ତବ,

Digitized by PPRACHIN, SOA

ଉଲ୍ଲଙ୍ଘ ନିଦର୍ଶନ । ଗାନ୍ଧୀବାଦୀ ଶାସ୍ତ୍ର କବି ମଧୁସୂଦନ—ବ୍ରହ୍ମଙ୍କ । ମାନବ ସ୍ୱଭାବ କବି ଗଙ୍ଗାଧର—ରସଜ୍ଞ । ତେଣୁ ଉଭୟେ ଭିନ୍ନ ପଥର ପଥିକ । 'ସୀତା ବନବାସ'କୁ ମଧୁସୂଦନ 'ରଘୁବଂଶ'ରୁ ଓ ଭବଭୂତିଙ୍କ 'ଉତ୍ତର ରାମଚରିତ'ରୁ ଅନୁବାଦ କଲାବେଳେ ତାହାକୁ ଭିତ୍ତିକରି ତା ଉପରେ ସୁରମ୍ୟ ପ୍ରାସାଦ ତୋଳିଛନ୍ତି—କବି ଗଙ୍ଗାଧର ।

ଅନୂଢ଼ା ମୁଗ୍‌ଧା ସ୍ୱୟଂଦୂତୀତ୍ୱରେ ଅଭିସାର କରିବା ଭାରତୀୟ ପରଂପରାର ଅନୁକୂଳ ନୁହେଁ । ତେଣୁ ରାଧାନାଥଙ୍କର 'ନନ୍ଦିକା' ଯେପରି ଭାବରେ ଚୈତ୍ରରଥଙ୍କ ନିକଟକୁ ଯାଇଛି, ତାହା ଅସ୍ୱାଭାବିକ ମନେ ହୋଇଥାଏ । ଗଙ୍ଗାଧର 'କୀଚକ ବଧ'ରେ ଖଞ୍ଜିଛନ୍ତି 'ଚପଳା' ଓ 'ପଦ୍ମିନୀ'ରେ 'କମଳା'କୁ । ସେମାନେ ନାମାନୁସାରେ ହିଁ ଯଥାର୍ଥ କାର୍ଯ୍ୟ କରିଛନ୍ତି ।

ବାଲ୍ମୀକୀ ରାମାୟଣରେ ବାଳକାଣ୍ଡ ଏକୋନପଞ୍ଚାଶତ ସର୍ଗ ଦ୍ୱାଦଶ ଠାରୁ ସପ୍ତଦଶ ପର୍ଯ୍ୟନ୍ତ ଶ୍ଳୋକରେ ଅହଲ୍ୟାଙ୍କର ଅସ୍ପୃଶ୍ୟ ପ୍ରକାଶ ହୋଇଛି । ସେଠାରେ ଅହଲ୍ୟା ତୁଷାରାବୃତ ଚନ୍ଦ୍ର, ମେଘାଚ୍ଛନ୍ନ ସୂର୍ଯ୍ୟପ୍ରଭା ଆଉ ଧୂମାବୃତ ଅଗ୍ନି ତୁଲ୍ୟ ନିଳେକର ଅଦୃଶ୍ୟ ହୋଇଛନ୍ତି । କେବଳ ବ୍ୟାସଙ୍କ ଅଧ୍ୟାତ୍ମ ରାମାୟଣରେ ପାଷାଣୀ ହେବା କଥା ବର୍ଣ୍ଣିତ ଅଛି ।

"ଦର୍ଶୟାମାସ ଚାହଲ୍ୟାମୁଗ୍ରେଣ ତପସା ସ୍ଥିତାମ୍
ରାମଃ ଶିଳାଂ ପଦା ସ୍ପୃଷ୍ଟ୍ୱା ତାଂ ଚାପଶ୍ୟତ୍ତପୋଧନମ୍ ।"
(ବାଳ କାଣ୍ଡ—୬ଷ୍ଠ ସର୍ଗ ୩୬ ଶ୍ଳୋକ)

"ମୁନିଶ୍ରେଷ୍ଠ ଅହଲ୍ୟାଙ୍କୁ ତ ଦେଖାଇଲେ
ଉଗ୍ର ତପସ୍ୟାରେ ସେ ସ୍ଥିତ ହୋଇଥିଲେ ।

Digitized by PPRACHIN, SOA

ଶିଳାରେ ନେଇ ପାଦ ଦେଲେ ରଘୁପତି
ସେହୁ ତପୋଧନଙ୍କୁ ଦେଖିଲେ ଝଟତି ।"
(ଅଧ୍ୟାତ୍ମ ରାମାୟଣ—ସୁର୍ଯ୍ୟମଣି) (୨୨)

'ରଘୁବଂଶମ୍'କାର ଏହି ଅଧ୍ୟାତ୍ମ ରାମାୟଣ ଅନୁସାରେ—

"ପ୍ରତ୍ୟ ପଦ୍ୟତ ଚରିଯ୍ ତତ୍ ପୁନଶ୍ଚାରୁ
ଗୌତମ ବଧୂଃ ଶିଳାମୟୀ,
ସ୍ୱଂ ବପୁଃ ସ କଳ କଲ୍ମଷଚ୍ଛିଦାଂ
ରାମପାଦରଜ ସାମନୁଗ୍ରହଃ ।"

ଅର୍ଥାତ୍ ପାଷାଣମୟୀ ଗୌତମ ପତ୍ନୀ ରାମଙ୍କ ପାତକ ବିନାଶୀ ପଦରେଣୁର ଅନୁଗ୍ରହରେ ବହୁକାଳପରେ ପୁନର୍ବାର ସ୍ୱକୀୟ ମନୋହର ଦେହ ପ୍ରାପ୍ତ ହେଲେ ବୋଲି କହିଛନ୍ତି ।

ଅଧ୍ୟାତ୍ମ ରାମାୟଣ ବାଳକାଣ୍ଡରେ ଅହଲ୍ୟାଙ୍କ ସ୍ତବ—
"ଅହୋ ! କୃତାର୍ଥାସ୍ମି ଜଗନ୍ନିବାସ ! ତେ
ପାଦାବ୍ଜ ସଂଲଗ୍ନ ରଜଃ କଣାଦହମ୍ ।
ସ୍ପୃଶାମି ଯତ୍ପଦ୍ମଜଶଙ୍କରାଦିଭି—
ର୍ବିମୃଗ୍ୟତେ ରନ୍ଧିତ ମାନସୈଃ ସଦା । ୨।୦୩
ଅହୋ ! ବିଚିତ୍ରଂ ତବ ରାମ ! ଚେଷ୍ଟିତଂ
ମନୁଷ୍ୟ ଭାବେନ ବିମୋହୟନ୍ ଜଗତ୍,
ଚଳସ୍ୟଜସ୍ରଂ ଚରଣାଦି ବର୍ଜିତଃ
ସମ୍ପୂର୍ଣ୍ଣ ଆନନ୍ଦମୟୋଽତିମାୟିକଃ । ୨।୦୪

(୨୨) ଅଧ୍ୟାତ୍ମ ରାମାୟଣ—ସୁର୍ଯ୍ୟମଣି

Digitized by PPRACHIN, SOA

ବଳରାମଙ୍କ 'ଦାଣ୍ଡୀ ରାମାୟଣ'ରେ ଅହଲ୍ୟା ଶିଳାରୂପରୁ ଉଦ୍ଧାର ପାଇଛନ୍ତି, ମାତ୍ର ତାଙ୍କର ସ୍ତବ ବିସ୍ତୃତଭାବରେ ବର୍ଣ୍ଣିତ ହୋଇ ନାହିଁ । କେବଳ ପୂଜା ନୈବେଦ୍ୟାଦି କରିଥିବାର ଉଲ୍ଲେଖ ଅଛି ।

'ରାମ ଚରିତ ମାନସ' ଦ୍ୱାରା ଅନୁପ୍ରାଣିତ ହୋଇ 'ଅହଲ୍ୟା ସ୍ତବ' ଲେଖିଥିବା ଅନୁମିତ ହୁଏ । ପ୍ରଥମେ ଏହା ଶାର୍ଦ୍ଦୁଳବିକ୍ରୀଡ଼ିତ ବୃତ୍ତରେ ଲେଖା ଯାଇଥିଲା । ପାଷାଣୀ ଅହଲ୍ୟା ମାନବୀ ହେବାପରେ ରାମଚନ୍ଦ୍ରଙ୍କୁ ସ୍ତୁତି କରିଛନ୍ତି--

"ଧୀରଜୁ ମନ କୀନ୍‌ହା ପ୍ରଭୁ କହୁଁ ଚିନ୍‌ହା
ରଘୁପତି କୃପା ଭଗତି ପାଇ,
ଅତି ନିର୍ମଲ ବାଣୀଂ ଅସ୍ତୁତି ଠାଣୀ
ଗ୍ୟାନ ଗମ୍ୟ ଜୟ ରଘୁରାଇ ।
ମୈଁ ନାରି ଅପାବନ ପ୍ରଭୁ ଜଗପାବନ
ରାବନ ରିପୁ ଜନ ସୁଖଦାଇ,
ରାଜୀବ ବିଲୋଚନ ଭବ ଭୟ ମୋଚନ
ପାହି ପାହି ସରନ ହିଁ ଅଈ ।

× × × ×

ବିନତୀ ପ୍ରଭୁ ମୋରୀ ମୈଁ ମତି ଭୋରୀ
ନାଥ ନ ମାଗଉଁ ବର ଅନା,
ପଦ କମଲ ପରାଗା ରସ ଅନୁରାଗା
ମମ ମନ ମଧୁପ କରୈ ପାନା । (୨୮)

---

(୨୮) ରାମ ଚରିତ ମାନସ—ତୁଳସୀ ଦାସ ।

Digitized by PPRACHIN, SOA

"ତୁମ୍ଭ ଶ୍ରୀଚରଣ କମଳେ ମୋ ମନ
ଭ୍ରମର ବନ୍ଧୁ ନାଥଙ୍କଲେ ।" (୨୯)

ଉପର୍ଯ୍ୟୁକ୍ତ ଉଦ୍ଧୃତାଂଶର ଷଷ୍ଠଧାତ୍ତ ଦ୍ୱାରା ପ୍ରଭାବିତ ହୋଇଥିବା ବୋଧହୁଏ । ପୁନଶ୍ଚ, ଅନ୍ୟାନ୍ୟ ସ୍ତବ, ସ୍ତୁତିମାନଙ୍କରେ ଯେପରି ଶେଷ ପଦରେ ଆବୃତ୍ତି ରହିଥାଏ, ସେ ମଧ୍ୟ ସେହିପରି ପ୍ରତି ସ୍ତବପାଦରେ ଆବୃତ୍ତି ରଖିଛନ୍ତି । ଶଙ୍କରାଚାର୍ଯ୍ୟ 'ଦୁର୍ଗାଷ୍ଟକ'ରେ ଯେପରି 'ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନୀ' ରଖିଛନ୍ତି— 'ଜଗନ୍ନାଥାଷ୍ଟକ'ରେ ଯେପରି 'ଜଗନ୍ନାଥ ସ୍ୱାମି ନୟନ ପଥଗାମୀ ଭବତୁ ମେ ।' ରହିଛି—ଗଙ୍ଗାଧର ସେହିପରି—

"ତୁମ୍ଭ ଶ୍ରୀଚରଣ କମଳେ ମୋ ମନ
ଭ୍ରମର ରହୁ ନାଥଙ୍କଲେ"

ଲେଖି ପ୍ରାଚୀନ ସ୍ତବ, ସ୍ତୁତି ସହିତ ସମତା ରକ୍ଷା କରିବାକୁ ଚେଷ୍ଟା କରିଛନ୍ତି ।

କବିବର ରାଧାନାଥ ଏହି ସ୍ତବର ଭାଷାକୁ ପ୍ରଶଂସା କରି ଏହାକୁ ଶାର୍ଦ୍ଦୂଳବିକ୍ରୀଡ଼ିତ ବୃତ୍ତ ପରିବର୍ତ୍ତେ ବଙ୍ଗଳାଶ୍ରୀ ରାଗରେ ଲେଖିବାକୁ ପରାମର୍ଶ ଦେଇଥିଲେ । ଶାର୍ଦ୍ଦୂଳବିକ୍ରୀଡ଼ିତ ବୃତ୍ତରେ ଥିଲାବେଳେ ଏହା ଥିଲା—

ପୃଥ୍ୱୀମଣ୍ଡନ ହେ ଜଗତ୍‌ପତି ବିଭୋ,
ଭକ୍ତଙ୍କ ମୁକ୍ତି ଖଣି,

---

(୨୯) ଅହଲ୍ୟା ସ୍ତବ—ଗଙ୍ଗାଧର ।

Digitized by PPRACHIN, SOA

ସଂସାରାର୍ଣ୍ଣବ ପାରକାରକୁ ପଡ଼ୁ
                    କୈବର୍ତ୍ତି ଚୂଡ଼ାମଣି ।
ସାଧୁ ପାଳନ ଦୁଷ୍ଟ ନାଶକାରଣେ
                    ସମ୍ଭୂତ ଏ ଭୂତଳେ,
ତୁମ୍ଭ ଶ୍ରୀଚରଣାମ୍ବୁଜେ ରହୁ ସଦା
                    ଚିତ୍ତଳି ମୋ ନିଷ୍ଠଳେ ।" (୩୦)

ଏଥିରେ ମୁକ୍ତି, ପଡ଼ୁ, ସାଧୁ ପ୍ରଭୃତି କେତେକ ସ୍ଥଳରେ ଛନ୍ଦୋଭଙ୍ଗ ହୋଇଛି । ତାହାର ବଙ୍ଗଳାଶ୍ରୀ ରାଗରେ ପରିବର୍ତ୍ତିତ ଆକାର—

"ହେ ମହାମଣ୍ଡନ   ଜଗତ ବନ୍ଦନ
          ଭକତ ମୁକତ ଖଣି,
ସଂସାର ସାଗର   କାରଣ ତତ୍ପର,
          କଇବର୍ତ୍ତି ଚୂଡ଼ାମଣି ।

ସାଧବ ପାଳନ   ଦୁଷ୍ଟ ବିନାଶନ
          କାରଣେ ଜାତ ଭୂତଳେ,
ତୁମ୍ଭ ଶ୍ରୀଚରଣ   କମଳେ ମୋ ମନ—
          ଭ୍ରମର ରହୁ ନିଷ୍ଠଳେ ।" (୩୧)

---

(୩୦) ଅଧ୍ୟାପକ ଶ୍ରୀଧର ଦାସଙ୍କ ଅମର ଚରିତ—ଗଙ୍ଗାଧରରୁ ଗୃହୀତ ।

(୩୧) ଅହଲ୍ୟା ସ୍ତବ—ଗଙ୍ଗାଧର ।

Digitized by PPRACHIN, SOA

'ରସ ରତ୍ନାକର'ରେ କବି ପ୍ରାଚୀନ ରୀତର ଶବ୍ଦାଲଙ୍କାରର ପୁନରାବୃତ୍ତି ପାଇଁ ଚେଷ୍ଟା କରିଥିଲେ । ଏଥିରେ ଆଦ୍ୟ ପ୍ରାନ୍ତରେ 'ର' ଥାଇ ଲେଖା ଯାଇଥିଲା—

"ରଙ୍ଗିଣୀ ନବମାଳିକା ମଲ୍ଲୀ ମାଧବୀ ଯୂଥିକା
ବିବିଧ କୁସୁମବତୀ ବଲ୍ଲୀ ସୁନ୍ଦର,
ରସଗ୍ରାହୀ ମଧୁକର ବସିଣ ପୁଷ୍ପ ଉପର,
ଗୁଣୁ ଗୁଣୁ ସ୍ୱନ କରେ ଅତି ମଧୁର,
ରସାଳ ଫଳରେ ସୁନ୍ଦର,
ଦଶନ୍ତି ପାଦପେ ନମ୍ର, କି ବୁଧନର ।"

ଅଥବା

"ରସାଳରେ କରୁ ବିହାର ଆସି ଏକ ଭ୍ରମର
ରମଣୀ ମୁଖରେ ବସନ୍ତେ ଝାଡ଼ ଭାଷିଲ ଚିର ।
ରଜଃପୂର୍ଣ୍ଣ ଫୁଲ କୁସୁମ ମୁଁ ତ ନୁହେଁ ଭ୍ରମର,
ରସ ଲୋଭେ ମୋତେ ବିଅର୍ଥେ କାହିଁ କରୁ ଅତୁର ।"
(୩୨)

ତେଣୁ ଏ ସବୁଥିରେ କବି ପ୍ରାଚୀନ ପଦ୍ଧତିକୁ ଅନୁକରଣ କରି ସେହି ପରମ୍ପରାର ଅନୁସରଣରେ ପରିଚାଳିତ ହେବାକୁ ଇଚ୍ଛା କରିଥିଲେ । ମାତ୍ର ପାରିପାର୍ଶ୍ୱିକ ପରିସ୍ଥିତିର ପ୍ରତିକୂଳତା ଯୋଗୁଁ

---

(୩୨) ଅଧ୍ୟାପକ ଗୌରୀକୁମାର ବ୍ରହ୍ମାଙ୍କ 'ତପସ୍ୱିନୀ ଓ ମେଘେର ସାହିତ୍ୟ'ରୁ ଗୃହୀତ ।

Digitized by PPRACHIN, SOA

ଆଂଶିକ ସଫଳ କାମ ହୋଇଛନ୍ତି । ସତ୍‌ସଙ୍ଗେ ତାଙ୍କର ମନୋହର କଳ୍ପନା-ଗ୍ରନ୍ଥୁରୀ ଅତି ସାଧାରଣ ବସ୍ତୁକୁ ମଧ୍ୟ ଅଭିନବ ଭାବରେ ଉପସ୍ଥାପିତ କରନ୍ତି ।

'ତପସ୍ୱିନୀ'ର ବିଷୟବସ୍ତୁ ନୂତନ ନୁହେଁ । ପ୍ରାୟତଃ ଉତ୍କଳର ଜନସାଧାରଣଙ୍କୁ ଜଣାଅଛିକେ ବାଦତ । ହେଲେହେଁ ମେହେରଙ୍କ ତୁଳିକା ତାହାକୁ ଅପୂର୍ବ ରୂପ ପ୍ରଦାନ କରି ମୂର୍ତ୍ତି କରନ୍ତି ଜୀବନ୍ତ ବିଗ୍ରହପରି । ସତେ ଯେପରି ପାଠକ ଦୃଷ୍ଟି ସମକ୍ଷରେ ଦେବୀଙ୍କ, ଗର୍ଭାଳସୀ ଜନକ ତନୟା । ଅଶ୍ରମ ଜୀବନର କଠୋର ନିୟମରେ ଅନଭ୍ୟସ୍ତା । ବ୍ରାହ୍ମମୁହୂର୍ତ୍ତରୁ ଗାତ୍ରୋତ୍‌ଥାନ ତାଙ୍କପକ୍ଷରେ ଅସମ୍ଭବ ହୋଇପଡ଼ୁଛି । ପୂର୍ବ ଦିନର ପରିଶ୍ରମଜନିତ କ୍ଳେଶ ଓ କ୍ଳାନ୍ତି ମନରୁ ଅପସାରିତ ହୋଇନାହିଁ । ହେଲେହେଁ ତାହା ଅଶ୍ରମ ଶୃଙ୍ଖଳାର ବିରୋଧୀ, ଅଶ୍ରମ ଅଦର୍ଶର ପ୍ରତିକୂଳ, ଅବଶ୍ୟ ନିନ୍ଦ୍ୟ । ପୁଣି ଅଶ୍ରମବାସୀ କୌଣସି ଅବସନ୍ନ ଅଶ୍ରମାଗ୍ରତକୁ ତାହାର ଅବସାଦ ଅପନୋଦନରୁ ବିରତ କରିବା ଅସଙ୍ଗତ ତଥା ମର୍ଯ୍ୟାଦା ବିଗର୍ହିତ । ତେଣୁ କବି ଏଠାରେ ଅତିମାନବତ୍ୱ ଆରୋପ କରିବାକୁ ଚେଷ୍ଟା କରିଛନ୍ତି ।

ମନୁଷ୍ୟର ସୁଖ ଦୁଃଖର ସଙ୍ଗିନୀ, ଲୀଳା ଖେଳାର ସହଚରୀ ହାସ୍ୟଲାସ୍ୟମୟୀ ପ୍ରକୃତିକୁ ହିଁ କବି ଉପଯୁକ୍ତ ପାତ୍ର ମନେ କରିଛନ୍ତି । ପ୍ରକୃତିର ପ୍ରତିକୃତି ନୁହେଁ, ସୂକ୍ଷ୍ମ ଆକୃତିରେ ପ୍ରତିଭାତ ହୋଇଛନ୍ତି ଉଷା । ହସ୍ତରେ ତାର ଲୀଳା କମଳ ନାହିଁ, ଅଛି ନୀହାର ମୁକ୍ତା । ସେ ସତୀ ସୀତାଙ୍କ ଅଙ୍ଗ ସ୍ପର୍ଶ ନ କରି ବାସ-ଦ୍ୱାହାର-ପ୍ରାଙ୍ଗଣରେ ପ୍ରତୀକ୍ଷା କରି କଳକଣ୍ଠ କଣ୍ଠରେ କହୁଛନ୍ତି—

"ଦରଶନ ଦିଅ ସତୀ, ରାତି ପାହିଲା ।"

Digitized by PPRACHIN, SOA

ବୈଦିକ ସ୍ୱିତରେ ଅଶ୍ରମର ଜୀବନ ଯାପନ ପ୍ରଣାଳୀ ମଧ୍ୟ ନିର୍ଖୁଣ ଭାବରେ ଚିତ୍ରିତ ହୋଇଛି । ମୁନିମୁଖ ନିଃସୃତ ବେଦର ନିଃସ୍ୱନ ବୈକୁଣ୍ଠରେ ତୃପ୍ତିସାଧନ କରି ବୀଣାପାଣିଙ୍କ ବୀଣାଝଙ୍କୃତ ସଦୃଶ ପ୍ରତୀୟମାନ ହୋଇଥାଏ । ପତି ବିରହ ବିଧୁରା ବୈଦେହୀ ତପସ୍ୱିନୀ ଅନୁକମ୍ପାଙ୍କ ମଧୁର ଅହ୍ୱାନରେ ଶଯ୍ୟା ତ୍ୟାଗ କରିବା ଏକାନ୍ତ ଯୁକ୍ତିଯୁକ୍ତ । ଅନୁକମ୍ପାଙ୍କ ସମୀପରେ ସେ କୁତ୍ରାପି ବାଗ୍ମିତା ପ୍ରଦର୍ଶନ କରି ନାହାନ୍ତି । ତାଙ୍କ ପଦ୍ୟରେ ପ୍ରଣୋଦିତ କରି ମଙ୍ଗଳମୟୀ ଉଷାର ସଦାବନ୍ଦନ କରିଛନ୍ତି । ଶୁଭ୍ର ସୌରଭ ରସିକା-ଉଷା ସଦାକାଳେ ସବୁଠାରେ ଶୁଭ ସମ୍ପାଦନୀ । ତେଣୁ ରଘୁବଂଶିକ ରାମଚନ୍ଦ୍ରଙ୍କ ମଙ୍ଗଳ ସମ୍ପାଦନ ଆଶାରେ ଅଯୋଧ୍ୟା ପଟ୍ଟମହିଷୀଙ୍କର ତାହାର ଚରଣରେ ନିବେଦନ । ପ୍ରକୃତି ଜଡ଼ ନୁହେଁ ଜୀବନ୍ତ, ଏ କଥା ବାରମ୍ବାର ଉଦ୍‌ଘୋଷିତ କରିଛନ୍ତି କବି ଗଙ୍ଗାଧର ।

ଯେଉଁ ସୀତାଙ୍କୁ ରାମଚନ୍ଦ୍ର 'ମହାନାଟକ'ରେ—

> "କାର୍ଯ୍ୟେଷୁ ମନ୍ତ୍ରୀ, କରଣେଷୁ ଦାସୀ,
> ଧର୍ମେଷୁ ପତ୍ନୀ, କ୍ଷମୟା ଧରିତ୍ରୀ,
> ସ୍ନେହେଷୁ ମାତା, ଶୟନେଷୁ ବେଶ୍ୟା,
> ରଙ୍ଗେ ସଖୀ, ଲକ୍ଷ୍ମଣ ! ସା ପ୍ରିୟା ମେ ।"

ବୋଲି କହି ତାହାଙ୍କର ଅର୍ଦ୍ଧାଙ୍ଗିନୀତ୍ୱର ଯାଥାର୍ଥ୍ୟ ପ୍ରତିପାଦନ କରିଛନ୍ତି, ସେ ପୁଣି—

> "ସ୍ନେହଂ ଦୟାଂ ତଥା ସୌଖ୍ୟଂ ଯଦି ବା ଜାନକୀମପି,
> ଆରାଧନାୟ ଲୋକସ୍ୟ ମୁଞ୍ଚତୋ ନାସ୍ତି ମେ ବ୍ୟଥା ।" (୩୬)

---

(୩୬) ଉତ୍ତର ରାମ ଚରିତ—ଭବଭୂତି ।

Digitized by PPRACHIN, SOA

"ରାଜାର ଜୀବନ ଧନ ସର୍ବ ପ୍ରଜାପାଇଁ,
ଆତ୍ମ-ପରିବାର-ସ୍ୱାର୍ଥ ନୃପତିର ନାହିଁ ।
ରାଜାର କର୍ତ୍ତବ୍ୟ ଭାଇ ପ୍ରକୃତି ରଞ୍ଜନ,
କର୍ତ୍ତବ୍ୟ ବିଭ୍ରଷ୍ଟ ହେଲେ ବିଫଳ ଜୀବନ ।" (୩୪)

"ପ୍ରକୃତି ରଞ୍ଜନେ ଯେବେ ହୁଏ ପ୍ରୟୋଜନ,
କରିପାରେ ପ୍ରାଣସମା ସୀତା ବିସର୍ଜନ ।" (୩୫)

କହୁଛନ୍ତି, କେବଳ ସେତିକି ନୁହେଁ—

"ନିଶ୍ଚିତ୍ୟ ଚାନନ୍ୟ ନିବୃତ୍ତି ବାଚ୍ୟଂ
ତ୍ୟାଗେନ ପତ୍ନ୍ୟାଃ ପରିମାର୍ଷ୍ଟୁମୈଚ୍ଛତ୍,
ଅପି ସ୍ୱଦେହାତ୍ କିମୁତେନ୍ଦ୍ରିୟାର୍ଥାତ୍
ଯଶୋଧନାନାଂ ହି ଯଶୋ ଗରୀୟଃ ।" (୩୬)

ନିନ୍ଦା ଅନ୍ୟ ପ୍ରକାରେ ନିବୃତ୍ତ ନ ହେବାର ସ୍ଥିର କରି ପତ୍ନୀ ପରିତ୍ୟାଗ ଦ୍ୱାରା ଅପହାର କରିବାକୁ ଇଚ୍ଛାକଲେ । କାରଣ ଯେଉଁମାନେ ଯଶର ଆଦର କରନ୍ତି, ସେମାନଙ୍କ ପକ୍ଷରେ ନିଜ ଦେହଠାରୁ ଯଶ ଗୁରୁତର ।

ସୀତା ଦେବୀ ମଧ୍ୟ ଅନଳରେ ବାରମ୍ବାର ଦଗ୍ଧୀଭୂତ ହେଲେ ସୁବର୍ଣ୍ଣ ଯେପରି ଜ୍ୟୋତି ତ୍ୟାଗ ନ କରି ଅଧିକରୁ ଅଧିକ

---

(୩୪) ସୀତା ବନବାସ—ନନ୍ଦକିଶୋର—୫ମ ସର୍ଗ ।
(୩୫) ତପସ୍ୱିନୀ—ଗଙ୍ଗାଧର—୧ମ ସର୍ଗ ।
(୩୬) ରଘୁବଂଶମ୍—କାଳିଦାସ—୧୪।୧୫ ।

Digitized by PPRACHIN, SOA

କାଳକାଳିମାନ ହୋଇଥାଏ ସେହିପରି ବେଳକୁ ବେଳ ଉଦ୍ଭାସିତ ହୋଇ ଉଠିଲେ । କାରଣ, ଯେପରି –

"ଦଗ୍‌ଧଂ ଦଗ୍‌ଧଂ ତ୍ୟଜତି ନ ପୁନଃ
କାଞ୍ଚନଂ କାନ୍ତ ମୂର୍ତ୍ତିଂ,
ଛିନ୍ନଂ ଛିନ୍ନଂ ତ୍ୟଜତି ନ ପୁନଃ
ସ୍ୱାଦୁତାମିକ୍ଷୁଦଣ୍ଡଂ,
ଘୃଷ୍ଟଂ ଘୃଷ୍ଟଂ ତ୍ୟଜତି ନ ପୁନଃ
ଚନ୍ଦନଂ ଚାରୁ ଗନ୍ଧଂ,
ପ୍ରାଣାନ୍ତେଽପି ପ୍ରକୃତି ବିକୃତିର୍ଜାୟତେ
ନୋତ୍ତମାନାଂ ।"

ଅନଳରେ ବାରମ୍ବାର ଦଗ୍‌ଧ ହେଲେ ମଧ୍ୟ ସୁବର୍ଣ୍ଣ ତାର ଜ୍ୟୋତି ତ୍ୟାଗ କରେ ନାହିଁ, ଅଖୁ ଯେତେ ଚର୍ବିତ ହେଲେ ମଧ ତାହାର ସ୍ୱାଦୁତା ଗୁଣକୁ ଅକ୍ଷୁଣ୍ଣ ରଖେ, ଶିଳାରେ ଘର୍ଷିତ ହେଲେହେଁ ଚନ୍ଦନ ସୁଗନ୍ଧ ପରିହାର କରେ ନାହିଁ, ଉତ୍ତମ ପ୍ରକୃତି ବିଶିଷ୍ଟ ଲୋକ ମଧ ସେହିପରି ପ୍ରାଣ ସଂକଟ ଅବସ୍ଥାରେ ବି କୌଣସି ବ୍ୟତିକ୍ରମ କରି ନ ଥାନ୍ତି । ଏତେଣୁ ଏ ସଂସାରରେ—

"ଚଳଚ୍ଚିତ୍ତଂ ଚଳଦ୍‌ବିତ୍ତଂ ଚଳଜ୍ଜୀବନ ଯୌବନଂ
ଚଳାଚଳୋବିଦଂ ସର୍ବମ୍ କୀର୍ତ୍ତିର୍ଯସ୍ୟ ସ ଜୀବତି ।"

ସେହି କୀର୍ତ୍ତି ରକ୍ଷା ହେତୁରୁ ହିଁ ସୀତାରାମ ଅଜ୍ଞ କୋଟି କୋଟି ନରନାରୀଙ୍କ ଆଦର୍ଶ । ପ୍ରଜାର ରଞ୍ଜନ ପାଇଁ ନିଜର ପ୍ରିୟତମା ପତ୍ନୀକୁ ମଧ ତ୍ୟାଗ କରିଯାଇ ପାରେ, ଏ ଆଦର୍ଶ ଦେଖାଇଛନ୍ତି

Digitized by PPRACHIN, SOA

ରାମଚନ୍ଦ୍ର ଏବଂ ସେ ଆଦେଶକୁ ମଥାପାତି ସହି ବହିଥିଲେ ସେହି ଜାନକୀ ସେ ଆଜି ସମସ୍ତଙ୍କର ନମସ୍ୟା । ସ୍ୱାମୀ ବିବେକାନନ୍ଦ ମଧ୍ୟ କହୁଛନ୍ତି—

"ଆମର ନାରୀମାନଙ୍କୁ ଅଧୁନାତନଭାବେ ଗଠନ କରିବାକୁ ଯେଉଁ ସବୁ ଚେଷ୍ଟା ଚାଲିଛି, ଯଦି ସେ ସମସ୍ତ ଚେଷ୍ଟା ମଧ୍ୟରେ ସେମାନଙ୍କୁ ସୀତା ଚରିତର ଆଦର୍ଶରୁ ଭ୍ରଷ୍ଟ କରିବାର ଚେଷ୍ଟା ଥାଏ, ତେବେ ସେଗୁଡ଼ିକ ବିଫଳ ହେବ । ଭାରତୀୟ ନାରୀମାନଙ୍କୁ ସୀତାଙ୍କ ପଦାଙ୍କାନୁସରଣ କରି ଆପଣାର ଉନ୍ନତିବିଧାନର ଚେଷ୍ଟା କରିବାକୁ ହେବ । ଏହା ହିଁ ଭାରତୀୟ ନାରୀର ଉନ୍ନତିର ଏକମାତ୍ର ପଥ ।"

ସେହି ଜାନକୀଙ୍କ ବନ ଗମନ ବିଷୟ ସମ୍ବଳିତ ପୁସ୍ତକ ଓଡ଼ିଆ ଭାଷାରେ ଦୁର୍ଲ୍ଲଭ ନୁହେଁ । ଭକ୍ତକବି ମଧୁସୂଦନ ୧୮୭୩ ଖ୍ରୀ: ଅ: ରେ 'କବିତାବଳୀ' ୧ମ ଭାଗରେ 'ରଘୁବଂଶମ୍'ରୁ ଅନୁବାଦ କରି 'ସୀତା ବନବାସ', ୧୯୦୧ ଖ୍ରୀ: ଅ: ରେ ପଲ୍ଲୀକବି ନନ୍ଦକିଶୋରଙ୍କ 'ସୀତା ବନବାସ' ୧୯୦୮ ରେ ଭକ୍ତକବି ମଧୁସୂଦନଙ୍କ ଦ୍ୱାରା ଭବଭୂତିଙ୍କ 'ଉତ୍ତର ରାମ ଚରିତ' ନାଟକର ଅନୁବାଦ ପ୍ରକାଶିତ ହୋଇଥିଲା । ବାମଣ୍ଡାର ବଳ୍ପକୁମାର ଚଳଦେବ ମଧ୍ୟ ରଘୁବଂଶ ଅନୁବାଦ କରିଥିଲେ । ତେଣୁ ୧୯୧୪ ଖ୍ରୀ: ଅ. ରେ ପ୍ରକାଶିତ ମେଘଦୂତଙ୍କ 'ତପସ୍ୱିନୀ'ର ବିଷୟବସ୍ତୁ ଯେ ପୂର୍ବ୍ବ ମାନାରେ ନୂତନତ୍ୱ ଆନୟନକରି ପାରି ନାହିଁ, ଏ କଥା ସ୍ୱୀକାର୍ଯ୍ୟ । ଗଙ୍ଗାଧରଙ୍କ ରଚିତ 'ତପସ୍ୱିନୀ' କାଳିଦାସଙ୍କ 'ରଘୁବଂଶ' ଭବଭୂତିଙ୍କ 'ଉତ୍ତର ରାମ ଚରିତ' ଓ ପୂର୍ବ କବିମାନଙ୍କ ଦ୍ୱାରା ଯେ ପ୍ରଭାବିତ ଏହା ନିଃସନ୍ଦେହ ।

Digitized by PPRACHIN, SOA

ମହାକବି କାଳିଦାସ ରଘୁବଂଶରେ ସୀତାଙ୍କ ଦୁଃଖରେ ସମବ୍ୟଥିତ ବନର ବର୍ଣ୍ଣନା କରି ଲେଖିଛନ୍ତି—

"ନୃତ୍ୟଂ ମୟୂରାଃ କୁସୁମାନି ବୃକ୍ଷାଃ
ଦର୍ଭାନୁପାତ୍ତାନ୍ ବିଜହୁର୍ହରିଣ୍ୟାଃ ।
ତସ୍ୟାଃ ପ୍ରପନ୍ନେ ସମ ଦୁଃଖ ଭାବ
ମତ୍ୟନ୍ତମାସୀଦ୍ରୁଦିତଂ ବନେଽପି ।"

କବି ମଧୁସୂଦନ 'ସୀତା ବନବାସ' କବିତାରେ ଲେଖିଥିଲେ—

"ଦେବୀଙ୍କ ଦୁଃଖେ ବନସ୍ଥଳୀ କାତର,
କାନ୍ଦିଲ କରୁ ପ୍ରତିଧ୍ୱନି ଛଳର ।
ତେଜିଲେ ନୃତ୍ୟ ବର୍ହିକୁଳ ବିକଳ,
ହରିଣୀଏ ଘୁଞ୍ଚିଲେ ତୃଣ କବଳ ।
ମହୀରୁହ ନିବହ ପୁଷ୍ପ ଭୂଷଣ,
ପିଙ୍ଗିଲେ ଅଙ୍ଗୁ ମହୀତଳେ ତକ୍ଷଣ ।"

କବି ଗଙ୍ଗାଧର ମେହେର ସେହିପରି ବର୍ଣ୍ଣନା କରିଛନ୍ତି—

"ସୀତାଙ୍କ ବେଦନେ ଗତ ସ୍ତମ୍ଭିତ କାତର,
ଜଳସ୍ଥଳ ଚେତନ ହେଲା ନିସର୍ଗ କାତର ।

× × ×

ମୃଗଶିଶୁ ଜନନୀର ସ୍ତନ ମୁଖେ ଧରି
ନିଷ୍ଟଳେ ରହିଲା କ୍ଷୀର ଶୋଷଣ ନ କରି ।

Digitized by PPRACHIN, SOA

ମୁଖ ଦର୍ଭ ମୁଖେ ଧରି ମୃଗମୃଗୀମାନେ
ଗ୍ରୀବା ଭଙ୍ଗି ରହିଗଲେ ଶୋକ ଧ୍ୱନି ଧ୍ୟାନେ ।
ମୟୂର ମୟୂରୀଗଣ ଶାବକ ସହିତ
ରହିତ ପରାଗ୍ମୁ ହେଲେ ସ୍ତୁପଳ୍ପ ରହିତ ।"
(ତପସ୍ୱିନୀ—୧ମ ସର୍ଗ)

ପୁଣି କାଳିଦାସ ଲେଖିଛନ୍ତି—
ତବୋଚ୍ଚକୀର୍ତ୍ତିଃ ଶ୍ୱଶ୍ରୁରଃ ସଖା ମେ
ସତାଂ ଭବୋଚ୍ଛେଦକରଃ ପିତା ତେ
ଧୁରି ସ୍ଥିତା ତ୍ୱଂ ପତିଦେବତାନାଂ
କିଂ ତନ୍ନ ଯେନାସି ମମାନୁକମ୍ପ୍ୟା ।"
(ରଘୁ ୧୪।୭୪)

ମଧୁସୂଦନଙ୍କ—
"ସଖା ମୋହର ବସ୍ତେ ତୋର ଶ୍ୱଶୁର,
ବ୍ୟାପିଛି ଯାର ଯଶ ଏ ତ୍ରିଜଗପୁର ।" ସହିତ—
"ଶ୍ୱଶୁର ତୋ ମୋର ସୁହୃଦ ସେହିପରି ତୋ ପିତା,
ଅଙ୍କୋଚେ ରହ ଅତ୍ରମେ ମଣି ସଂସାର ପିତା ।"
(ତପସ୍ୱିନୀ—୨ୟ ସର୍ଗ)

ତୁଳନୀୟ ।

ତପସ୍ୱୀସଂସର୍ଗ ବିନୀତ ସତ୍ତ୍ୱେ
ତପୋବନେ ବୀତଭୟା ବସାସ୍ମିନ୍ ।
ଇତୋ ଭବିଷ୍ୟତ୍ୟ ନଘ ପ୍ରସୂତେ—
ରପତ୍ୟ ସଂସ୍କାର ମୟୋ ବିଧିସ୍ତେ । ରଘୁ ୧୪।୭୫

Digitized by PPRACHIN, SOA

"ଏଥି ଗୋ ରଘୁ ବଧୂ ତୋର କୁମାର,
ଲଭିବେ ବାଝ୍ମୀକେ ଜାତ ସଂସ୍କାର ।"
(ସୀତା ବନବାସ—ମଧୁସୂଦନ)

"ମୋ ଆଶ୍ରମେ ତୋର ନଥିବ କଷ୍ଟଣସି ଭାବନା,
ଜନମିବ ଯେଉଁ ସନ୍ତାନ ତାର ପାଇଁ ଭାବନା ।"

ଏହା ବାଲ୍ମୀକି ରାମାୟଣ

'ଆଶ୍ରମସ୍ୟା ବଦୂରେ ମେ ତାପସ୍ୟସ୍ତପସି ସ୍ଥିତାଃ
ତାସ୍ତ୍ୱାଂ ବତ୍ସେ ଯଥା ବସ୍ତଂ ପାଲୟିଷ୍ୟନ୍ତି ନିତ୍ୟଶଃ ।"
(ଉତ୍ତରକାଣ୍ଡ ଏକୋନ ପଞ୍ଚାଶତ୍ ସର୍ଗ । ୧୬ ।

ର ଅନୁସରଣ ମାତ୍ର ।

ଭବଭୂତିଙ୍କ 'ଉତ୍ତର ରାମ ଚରିତ' ନାଟକରେ ତମସା, ମୁରଳ ନଦୀ ସହିତ ଜୀବନ୍ତ ହୋଇ ଉଠିଛନ୍ତି । ସେ କେବଳ ତପସ୍ୱିନୀ ଜାନକୀଙ୍କ ଦୁଃଖରେ ଦୁଃଖିତା ହୋଇ ଦୂରରେ ରହୁନାହାଁନ୍ତି, ବରଂ ବଜ୍ଞା ସହଚରୀ ରୂପେ ତାଙ୍କୁ ସାନ୍ତ୍ୱନା ଦେଉଛନ୍ତି । କେବଳ ପତି ବିରହ ନୁହେଁ ପୁତ୍ର ବିରହ ଦୁଃଖ ମଧ୍ୟ ସୀତାଙ୍କୁ ସହିବାକୁ ପଡ଼ୁଛି । (୩୭) ଏହି ଦୁଃଖରେ ଅଧୀର ନ ହେବାପାଇଁ ପ୍ରବୋଧ ଦେଇ ତମସା କହୁଛି—

"ବତ୍ସେ ! ଯାହା ଘଟିବାର ତାହା ଘଟିଛି । ଦୈବ ବିଧାନକୁ କିଏ ଲଙ୍ଘିବ ?"

(୩୭) ଉତ୍ତର ରାମ ଚରିତ ୩ୟ ଅଙ୍କ ।

Digitized by PPRACHIN, SOA

ଭବଭୂତିଙ୍କ ପ୍ରଭାବରେ ତମସାକୁ ଜୀବନ ଦେଇଥିଲେ ମଧ୍ୟ ଗଙ୍ଗାଧର ଏପରି ସୀତାଙ୍କ ସହିତ କଥୋପକଥନ କରାଇ ନାହାନ୍ତି । ସ୍ନାନ ସମୟରେ ତମସା ତଟିରେ ଦୂରରୁ ଭାସି ଆସିଥିବା ପଦ୍ମମାନଙ୍କୁ ପୟରରେ ଠେଲି ହତାଶ ନ କରିବାପାଇଁ କଟବଦନ ଜଣାଇଛନ୍ତି ମାତ୍ର । ମୁନିକନ୍ୟାଙ୍କର ବିଗ୍ରହକୁ ବକ୍ଷରେ ଧାରଣ କରି ଆଲିଙ୍ଗନ ସଙ୍ଗେ ସଙ୍ଗେ "ବିଗ୍ରହ ମିଶାଇ ଦେଲି ଶୀଘ୍ର ସାଗ୍ରହେ ।"

ବାଲ୍ମୀକିଙ୍କ ଉଦ୍ୟାନ ମଧ୍ୟ ଜୀବନ୍ତ ହୋଇ ଉଠିଛି । ସତୀ ସୀତାଙ୍କ ହୃଦୟ ଶ୍ୟାମ ଶ୍ରୀରାମଙ୍କ କମନୀୟ ମୂର୍ତ୍ତି ଧାରଣ କରିବାରୁ କୁସୁମମାନେ ମଧ୍ୟ ତଦ୍ରୂପ ବର୍ଣ୍ଣ ଧାରଣ କରିଅଛନ୍ତି । ସଖୀଗଣଙ୍କ ସଙ୍ଗରେ ତାଙ୍କ ପାଖକୁ ଯାଆନ୍ତେ ବୃକ୍ଷମାନେ ସତୀଙ୍କ ଶିରଶ୍ଚୁମ୍ବନ କଲେ । ଅତ—

"ସୁରଙ୍ଗ ଚରଣ ଲେହନ ପାଇଁ
ପାରିଜାତ ଦେଲା ଜିଭ ଲମ୍ବାଇ,
ମୋତି-ଜ୍ୟୋତି-ନଖ-ଚୁମ୍ବନ ଆଶେ,
ଡାଳିମ୍ବ ରହିଲା ବବୃନ୍ତ ଅଶେଷ,
କରୁଣା ଋଣ ଅଶାୟୀ,
ଚମ୍ପା ହେଲା ହରିତ ବରଣ
ରାମ ରୂପ ଅନୁଯାୟୀ ।"

ଏ ପ୍ରକାର ବର୍ଣ୍ଣନା ମେଘେରଙ୍କର ଏକାନ୍ତ ନିଜସ୍ୱ ଏବଂ ଏହାହିଁ ତାଙ୍କର ବିଶେଷତ୍ୱ । ସେହି ଉଦ୍ୟାନର କ୍ଷୁଦ୍ର, ବୃହତ୍ ଜୀବ ପ୍ରତି ମଧ୍ୟ କବିଙ୍କର ପଡ଼ିଛି ଅମୃତ ଦୃଷ୍ଟି । ଏପରି କି ଗୁଡ଼ିଆଣିଟି ଯେ ବୃକ୍ଷ ଉପରେ ପଡ଼ୁଛି ଉଠୁଛି ଏବଂ ନିଜର କାରୁକୌଶଳ ଦେଖାଉଛି, ତାହା ଏକ ରେଖାଶିଳ୍ପୀ ପରି କବି ଲେଖାରେ ସ୍ଥାନ ଦେଇଛନ୍ତି ।

Digitized by PPRACHIN, SOA

ମେଦେକଙ୍କ ଲେଖନୀର ଛାଉଁରି ପରଶରେ ତଦୀୟ କଳ୍ପନା ମାଧୁର୍ଯ୍ୟ ବାସ୍ତବଭାବେ ରୂପାୟିତ । ସୀତାଙ୍କ ଦର୍ଶନ ପାଇଁ ଆସିଛନ୍ତି ଚିତ୍ରକୂଟ, ମହାନଦୀ, ଦଣ୍ଡକା, ଗୋଦାବରୀ ପ୍ରଭୃତି । ନିସର୍ଗ ଶୋଭା ପରିପୂରିତ ଭାରତର ସ୍ଥଳବିଶେଷକୁ ରୂପ ଦେବାକୁ ମଧ୍ୟ ଗଙ୍ଗାଧରଙ୍କ ଲେଖନୀ ଉନ୍ମୁଖୀ । ସବୁଠାରେ ପ୍ରକୃତି ମଣିଷର ସୁଖ ଦୁଃଖର ଅଂଶୀଦାର । ସୀତାରାମଙ୍କ ପ୍ରେମର ପରାକାଷ୍ଠା ପ୍ରଦର୍ଶନ ପାଇଁ ମଧ୍ୟ ସେହି ପ୍ରକୃତିର ହିଁ ସହାୟତା ନେଇଛନ୍ତି କବି । ସତୀ ନିକଟରେ ମନର ଗୁରୁଭାର ଲଘୁ ସଙ୍ଗେ ସଙ୍ଗେ ଜାନକୀ ପ୍ରକାଶ କରିଛନ୍ତି—

"ଜୀବନେ ନ ପାଇଲେ ମୋତେ ମରଣେ,
ସେବିକା କରିଦେବ ପ୍ରଭୁ ଚରଣେ ।
ମୋ ତନୁ ଦଗ୍ଧ ହେଲେ ନେବ ତ ଖାର,
ତାହାକୁ କରିଇବ ପାଦପେ ସାର ।
ସେ ତରୁ କାଷ୍ଠ ଦେଇ ବର୍ଦ୍ଧକୀ ହସ୍ତେ,
କରାଇ ଦେବ ପ୍ରଭୁ ପାଦୁକା ମତେ ।"

ଏହାକୁ ପାଠକଲେ କବି ଅଭିମନ୍ୟୁଙ୍କ ରଚନା ସ୍ୱତଃ ପାଠକ ମନରେ ଉପସ୍ଥିତ ହୁଏ । ଗୋବିନ୍ଦ ପ୍ରେମ ବିଧୁରା ଶ୍ରୀମତୀ ତାହାଙ୍କ ବିରହରେ ଅଧୀରା ହୋଇ ସଖୀ ବିଶାଖାଙ୍କୁ କହୁଛନ୍ତି—

"ଜୀବନ ଗଲେ ଏତିକି କରିବ,
ଶ୍ୟାମ ନାମ ମୋ ହୃଦରେ ଲିହିବ ।
ଶ୍ୟାମ ରୂପ ମୃତ୍ତିକାରେ ଲଦାଇ,
ଶ୍ୟାମ ବସନ ଅଙ୍ଗରେ ଘୋଡ଼ାଇ ।

Digitized by PPRACHIN, SOA

ଶ୍ୟାମ ଗଉପଥେ,
ମୋ ଶବ ପୋତିବ ଆପଣା ହସ୍ତେ ।"

ପରମରେ ଜୀବର ଆତ୍ମସମର୍ପଣ ହେଉ ବା ଶ୍ରୀକୃଷ୍ଣଙ୍କ ଠାରେ ଶ୍ରୀମତୀଙ୍କ ଆତ୍ମନିବେଦନ ହେଉ, କବିଙ୍କର ସ୍ୱଚ୍ଛ ଅନାବିଲ ଭାବ-ସ୍ରୋତର ଗତି ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ସଖୀମାନେ ତାଲେ ଏତିକ କରି ନ ପାରିବେ ସେଥିପାଇଁ ମଧ୍ୟ ଶ୍ରୀରାଧା ଆଉ ଏକ ସୂଚନା ଦେଇଅଛନ୍ତି ।

"ଯେବେ ଏମନ୍ତ କରି ନ ପାରିବ,
ତମାଲେ ଡୋଲି କରାଇ ଥୋଇବ ।
କୃଷ୍ଣ ବଂଶୀ ଶୁଭୁଥିବ ଯେଣିକି,
କର୍ଣ୍ଣ ଡେରି ଦେଇଥିବ ତେଣିକି
ସବୁ ସଜନୀଙ୍କି,
ହାତ ଧରି ମୁଁ ମାଗୁଛି ଏତିକି ।"

ମନେହୁଏ ଗଙ୍ଗାଧର ଏ ଭାବରୁ ତାଙ୍କର ଉପାଦାନ ସଂଗ୍ରହ କରି ଅଭିନବତ୍ୱ ଉତ୍ପାଦନ କରିବାପାଇଁ ଚେଷ୍ଟିତ ହୋଇଛନ୍ତି । ହେଲେହେଁ ଅଜିର ପାଠକ ସମାଜ ଏହାକୁ ଏକ ହାସ୍ୟଜନକ ବ୍ୟାପାର ବୋଲି ହସି ଉଡ଼ାଇ ଦେଇ ପାରନ୍ତି । ମାତ୍ର କବିଙ୍କ ଭାରତୀ କୁନ୍ତଳାକୁମାରୀଙ୍କ 'ପ୍ରେମ ଚିନ୍ତାମଣି'ର ଶ୍ରୀମତୀଙ୍କ ନିଷ୍ଠା ଏମାନଙ୍କ ଠାରୁ ଅଧିକ ପ୍ରାଣବନ୍ତ, ମନୋଜ୍ଞ ହୋଇଉଠିଛି । ତାଙ୍କର ଶ୍ରୀମତୀ, ବିରହ ବ୍ୟଥିତା ହୋଇ ଆତ୍ମଘାତୀ ହେବାକୁ ଚାହାଁନାହାନ୍ତି । ସେ ପୀଡ଼ିତ, ନିଷ୍ପେଷିତ ହୋଇ ସ୍ୱ ପ୍ରଭୁକୁ ମହାପ୍ରସ୍ଥାନ କରିବାକୁ ଚାହାଁନ୍ତି । ବିପଦ ଦେଖି କାତର ହେବା ମନୁଷ୍ୟତ୍ୱ ନୁହେଁ । ବାଧା,

Digitized by PPRACHIN, SOA

ବନ୍ଧୁ, ଭଷଣ, ଦୂଷଣକୁ ଭୂଷଣ କରି ଅଗଭର ହେବା ହିଁ ମନୁଷ୍ୟତା । ଉତ୍କଳମଣି ଗୋପବନ୍ଧୁ ଯେପରି କହିଛନ୍ତି—

"ବିପଦ ପ୍ରଭୁଙ୍କ କଷଟି ପାଷାଣ,
ପରଖନ୍ତି ତହିଁ ନର ହୃଦ ଠାଣ ।
ବିଦଗଧ ହେଲେ ବିପଦ ଅନଳେ,
ଭସ୍ମ ନୋହି ଯେହ୍ନ ଧାଉ ଦାଉ ଜଳେ ।
ସେହି ଏକା ଶୁଦ୍ଧ ସୁବର୍ଣ୍ଣ ହୃଦୟ,
ଲଭେ ଅଶ୍ୱାସନା ଅଭୟ ବିଜୟ ।"

ଖେଣ୍ଡ କେବଳ ଦୁଃଖରେ ମ୍ରିୟମାଣ ହୋଇ ଅମୃଧାତୀ ହେବାରେ ବାହାଦୁର କିଛି ରହେ ନାହିଁ । କୁନ୍ତଳାଙ୍କ ଶ୍ରୀମତୀ ଶ୍ୟାମଙ୍କୁ ବର୍ତ୍ତିମାନ ପାଇ ନାହାନ୍ତି ବୋଲି ମୃତ୍ୟୁ କାମନା କରୁ ନାହାନ୍ତି; ସେ ସେହି ଶ୍ୟାମ ନାମକୁ ଭଲ ଭଲ କାଳାଡପାତ କରିବାକୁ ମନସ୍ଥ କରିଛନ୍ତି ।

"ଅର୍ଜିତ ନାମୀଗୀ କୁଳବି ସଂସାରେ,
ଭିକାରୁଣୀ ବେଶେ ଦୁଆରେ ଦୁଆରେ ।
ଭଙ୍ଗା କେନ୍ଦରିରେ ଗାଇବି ତା ନାମ,
ପ୍ରାଣାରାମ ପ୍ରିୟ; ଶତ୍ତ୍ର ପ୍ରାଣାରାମ ।
ସେତିକ ମୋ ଧର୍ମ ଧାରଣା,
ଯୋଗ-ଯାଗ, ଜପ-ତପ, ଛାଷ୍ଟା-ନିଷ୍ଠା
ପୂଜା ପାଠ ମୋତେ ଅଜଣା ।"

ବିରହଣୀ ନାୟିକାର ବାସ୍ତବ ଅଭିବ୍ୟକ୍ତି ଇଏ । ସେ ଯଦି ମରିଯାଏ, ତେବେ ସବୁ ଅନୁଭୂତ ତ ସରିଯିବ । ଅଉ ପ୍ରିୟଜନ

Digitized by PPRACHIN, SOA

ପ୍ରତି କରୁଣା, ସ୍ନେହ, ସୌହାର୍ଦ୍ଦ୍ୟ ବା ସହାନୁଭୂତି ଆସିବ କାହିଁ !

ଏଥିପାଇଁ ଲଳିତାର ଉକ୍ତି—

"ଲତା ଯହିଁ ତେଜେ ସ୍କନ୍ଧରୁ ତରୁ ଅଙ୍ଗ,
ଶତ ଚରଣର ଦଳା ସେ କି ନ ସହିବ ?" (୩୮)

ଯଥାର୍ଥ ହୋଇଛନ୍ତି । ତତ୍ତ୍ୱଦର୍ଶୀ ବଳଦେବଙ୍କ ଶ୍ରୀମତୀ ମଧ୍ୟ ସେହିପରି ଶ୍ରୀକୃଷ୍ଣଙ୍କ ସହ ମିଳନକୁ "ଗଗନ-କୁସୁମ ପରି ଏଥି ଶ୍ରମ ଫଳ ହୋଇବ କି କାଳେ" ବୋଲି ଧାରଣା କରି ନେଇଛନ୍ତି । ତାହି କବିହଂସ ଗୋପାଳକୃଷ୍ଣଙ୍କ ଶ୍ରୀମତୀ ବିରହକାତର ହୋଇ ଅତୀତର ଘଟଣାକୁ ଭାଳି ବସିଛନ୍ତି—

"ଅହା କି ମୋହର ସୁଦିନ ହେବ,
ପୂର୍ବର ସେ ଭାଗ୍ୟ ଲେଉଟିବ ।
ବିଳେଇବି ପ୍ରାଣନାଥଙ୍କ ଅଙ୍କରେ
ହରଷାଶ୍ରୁ ନେତ୍ରେ ପୂରିବ ।
ଅସ ଅସ ବୋଲି ହସି ହସି
ତାଙ୍କୁ ତନୁ ପଡ଼ିବ ଉଲ୍ଲସି,
ସାଙ୍ଗାଙ୍ଗେ ଦୁହିଙ୍କ ପଦାବଳୀ ଲେଖିବି
ତୋଳିବେ ଶ୍ରୀହସ୍ତେ ଅଶ୍ୱାସି ।"

କେଉଁଦିନ ନିଭୃତ କୁଞ୍ଜରେ କୁସୁମ ଶେଯରେ କାନ୍ତ କୋଳ କରିଥିଲେ, ଶ୍ରୀମତୀ ତାହାଙ୍କ ହୃଦୟଦେଶରେ ଶୟନ କରି ବୀଣା-

(୩୮) ପ୍ରେମଚନ୍ଦ୍ରାମଣି—କୁନ୍ତଳକୁମାରୀ ।

Digitized by PPRACHIN, SOA

ବାଦନ କରୁଥିଲେ, ଶ୍ରୀକୃଷ୍ଣ ତାଙ୍କୁ ଦୁଇ ଭୁଜରେ ଭିଡ଼ି ଧରିଥିଲେ, ବିପଦରେ ଏସବୁ ଶତ ଶତ ଗତିସ୍ମୃତି ମନରେ ଉଙ୍କିମାରିବାରୁ ସେ ସାନ୍ତ୍ୱନା ପାଉଛନ୍ତି । ଏହା ବିରହୀ ବିରହିଣୀଙ୍କ ପକ୍ଷରେ ଅସ୍ୱାଭାବିକ ନୁହେଁ ! ମାତ୍ର ସମଦଶାପନ୍ନା ହୋଇ ବି ସୀତାଙ୍କର ଏକମାତ୍ର ମୃତ୍ୟୁ କାମନା ସେକାଳର ସତୀତ୍ୱର ମହିମାମୟ ଆଦର୍ଶ ହୋଇପାରେ, ମାତ୍ର ଏକାଳର ପାଠକ ସେ ଆଦର୍ଶକୁ ଉପଯୁକ୍ତ ସମ୍ମାନ ଦେବାକୁ ଆଗଭର ହୁଏ ନାହିଁ । ତାର କାରଣ ହେଉଛି, ଏ ଯୁଗ ବାସ୍ତବବାଦର ଯୁଗ । କେବଳ କଳ୍ପନା ବିଳାସରେ ମାତ୍ର କାବ୍ୟ ରଚନା କରାଯାଇ ପାରେ, ମାତ୍ର ତାହା ପରିସ୍ଥିତି ଦୃଷ୍ଟିରେ ସବୁଦିନେ ସମ୍ମାନ ଲାଭ କରିବାର ସୁଯୋଗ ପାଏ ନାହିଁ । ଏହା ଆଧୁନିକ ଭାବନାର ରୀତି ।

ଅବଶ୍ୟ, ବିଂଶ ଶତାବ୍ଦୀର ପାଠକ ଏପ୍ରକାର ଭାବନା ପ୍ରତି କଟାକ୍ଷ କରି ପାରନ୍ତି ମାତ୍ର ପତି ଶ୍ରୀଚରଣରେ ସତୀର ଆତ୍ମସମର୍ପଣ ଏ ଦେଶର ଜଳବାୟୁରେ ନୂଆ ନୁହେଁ । ଏ ଦେଶର ପୁରାଣ କିମ୍ବଦନ୍ତୀ ଆଉ ଇତିହାସ ତାର ମୂକସାକ୍ଷୀ, "ଭାବୀ ପାଠକବୃନ୍ଦ ସୀତାଙ୍କ ଉଜ୍ଜ୍ୱଳ, ନିର୍ମଳ ଓ ପବିତ୍ର-ଚରିତ୍ର-ଚର୍ଚିତ ସ୍ମୃତି ପଟକୁ ଥରେ ଥରେ ଉଦ୍‌ଘାଟନ କରି ନାରୀ ହୃଦୟର ଉନ୍ନତି ବିଧାନ କରିବେ" ବୋଲି ଅଶାକରି ଲେଖିଛନ୍ତି କବି ! ସେଇଥିପାଇଁ ପୁରାଣ ବର୍ଣ୍ଣିତ "ଅହଲ୍ୟା ଦ୍ରୌପଦୀ ତାରା କୁନ୍ତୀ ମନ୍ଦୋଦରୀ ତଥା" ଆଦି ପଞ୍ଚସତୀଙ୍କ ମଧ୍ୟରୁ କାହାକୁ ନାୟିକା ନକରି ସେ ତପସ୍ୱିନୀ କରି ବାଛି ନେଇଛନ୍ତି ସତୀ ଶିରୋମଣି ସୀତାଙ୍କୁ । କାରଣ ସୀତା-ଦେବୀ "ବନବାସକୁ ନିଜର ଭାଗ୍ୟଦୋଷ ବୋଲି ପତିଭକ୍ତିକୁ କପର ଦୃଢ଼ତର ଓ ଉଜ୍ଜ୍ୱଳତର କରିଥିଲେ, ବନବାସକୁ ପତି-ହିତ-ସାଧନା ତପସ୍ୟାରେ ପରିଣତ କରି ତପସ୍ୱିନୀ ରୂପେ କପର ଧ୍ୟାନ-

Digitized by PPRACHIN, SOA

ସ୍ଥାପନ କରିଥିଲେ, ତାହା ପ୍ରକଟ କରିବା "ତପସ୍ୱିନୀ" ପୁସ୍ତକର ପ୍ରଧାନ ଉଦ୍ଦେଶ୍ୟ ।

ରାମଚନ୍ଦ୍ରଙ୍କ ଚରିତ୍ର ମଧ୍ୟ ମହତ୍ । ସେ ଯଜ୍ଞ ନିର୍ବାହ ପାଇଁ କନକମୟୀ ପ୍ରତିମା ନିର୍ମାଣ କରାଇଛନ୍ତି ସିନା, ଦ୍ୱିତୀୟା ସ୍ତ୍ରୀ ପରିଗ୍ରହ କରି ନାହାନ୍ତି । ରାମଚନ୍ଦ୍ରଙ୍କର ସୀତାଙ୍କ ଉଦ୍ଦେଶ୍ୟରେ ଖେଦ ପ୍ରକାଶ ଓ ସୀତାଙ୍କ ଅବସ୍ଥାର ବର୍ଣ୍ଣନା ପାଠକଲେ ଯେ କୌଣସି ପାଠକର ଧୈର୍ଯ୍ୟଚ୍ୟୁତ ଘଟିବା ନିଶ୍ଚିତ । ତପସ୍ୱିନୀ ସୀତା ସ୍ୱାମୀଙ୍କଠାରୁ ବର୍ଜ୍ଜିତ ହେବା ସତ୍ତ୍ୱେ ନୀରବରେ ରାଜଭକ୍ତିରେ ଅଚଳ ଅଟଳ ରହିଛନ୍ତି (୩୯) । ଧନ ଚାଲିଯାଏ, କିନ୍ତୁ କଥା ରହିଯାଏ । ରାମ ଓ ସୀତା ଆଉ ନାହାନ୍ତି, କିନ୍ତୁ ତାଙ୍କର ସେ ଗାଥା, କବିଙ୍କ ମୋହନ ମୁରଲୀ ମୂର୍ଚ୍ଛନାରେ ମୂର୍ତ୍ତି ହୋଇ ଉଠିଛି ।

"ସର୍ବେ କ୍ଷୟାନ୍ତା ନିଚୟାଃ
ପତନାନ୍ତା ସମୁଚ୍ଛ୍ରୟାଃ,
ସଂଯୋଗା ବିପ୍ରୟୋଗାନ୍ତା,
ମରଣାନ୍ତଂ ଚ ଜୀବିତମ୍ ।" (୪୦)

ସମସ୍ତ ଐଶ୍ୱର୍ଯ୍ୟ କ୍ଷୟ ପାଏ । ଉତ୍‌ଥାନ ପରେ ପତନ ହୁଏ । ମିଳନ ଶେଷରେ ବିଚ୍ଛେଦ ହୁଏ । ଜୀବନ ଶେଷରେ ମରଣ ହୁଏ ।

---

(୩୯) "Sita is a tapaswini, austere in her steadfast loyalty and in sinking out of life in quiet dignity."—Modern Oriya literature—
P. R. Sen.

(୪୦) ରାଜଶେଖର ବସୁ—ମହାଭାରତ ଭୂମିକା ।

Digitized by PPRACHIN, SOA

ମନୁଷ୍ୟ ଅଦୃଶ୍ୟ ସ୍ଥାନରୁ ଆସି ପୁଣି ଅଦୃଶ୍ୟ ସ୍ଥାନକୁ ହିଁ ଚାଲିଯାଏ । କେହି କାହାରି ହୋଇ ରହିପାରନ୍ତି ନାହିଁ ।

ତପସ୍ୱିନୀ ଜାନକୀଙ୍କ ଅଯୋଧ୍ୟା ନୃପତି ଶ୍ରୀରାମଚନ୍ଦ୍ରଙ୍କୁ ଲକ୍ଷିତ ପଦଟି ପାଠକଙ୍କୁ ବାରମ୍ବାର ଆକୃଷ୍ଟ କରେ ।

"ଶରଣ ବତ୍ସଳ-ଧ୍ୱଜ ରିପୁ-ଗଜାଙ୍କୁଶ,
ଦୁଃଖ-ଗିରି-ବଜ୍ର ଯହିଁ ଦେଖନ୍ତି ବଦୁଷ ।
ରାଜ ରାଜେଶ୍ୱରଙ୍କ ସେ ପଦପଦ୍ମ ଦ୍ୱନ୍ଦେ,
ଦୀନ ଭିଖାରିଣୀ ଦୂରୁ ନତଶିରେ ବନ୍ଦେ ।"(୪୧)

ପଦର ଗାମ୍ଭୀର୍ଯ୍ୟ ସହିତ ହୃଦୟର ଗଭୀର ଦୁଃଖାନୁଭୂତିର ପ୍ରକାଶ ସ୍ପର୍ଶ କରେ ନିବିଡ଼ ଭାବରେ । ଏହା କବିଙ୍କ ଭାଷାରେ "ଶ୍ୱେତ ସରସିଜ ଦୃଶା" ନ ହୋଇ ହୋଇଛି "ବକଚ-ରାଜୀବ-ଦୃଶା" (୪୨) ।

'ଉତ୍ତର ରାମ ଚରିତ'ରେ ସୀତାଙ୍କ ବନବାସର ଦ୍ୱାଦଶ ବର୍ଷ ପରେ ପୁଣି ରାମଚନ୍ଦ୍ର ଅରଣ୍ୟରେ ତାଙ୍କୁ ସାକ୍ଷାତ କରିଛନ୍ତି । ସେଠାରେ ତାହାଙ୍କର ଚେତନା ଲୋପ ହୋଇ ଯାଉଛି । ଅଶ୍ୱମେଧ ଯଜ୍ଞ ପାଇଁ ସ୍ୱର୍ଣ୍ଣମୟୀ ପ୍ରତିମୂର୍ତ୍ତି କଥା ରାମ ନିଜ ମୁଖରେ କହୁଛନ୍ତି । ପୁଣି ରାଜସଭାରେ ତପସ୍ୱିନୀ ସୀତା ଅରୁନ୍ଧତୀ ଓ ବସୁନ୍ଧରାଙ୍କ ସହିତ ପ୍ରବେଶ କରିଛନ୍ତି ଏବଂ ସେମାନଙ୍କ ଅନୁରୋଧରେ ରାମଚନ୍ଦ୍ର ସୀତାଙ୍କୁ ଗ୍ରହଣ କରିଛନ୍ତି ଓ ସେମାନଙ୍କର ମିଳନ ସଂଘଟିତ ହୋଇଅଛି ।

---

(୪୧) ତପସ୍ୱିନୀ—ଏକାଦଶ ସର୍ଗ ।
(୪୨) ଗଙ୍ଗାଧର ପଦାବଳୀ ପୃ ୧୬୫ ।

Digitized by PPRACHIN, SOA

'ରଘୁବଂଶମ୍'ର ସୀତା, 'ତପସ୍ୱିନୀ'ର ସୀତାଙ୍କ ପରି କ୍ଷମାଶୀଳା ନୁହନ୍ତି । ସେ ଜାଣନ୍ତି ସେ ନିରପରାଧିନୀ । ତେଣୁ ତାହାଙ୍କ ପ୍ରତି ରାମଚନ୍ଦ୍ରଙ୍କ ଅବଜ୍ଞା ତାଙ୍କ ପାଖରେ ଅସହ୍ୟ ହୋଇ ଉଠିଛି । ସେ ଲକ୍ଷ୍ମଣଙ୍କୁ କହୁଛନ୍ତି,

> "ବାଚ୍ୟସ୍ତ୍ୱୟା ମଦ୍‌ବଚନାତ୍ ସ ରାଜା
> ବହ୍ନୌ ବିଶୁଦ୍ଧାମପି ଯତ୍ ସମକ୍ଷଂ,
> ମାଂ ଲୋକବାଦ ଶ୍ରବଣାଦହାସୀଃ
> ଶ୍ରୁତସ୍ୟ କିଂ ତତ୍ ସଦୃଶଂ କୁଳସ୍ୟ ।" (୦୩)

ମୋ କଥାନୁସାରେ ତୁମେ ସେହି ରାଜାଙ୍କୁ କହିବ, ତୁମ୍ଭ ସମକ୍ଷରେ ମୁଁ ଅଗ୍ନିରେ ପରୀକ୍ଷିତା ହେଲେ ମଧ୍ୟ ମିଥ୍ୟା ଲୋକାପବାଦ ଭୟରେ ଭୀତ ହୋଇ ଯେ ମୋତେ ପରିତ୍ୟାଗ କଲେ, ଏହା କଣ ତୁମର ସୁପ୍ରସିଦ୍ଧ ରଘୁବଂଶର ଅନୁରୂପ କର୍ମ ହେଲା ? ଏପରି ବାକ୍ୟର କଳ୍ପନା ମଧ୍ୟ 'ତପସ୍ୱିନୀ'ର ଜାନକୀଙ୍କଠାରେ ସୁଦୂର ପରାହତ । ଏମନ୍ତ ଅକ୍ଷେପ ପୂର୍ଣ୍ଣ ବାକ୍ୟକୁ ତ୍ୟାଗକରି ମେଘଦୂତ କେବଳ ଜାନକୀଙ୍କ ଚରିତ୍ରକୁ ମହତ୍ତର କରି ଚିତ୍ରଣ କରିବାକୁ ଚେଷ୍ଟିତ ହୋଇଛନ୍ତି । କିନ୍ତୁ ଅଧିକ ସଙ୍ଗେ ଅଳଙ୍କାର ଏବଂ ଧ୍ୱନି ସହିତ ରୀତିର ଆବଶ୍ୟକତା ଥିଲା ପରି ଭଲ ସଂହୃତ ମନ୍ଦ ଗୁଣର ବର୍ଣ୍ଣନା ଏକାନ୍ତ ଅପରିହାର୍ଯ୍ୟ କାରଣ ସୀତାରାମଙ୍କର ଦେହଧାରୀ । ତେଣୁ ସୀତାଙ୍କୁ କେବଳ ଉତ୍ତମ ଗୁଣରେ ବିଭୂଷିତା କରି ମେଘଦୂତ ଯଥାର୍ଥ ବାସ୍ତବ ଚିତ୍ର ଦେବାରେ କୃତକାର୍ଯ୍ୟ ହୋଇଥିବା ଭଳି ମନେ ହୁଏ ନାହିଁ ।

---

(୦୩) ରଘୁବଂଶମ୍—୧୪।୬୧

ଜାନକୀଙ୍କ ସହ ବନ ଗମନ ହେତୁ ଅଯୋଧ୍ୟାର ରାଜଲକ୍ଷ୍ମୀ କୁପିତ ହେବା କଥା 'ରଘୁବଂଶମ୍'ର ବର୍ଣ୍ଣନାର ଅନୁରୂପ ହୋଇଅଛି ।

ମୂଳତଃ, କାଳିଦାସଙ୍କ ସୀତା ଅସାଧାରଣ ମାନବୀ ରୂପେ ଚିତ୍ରିତା ହୋଇଥିଲେ ସୁଦ୍ଧା ସେ ମେହେରଙ୍କ ହସ୍ତରେ କେବଳ ଦେବୀ ରୂପରେ ଚିତ୍ରିତା । କାଳିଦାସ ବା ଭବଭୂତିଙ୍କ ରାମ ମନୁଷ୍ୟ ଭଳି ଅନୁଭୂତିପ୍ରବଣ ହୋଇଥିଲାବେଳେ ଗଙ୍ଗାଧର ତାହାଙ୍କୁ ଆଦର୍ଶ ଭାବରେ ଚିତ୍ରିତ କରିବାକୁ ସତତ ଚେଷ୍ଟିତ ହୋଇଅଛନ୍ତି ।

ଗୋସ୍ୱାମୀ ତୁଳସୀ ଦାସ ସୀତାଙ୍କୁ—

''ଉଦ୍ଭବ ସ୍ଥିତି ସଂହାର-କାରିଣୀଂ କ୍ଳେଶ ହାରିଣୀଂ ।
ସର୍ବଶ୍ରେୟସ୍କରୀ ସୀତା ନତୋଽହଂ ରାମବଲ୍ଲଭାଂ'',

ବୋଲି ବର୍ଣ୍ଣନା କରିଛନ୍ତି । ସେ ତାଙ୍କୁ କେବଳ ସଂସାରର ମୂଳାଧାର ଜଗଜ୍ଜାନୀ ଜନନୀ ରୂପେ ଦେଖିଛନ୍ତି । ତାଙ୍କର ରାମ ହେଉଛନ୍ତି,

''ବ୍ୟାପକ ବ୍ୟାପ୍ୟ ଅଖଣ୍ଡ ଅନନ୍ତା,
ଅଖିଳ ଅମୋଘ ଶକ୍ତି ଭଗବନ୍ତା ।
ଅସ୍ୱନ ଅଭଦ୍ର ଚିର୍ ଗୋତୀତା,
ସବ ଦରଶୀ ଅନବଦ୍ୟ ଅଜୀତା ।
ନିର୍ମଳ ନିରାକାର ନିର୍ମୋହା,
ନିତ୍ୟ ନିରଞ୍ଜନ ସୁଖ ସନ୍ଦୋହା ।

Digitized by PPRACHIN, SOA

ପ୍ରକୃତ ପାର ପ୍ରଭୁ ସବ ଉରବାସୀ,
ବ୍ରହ୍ମ ନିରୀହ ବିରଜ ଅବିନାସୀ । (୪୪)

ସେ ସର୍ବଶକ୍ତିମାନ୍, ସର୍ବବ୍ୟାପୀ, ତେଣୁ ତାଙ୍କର ରାମ ମାନବ ରୂପେ ଅବତୀର୍ଣ୍ଣ ହୋଇ ମର୍ତ୍ତ୍ୟରେ ଅଭ୍ୟାଗତ ହୋଇଥିଲେହେଁ ସେ ତାହାଙ୍କୁ ସେହି ପରଂବ୍ରହ୍ମ ବୋଲି ହିଁ ଗ୍ରହଣ କରି ଆସିଛନ୍ତି ।

ପଣ୍ଡିତ ନୀଳକଣ୍ଠ ମତପ୍ରକାଶ କରି କହିଛନ୍ତି, 'ପ୍ରଣୟବଲ୍ଲରୀ' ସୁନ୍ଦର ଅନୁବାଦ (୪୫) । ଏଥିରୁ ଅନୁମିତ ହୁଏ ପ୍ରଣୟବଲ୍ଲରୀ କାଳିଦାସଙ୍କ ସଂସ୍କୃତ 'ଅଭିଜ୍ଞାନ ଶକୁନ୍ତଳମ୍' ନାଟକର ସଂପୂର୍ଣ୍ଣ ଅନୁବାଦ ହୋଇଥିବ ପରି । କିନ୍ତୁ ବ୍ରଜମୋହନ ପଣ୍ଡାଙ୍କୁ ୨୭ । ୫ । ୧୯୧୫ ପତ୍ରରୁ ଏ ଧାରଣା ଭ୍ରମାତ୍ମକ ପ୍ରତିପାଦିତ ହେଉଛି,

"ପ୍ରଣୟ ବଲ୍ଲରୀର ସ୍ଥାନେ ସ୍ଥାନେ ସଂଯୋଗ କରିବା ଶ୍ଳୋକ ସବୁ ଅନୁବାଦ କରି ସାରିଲେ କି ? ଆଶାକରେ ଶୀଘ୍ର କରି ମୋତେ ପଠାଇବେ ।" (୪୬) ପୁଣି ମେହେରଙ୍କ ୩୧।୫।୧୯୧୫ ରେ ପ୍ରଦତ୍ତ ଉତ୍ତର "ଗ୍ରୀଷ୍ମର ପ୍ରାଦୁର୍ଭାବ ଊଣା ହେଲେ 'ପ୍ରଣୟବଲ୍ଲରୀ'ର ଅବଶ୍ୟକୀୟ ଶ୍ଳୋକ ସବୁ ଅନୁବାଦ କରି ଆପଣଙ୍କ ନିକଟକୁ ପଠାଇବି ।" (୪୭)

(୪୪) ରାମଚରିତ ମାନସ——ଉତ୍ତରକାଣ୍ଡ
(୪୫) ଅଧ୍ୟାପକ କାହ୍ନୁଚରଣ ମିଶ୍ରଙ୍କ ସାହିତ୍ୟ ସମୀକ୍ଷା ଅଭିମତ ।
(୪୬) ଗଙ୍ଗାଧର ପତ୍ରାବଳୀ ପୃ ୧୨୯
(୪୭) ଏକ୍ସ—ପୃ ୧୮୧

Digitized by PPRACHIN, SOA

ପ୍ରଣୟମୂଳକ ରଚନା ସମ୍ପର୍କରେ କବି ଏ ବିଷୟକୁ ତାଙ୍କ ନିର୍ବାଚନ କରିଛନ୍ତି ତାର ଏକ କୈଫିୟତ ଦେଇଛନ୍ତିଃ—"ମେନକା ଅପ୍‌ସରା ସୌନ୍ଦର୍ଯ୍ୟ-ଦେବତା ଓ ପ୍ରଲୋଭନ-ଅସୁର ମିଳି ବିଶ୍ୱାମିତ୍ରଙ୍କର ତପଃସିନ୍ଧୁ ମନ୍ଥନ କରିବାରୁ ଶକୁନ୍ତଳାରୂପିଣୀ ଲକ୍ଷ୍ମୀଙ୍କର ଆବିର୍ଭାବ ଓ ତତ୍ପ୍ରାପ୍ତ ଚରିତାମୃତର ଉତ୍‌ଥାନ ହେଲା । ସେହି ଅମୃତକୁ ବୈୟାସିକୀ ଭାରତୀ ମୋହିନୀରୂପରେ ବିବୁଧରୂପ ବିବୁଧ ସମାଜରେ ପରିବେଷଣ କରିଦେଲା । ମହାକବି କାଳିଦାସ ସେହି ଅମୃତରେ ନାଟକରୂପ ମିଷ୍ଟାନ୍ନ ପ୍ରସ୍ତୁତକରି ବିବୁଧ ସମାଜରେ ପ୍ରଶଂସନୀୟ ହୋଇଅଛନ୍ତି । ପୃଥିବୀର ଅନ୍ୟତମ ମହାକବି ଜର୍ମାନ ସାହିତ୍ୟାକାଶର ପୂର୍ଣ୍ଣଚନ୍ଦ୍ର ମହାତ୍ମା ଗେଟେ କାଳିଦାସଙ୍କ ଶକୁନ୍ତଳା ନାଟକର ସ୍ୱର୍ଗୀୟ ମାଧୁର୍ଯ୍ୟରେ ମୁଗ୍ଧ ହୋଇ ମହାକବିଙ୍କର ଭାରତ ପ୍ରଥିତ ଯଶକୁ ଅବନୀ ପ୍ରଥିତ କରିଦେଇଅଛନ୍ତି । ଦୃଶ୍ୟର ମହତ୍ତ୍ୱ ଶୁଣି ବୁଝନ୍ତୁ ।

ମହାତ୍ମା ଗେଟେ ମୁକ୍ତ କଣ୍ଠରେ ଗୁରୁଗମ୍ଭୀର ସ୍ୱରରେ କହୁଛନ୍ତି,

"Wouldst thou the young year's blossoms;
and the fruits of its decline,
And all by which the soul is charmed,
enraptured, feasted, fed ?
Wouldst thou the earth and heaven
itself in one sole name combine ?
I name thee, O Sakuntala !
and all at once is said."

Digitized by PPRACHIN, SOA

ଆଜି କାଳିଦାସଙ୍କର ଶକୁନ୍ତଳା ପୃଥିବୀରେ ବିଭିନ୍ନ ଭାଷାରେ ଅନୁବାଦିତ ହୋଇ ବିଜ୍ଞମାନଙ୍କର ହୃଦୟକୁ ଅମୃତ ରସରେ ପ୍ଲାବିତ କରୁଅଛି । ଭିନ୍ନ ଭାଷାରେ ମୂଳ କବିତାର ଭାବ ପୂର୍ଣ୍ଣରୂପେ ପ୍ରକାଶ କରିବା ସୁକଠିନ କାର୍ଯ୍ୟ । ଗୋଟିଏ ହସ୍ତୀ ସ୍ୱାଧୀନ ଭାବରେ ଚାଲିଲେ ତାହାର ଗତିର ଯେଉଁ ଶୋଭା ଥାଏ, ଅନ୍ୟ ଗୋଟିଏ ହସ୍ତୀ ପୂର୍ବଗାମୀ ହସ୍ତୀର ଠିକ୍ ପଦଚିହ୍ନ ଉପରେ ପଦକ୍ଷେପ କରି କରି ଚାଲିଲେ ସେ ଶୋଭା ରହିପାରେ ନାହିଁ । କିନ୍ତୁ ସେହି ମାର୍ଗରେ ହଂସର ନୈସର୍ଗିକ ଗତି ଦର୍ଶନୀୟ ହୋଇଥାଏ । ମହାକବି କାଳିଦାସଙ୍କ ଗତିପଥ ଲକ୍ଷ୍ୟ କରି ଏହି ପୁସ୍ତକର ରଚନା ହୋଇଅଛି ଏବଂ ଚରିତଟି ପ୍ରଣୟ-ପ୍ରଧାନ ଥିବାରୁ 'ପ୍ରଣୟବଲ୍ଲରୀ' ନାମ ଧାରଣ କରିଅଛି ।" (୪୮)

ତେଣୁ 'ପ୍ରଣୟବଲ୍ଲରୀ'କୁ ଏକା ନିଃଶ୍ୱାସରେ 'ଅନୁବାଦ' କହିଦେବା ଠିକ୍ ହେବନାହିଁ । ଏଥିରେ ଉତ୍କଳୀୟ କବି କି ସ୍ୱାତନ୍ତ୍ର୍ୟ ରକ୍ଷା କରିଛନ୍ତି, ତାହା ପ୍ରଣିଧାନର ଯୋଗ୍ୟ । କାଳିଦାସ ଶକୁନ୍ତଳାକୁ ରଚନା କଲାବେଳେ "ମହାଭାରତ ପଥ ପରିତ୍ୟାଗ କରି ପଦ୍ମପୁରାଣର ମାର୍ଗ" ଅନୁସରଣ କରିଛନ୍ତି ବୋଲି କଥିତ ହୁଏ । ସେତିକି ନୁହେଁ, ମୁଦି ଉପାଖ୍ୟାନ ବେଳେ 'ଜାତକ କଥା'କୁ ଅନୁସରଣ କରିଥିବା ବିଶ୍ୱାସ ।

ସେହିପରି ଉତ୍କଳୀୟ କବି 'ଅଭିଜ୍ଞାନ ଶକୁନ୍ତଳମ୍'ରୁ କଥାବସ୍ତୁ ଗ୍ରହଣ କଲେହେଁ ସ୍ୱକୀୟ ସ୍ୱାଧୀନ ଚିନ୍ତାରେ ଯେ ପରିଚାଳିତ ହୋଇଛନ୍ତି ଏହା ଅନସ୍ୱୀକାର୍ଯ୍ୟ । ସେ ବ୍ରଜମୋହନ

(୪୮) ପ୍ରଣୟବଲ୍ଲରୀ—ଭୂମିକା ।

Digitized by PPRACHIN, SOA

ପଣ୍ଡାଙ୍କୁ ପ୍ରଦତ୍ତ ତା ୨ । ୯ । ୧୯୧୫ ରିଖ ପତ୍ରରେ ଏ ବିଷୟରେ ସନ୍ଦେହ ମୋଚନ କରି ଲେଖିଛନ୍ତି—

"ଦେବକନ୍ୟା ଓ ରାକ୍ଷସ କନ୍ୟା ବିଷୟରେ ମୋର ଅଭିପ୍ରାୟ ଏହିକି 'ପ୍ରଣୟବଲ୍ଲରୀ' ଜଙ୍ଗଲ କବି ଧ୍ୱାଇ ରଚିତ । ତହିଁରେ ଜଙ୍ଗଲର କଥା କିଛି ହେଲେ ରହିବା ଆବଶ୍ୟକ । ଦୁଷ୍ମନ୍ତ ତ ଅସୁର ଦମନ ନିମନ୍ତେ ସ୍ୱର୍ଗକୁ ଯାଇଥିଲେ । ଦେବାସୁର ମଧ୍ୟରେ କଳି କିପରି ହେଲା, ତାହା ପ୍ରକଟ ହେବା ଆବଶ୍ୟକ । ଅତଏବ ଜଙ୍ଗଲ ଭୂମିକୁ ନେଇ କଳହ ହୋଇଥିବା ରଚନା କଲି । ଜଙ୍ଗଲ ଶାନ୍ତି, ଦୟା, କ୍ଷମା, ଶ୍ରଦ୍ଧାର ବିହାରସ୍ଥଳ ଥିଲା । ସେମାନେ ଜଙ୍ଗଲର ଗିରିକନ୍ଦରବାସୀ ମୁନିମାନଙ୍କର ହୃଦୟରେ ବିଚରଣ କରୁଥିଲେ । ଶବରମାନେ ମଧ୍ୟ ଜଙ୍ଗଲର ଆଦିମ ନିବାସୀ ଅଟନ୍ତି । ଜଗନ୍ନାଥ ପ୍ରଥମେ ଶବର ଗୃହରେ ଗୁପ୍ତଭାବରେ ପୂଜିତ ହେଉଥିଲେ । ପଶୁପକ୍ଷୀ ମାରଣ ଶବରମାନଙ୍କର ଜୀବିକା । ସୁତରାଂ ସେମାନଙ୍କର ହୃଦୟ ହିଂସାର ବିହାର ସ୍ଥଳ । ଶ୍ରଦ୍ଧା, ଶାନ୍ତି ଆଦି ଦେବକନ୍ୟାଙ୍କ ସହିତ ଅସୁର କନ୍ୟା ହିଂସାର ସଂଘର୍ଷ ସ୍ୱାଭାବିକ । ସେମାନଙ୍କର କଳହରେ ଦେବ ଦାନବଙ୍କର କଳହ ହେଲା । କ୍ରୋଧ ଆଦି ଅସୁରଙ୍କୁ ଉଦାରଧର୍ମୀ ଦେବଗଣ ଦମନ କରିବା କଠିନ । ତହିଁରେ ମାନବ ହୃଦୟର ବୀରତ୍ୱ ନିତାନ୍ତ ଦରକାର । ସେହି ହେତୁରୁ ଦେବ-ସ୍ୱଭାବ ବୀରଧର୍ମୀ ଦୁଷ୍ମନ୍ତଙ୍କୁ ନିମନ୍ତ୍ରଣ କରିବାକୁ ହୋଇଥିଲା । ଦୁଷ୍ମନ୍ତ ଶ୍ରଦ୍ଧା, ପ୍ରୀତି, ଶାନ୍ତି ପାଦରି, ବିପଦ ବରଣ ଏବଂ କ୍ରୋଧାଦି ଦମନର ଦୃଷ୍ଟାନ୍ତ ନିଜ ଜୀବନରେ ଦେଖାଇଥିଲେ ।

× × × ×

ବ୍ୟାସଦେବ ଶକୁନ୍ତଳାଙ୍କୁ ପ୍ରଗଲ୍‌ଭା କରି ଅଛନ୍ତି । କାଳିଦାସ ତାହା କରି ନ ଥିଲେ ହେଁ ପତିର ବ୍ୟବହାରରେ ନାରୀର ହୃଦୟ

Digitized by PPRACHIN, SOA

ଭାଗି ଦେଇ ଅଛନ୍ତି । ମୁଁ ତାହା ନ କରି ଶକୁନ୍ତଳାଙ୍କୁ ପ୍ରଣୟମୁଗ୍ଧା ସରଳ ହୃଦୟା କରିଅଛି । କାରଣ ଯେ, ପତି ପତ୍ନୀର ପରସ୍ପରର ବ୍ୟବହାରରେ ଥରେ ହୃଦୟ ଭଗ୍ନ ହୋଇଗଲେ, ପ୍ରଣୟାମୃତରେ ବିଷ ମିଶିଯାଏ । ତାହାର ପବିତ୍ରତା ଚିରଦିନ ନିମନ୍ତେ ନଷ୍ଟ ହୋଇଯାଏ । ଦୁଷ୍ମନ୍ତ ଯେଉଁ ବିଷ ଢାଳି ଦେଇଥିଲେ, ତାହା ଶକୁନ୍ତଳାଙ୍କ ପ୍ରଣୟ କୁମ୍ଭ ଭିତରେ ପଡ଼ି ନ ଥିଲା । ତହିଁ ନିମନ୍ତେ ଦୁଷ୍ମନ୍ତ ଦୁଷ୍କୃତର ଫଳ ଅନୁତାପ ନରକଜ୍ୱାଳା ଭୋଗ କଲେ ଏବଂ ତାହା ନିଜ ଦୋଷରୁ ହୋଇ ନ ଥିବାରୁ ସଦେହରେ ସ୍ୱର୍ଗ ବିହାର ସୁଖ ଭୋଗ କଲେ । ଯେଉଁ ଦେବତା ଓ ଦେବର୍ଷି ଈର୍ଷା ଓ କ୍ରୋଧର ବଶବର୍ତ୍ତୀ ହୋଇ ବିଶ୍ୱାମିତ୍ରଙ୍କର ତପୋଭଙ୍ଗ ଏବଂ ଦୁଷ୍ମନ୍ତଙ୍କ ପ୍ରଣୟ ଭଙ୍ଗ କରିଥିଲେ, ଦୁଷ୍ମନ୍ତ ସେହି ଦେବତା-ମାନଙ୍କର ମାନ ରକ୍ଷା କଲେ ।

ଶକୁନ୍ତଳା ସରଳ ଲଳନାର ସ୍ୱଭାବ ବିଶିଷ୍ଟା ହୋଇ ଅଛନ୍ତି । ଗୌତମୀ ଓ ତାପସକୁମାରମାନଙ୍କ ସମକ୍ଷରେ ପତିଙ୍କର ବିଜନ ପ୍ରଣୟ କଥା ବିଶେଷ କିଛି କହି ନାହାନ୍ତି । ସେ ପତିପ୍ରେମ ଗତପ୍ରାଣା । ପତିଙ୍କର ବିରୋଧାଭାଷକୁ ପରିହାସ ଏବଂ ବିପଦ ଦାୟକ ଶବ୍ଦକୁ ଶୁଭସୂଚକ ଅର୍ଥରେ ଗ୍ରହଣ କରି ଅଛନ୍ତି । ଗ୍ରନ୍ଥରେ ସେ ସବୁର ଏକ ପ୍ରକାର ଉଲ୍ଲେଖ ଅଛି । (୪୯)

ଶାନ୍ତି, ଶ୍ରଦ୍ଧା, ଦୟା, କ୍ଷମା, ଭକ୍ତି ଓ ଧୃତି ଆଦି ଦେବକନ୍ୟା-ମାନଙ୍କ ଚରିତ୍ର ସ୍ୱୟଂ ଗଙ୍ଗାଧରଙ୍କ କଳ୍ପନା ପ୍ରସୂତ । ଏହା କାଳିଦାସଙ୍କ ଲେଖାରେ ନାହିଁ । ଏଗୁଡ଼ିକର ସମାବେଶ ଫଳରେ

---

(୪୯) ଗଙ୍ଗାଧର ପତ୍ରାବଳୀ—ପୃ ୧୯୪-୧୯୬

Digitized by PPRACHIN, SOA

ଙ୍କର ସ୍ୱକୀୟ ମୌଳିକତାର ଚରମ ପରାକାଷ୍ଠା ଦେଖାଇଛନ୍ତି । କିଂପୁରୁଷ ପର୍ବତର ବର୍ଣ୍ଣନା କବିଙ୍କ ନୈସର୍ଗିକ କଳ୍ପନାବିଳାସର ଅନ୍ୟ ଏକ ଉତ୍କୃଷ୍ଟ ପ୍ରମାଣ ।

ମହାଭାରତ ଅନୁସାରେ କଣ୍ୱ ଫଳ ସଂଗ୍ରହରେ ଯାଇଥିବା ବେଳେ ତାଙ୍କ ଅନୁପସ୍ଥିତିରେ ରାଜା ଦୁଷ୍ମନ୍ତ ତାଙ୍କର ଆଶ୍ରମରେ ପ୍ରବେଶ କରିଛନ୍ତି । ଶକୁନ୍ତଳା ତାହାଙ୍କୁ ଅଭ୍ୟର୍ଥନା କରିବା ପରେ କଥା ପ୍ରସଙ୍ଗରେ ନିଜର ଜନ୍ମ ବୃତ୍ତାନ୍ତ କହିଛନ୍ତି । ଦୁଷ୍ମନ୍ତ ଧର୍ମାନୁମୋଦିତ ଗାନ୍ଧର୍ବ ରୀତିରେ ତାଙ୍କୁ ବିବାହ କରିବାକୁ ଚାହିଁବାରୁ ଶକୁନ୍ତଳା ତହିଁରେ ସ୍ୱୀକୃତ ହେଲେ । କିନ୍ତୁ କଥା ହେଲା ଯେ ତାଙ୍କ ପୁତ୍ର ତାଙ୍କ ଅନ୍ତେ ହସ୍ତୀନାର ରାଜା ହେବ । ରାଜା ଦୁଷ୍ମନ୍ତ ପାଣିଗ୍ରହଣ ପୂର୍ବକ ତାଙ୍କ ସହିତ ସହବାସ କଲେ । କଣ୍ୱଙ୍କ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଦୁଷ୍ମନ୍ତ ରାଜଧାନୀକୁ ଚାଲିଗଲେ ଏବଂ ଶୀଘ୍ର ଶକୁନ୍ତଳାଙ୍କୁ ନେଇଯିବେ ବୋଲି କହିଗଲେ । ଏଠାରେ କିଛି ସଙ୍କେତ ଦେବା କଥା ନାହିଁ । କଣ୍ୱ ଫେରିଆସି ଦିବ୍ୟ ଜ୍ଞାନରେ ଏହା ଜାଣିଲେ ଏବଂ ଶକୁନ୍ତଳା ମଧ୍ୟ ସବୁ ବୃତ୍ତାନ୍ତ ଜ୍ଞାପନ କରିବାରୁ ତାହା ଅନୁମୋଦନ କଲେ । ସେହି ସହବାସର ତିନିବର୍ଷ ପରେ ଆଶ୍ରମରେ ଶକୁନ୍ତଳାଙ୍କର ଗୋଟିଏ ଅଦ୍ଭୁତ ଶକ୍ତିଶାଳୀ ପୁତ୍ର ଜାତ ହେଲା । ସେହି ବାଳକ ମାତ୍ର ଛ'ବର୍ଷ ବୟସରେ ବନ ଜନ୍ତୁମାନଙ୍କୁ ଦମନ କରୁଥିବାରୁ ତାର ନାମ ଦିଆହେଲା ସର୍ବ-ଦମନ । କଣ୍ୱ ଶିଶୁପୁତ୍ର ଓ ଶକୁନ୍ତଳାଙ୍କୁ ଶିଷ୍ୟଗଣଙ୍କ ସହ ହସ୍ତୀନାକୁ ପଠାଇଲେ । କିନ୍ତୁ ରାଜା ଶକୁନ୍ତଳାଙ୍କୁ ଚିହ୍ନି ମଧ୍ୟ ସ୍ୱୀକାର କଲେ ନାହିଁ । ଶକୁନ୍ତଳା ଏ ବ୍ୟବହାରରେ ମର୍ମାହତ ହୋଇ ରାଜା ଧର୍ମପଥ ଲଙ୍ଘନ କରି ଅନ୍ୟାୟାଚରଣ କରିବା ବିଷୟ କ୍ରୁଦ୍ଧ ସ୍ୱରରେ ତିରସ୍କାର କରି ଆଶ୍ରମକୁ ପ୍ରସ୍ଥାନ କରିବା ସମୟରେ

Digitized by PPRACHIN, SOA

ଦୈବବାଣୀ ଦ୍ୱାରା ଶକୁନ୍ତଳାଙ୍କ କଥା ପ୍ରମାଣିତ ହେଲା । ତେଣୁ ରାଜା ସମସ୍ତଙ୍କୁ ସେହି ଦୈବୀବାଣୀ ଶୁଣାଇ ଶକୁନ୍ତଳା ଓ ତାଙ୍କ ପୁତ୍ରଙ୍କୁ ଗ୍ରହଣ କଲେ ।

କାଳିଦାସଙ୍କ ମତରେ କଣ୍ୱ ଶକୁନ୍ତଳାଙ୍କ ଋଷ୍ଟ ଖଣ୍ଡନ ପାଇଁ ସୋମତୀର୍ଥକୁ ଯାଇଥିଲେ । ଦୁଷ୍ମନ୍ତ ଆଶ୍ରମରେ କେତେକ ଦିନ ଅତିବାହିତ କରିଥିଲେ । କାଳିଦାସଙ୍କର ନୂତନ ସୃଷ୍ଟି ଅନସୂୟା ଓ ପ୍ରିୟମ୍ୱଦା । କାଳିଦାସଙ୍କ ଶକୁନ୍ତଳା ପୁତ୍ରର ଭାବୀ ରାଜପଣ ବିଷୟରେ କିଛି କହି ନାହାନ୍ତି । ମାତ୍ର ଗଙ୍ଗାଧର ପ୍ରକାରାନ୍ତରରେ ତାହା କହିଅଛନ୍ତି । ମହାଭାରତରେ ରାଜାଙ୍କ ବିସ୍ମୃତିର କୌଣସି କାରଣ ନାହିଁ । କାଳିଦାସ ଦୁର୍ବାସାଙ୍କୁ ଏଥିର କାରଣ କରିଅଛନ୍ତି । ପୁଣି ବିସ୍ମୃତିର ଅପନୋଦନ ପାଇଁ ରାଜାଙ୍କ ନାମାଙ୍କିତ ଅଙ୍ଗୁରୀୟର ଅବତାରଣା କରି ଅଛନ୍ତି । ମହାଭାରତର କଣ୍ୱ ଦୁଷ୍ମନ୍ତ ଶକୁନ୍ତଳାଙ୍କ ମିଳନର ନଅବର୍ଷ ପରେ ଶକୁନ୍ତଳାଙ୍କୁ ହସ୍ତିନା ପଠାଇଛନ୍ତି କିନ୍ତୁ କାଳିଦାସଙ୍କ କଣ୍ୱ ତୀର୍ଥରୁ ଫେରିବା ସଙ୍ଗେ ସଙ୍ଗେ ଶକୁନ୍ତଳାଙ୍କୁ ପତି ଗୃହକୁ ପଠାଇ ଅଛନ୍ତି । ମହାଭାରତର ଶକୁନ୍ତଳା ସାହସିନୀ । ସେ ରାଜାଙ୍କ ସାକ୍ଷାତମାତ୍ରେ ପୁତ୍ରର ରାଜ୍ୟପ୍ରାପ୍ତି ଅଧିକାର ଜଣାଇଛନ୍ତି । କିନ୍ତୁ କାଳିଦାସଙ୍କ ଶକୁନ୍ତଳା ନମ୍ର ଓ ନିସ୍ପୃହା । ମୁଦ୍ରିକାଟି ହଜିଥିବାରୁ ସେ ନିଜକୁ ଅଧିକ ହତାଶ ମନେ କରିଛନ୍ତି ।

ମେଘେହର ପୁତ୍ରର ଅଧିକାର ଆଦି ପ୍ରକାଶ କରିବା ମହାଭାରତରୁ ଗ୍ରହଣ କରିଥିବା ମନେ ହୁଏ । ହେଲେହେଁ ତାହା ଶକୁନ୍ତଳାଙ୍କ ମୁଖରେ ନଦେଇ ନାରଦ ଅବଳା ନାମକୁ ସାର୍ଥକ କରିଛନ୍ତି ।

Digitized by PPRACHIN, SOA

ଗାନ୍ଧର୍ବ ବିବାହ ପରେ ଉଦ୍ବେଗହୀନ ବିତଯାଉଛି । ମହର୍ଷି କଣ୍ୱ ତୀର୍ଥରୁ ଫେରି ସମସ୍ତ ବିଷୟ ଅବଗତ ହୋଇ ମହାରାଜା ଦୁଷ୍ମନ୍ତଙ୍କୁ ଜାମାତାରୂପେ ପାଇ ଆନନ୍ଦ ପ୍ରକାଶ କରିଛନ୍ତି । ଆଉ ଅଧିକ ଦିନ ଆଶ୍ରମରେ ରଖିବା ଅନୁଚିତ ମନେକରି ସେ ଶକୁନ୍ତଳାଙ୍କୁ ହସ୍ତିନାକୁ ପଠାଇବା ସ୍ଥିର କରିଛନ୍ତି । ତାପରେ ପତି ଗୃହକୁ ଯାତ୍ରା କରୁଛନ୍ତି ଆଶ୍ରମପାଳିତା ଋଷିକନ୍ୟା ଶକୁନ୍ତଳା । ତାହାଙ୍କର ସଖୀ ହେଉଛନ୍ତି ଅନସୂୟା, ଯେ ଅସୂୟା କରେ ନାହିଁ ଏବଂ ପ୍ରିୟମ୍ବଦା, ଯେ ପ୍ରିୟକଥା କହେ । ସେହି ସଖୀଦ୍ୱୟ ତାହାଙ୍କ ସଙ୍ଗିନୀ, ହିତାକାଙ୍କ୍ଷିଣୀ । ସ୍ୱାମୀ ଦୁଷ୍ମନ୍ତଙ୍କ ସହିତ ପ୍ରଣୟର ସାଙ୍କେତ ହେଉଛି ତାହାଙ୍କ ପ୍ରଦତ୍ତ ଅଙ୍ଗୁରୀୟ । ସେମାନେ ସଖୀପତି ଦୁର୍ବାସାଙ୍କ ଅଭିଶାପ ବୃତ୍ତାନ୍ତ ଅବଗତ ଅଛନ୍ତି । ସେଥିପାଇଁ ସଚେତନ । ତେଣୁ ପତିଗୃହାଭିମୁଖିନୀକୁ ସଚେତ କରାଇ ବାରମ୍ବାର ସେହି ଅଙ୍ଗୁରୀୟ କଥା ସ୍ମରଣ କରାଇ ଦେଉଛନ୍ତି ।

"ପ୍ରିୟମ୍ବଦା ସଖୀ ବୋଇଲା ସଙ୍ଗିନୀ
ପାଶେ ଯିବୁ ଅଙ୍ଗୁରୀୟ,
ସେ ତୋ ପ୍ରଣୟର ଅଦ୍ୟ ଉପହାର
ସଯତନେ ସଙ୍ଗେ ନିଅ ।
ତାକୁ ନ ଦେଖିଲେ ପୀଡ଼ିତ ହେବ
ମଣିଷାରେ କାନ୍ତ ମନ,
କାନ୍ତ-ପ୍ରୀତି-ରୂପେ ନାମାକ୍ଷର ତାଙ୍କ
କରିଥିବୁ ଚିହ୍ନନ ।"

ପ୍ରିୟମ୍ବଦାର ଏହି ଉକ୍ତିରେ ଭବି ରହିଛି ଶ୍ଳେଷ । ସେ ଜାଣେ ଯଦି ଦୁଷ୍ମନ୍ତ ନାମାଙ୍କିତ ଅଙ୍ଗୁରୀୟ ଶକୁନ୍ତଳା ଦେଖାଇ ନ ପାରିବେ

Digitized by PPRACHIN, SOA

ତେବେ ଦୁଷ୍ମନ୍ତ ତାଙ୍କୁ ଗ୍ରହଣ କରିବେ ନାହିଁ । ସେଇଥିପାଇଁ ଏହି ଶୁଭ ମୁହୂର୍ତ୍ତରେ ସେ କଥା ସେ ସ୍ମରଣ କରଇ "ପ୍ରଣୟର ଅଦ୍ୟ ଉପହାର" ବୋଲି କହୁଛୁ । ଉତ୍ତରରେ ଶକୁନ୍ତଳା କିଛୁ ନ କହି ସେହିପରି ରୁକ୍ଷ ଯାଉଛନ୍ତି । ମାତ୍ର କାଳିଦାସ 'ଅଭିଜ୍ଞାନ ଶକୁନ୍ତଳମ୍'ରେ ଏପରି ସହଜ ଭାବରେ କଥାଟିକୁ ତ୍ୟାଗ କରି ନାହାନ୍ତି । କ୍ଷୁଦ୍ର ଅଙ୍ଗୁରୀୟଟି ସଙ୍କେତ ସ୍ୱରୂପ ହୋଇଥିବାରୁ ତାର ମହତ୍ତ୍ୱ ଓ ଗୁରୁତ୍ୱ ଯଥେଷ୍ଟ । କାରଣ ତାହାରି ଉପରେ ଦୁଇଟି ଜୀବନର ମିଳନ ଓ ବିଚ୍ଛେଦ ନିର୍ଭର କରେ । ତେଣୁ ସଖୀଦ୍ୱୟ ସେତେବେଳେ କହୁଛନ୍ତି—

"ଯଦି ଣାମ ସୋ ରାଏସୀ
ପଚ୍ଚଭିଣ୍ଣାଣ ମନ୍ଥରୋ ଭବେ ତଦୋ ଇମଂ
ଅତ୍ତଣୋ ଣାମଧେଅ ଅଙ୍କିଦଂ ଅଙ୍ଗୁଲୀଅଅଂ
ଦଂସଇସ୍ସସି ।"

ସଖୀ, ଯଦି ସେହି ରାଜର୍ଷି ତୋତେ ଚିହ୍ନି ନ ପାରନ୍ତି, ତେବେ ତାଙ୍କର ନାମାଙ୍କିତ ଏହି ଅଙ୍ଗୁରୀୟଟି ତାଙ୍କୁ ଦେଖାଇବୁ । ଉତ୍ତରରେ ଶକୁନ୍ତଳା କହୁଛନ୍ତି,

"ଇମିଣା ବୋ ସନ୍ଦେସେଣ କମ୍ପିଦଂ ମେ ହିଅଅଂ ।"

ତୁମ୍ଭମାନଙ୍କର ଏହି ଉପଦେଶ ଦ୍ୱାରା ମୋର ହୃଦୟ ଯେପରି କମ୍ପିତ ହୋଇ ଉଠୁଛି । ଏହା ଦେଖି ସଖୀଦ୍ୱୟ କହୁଛନ୍ତି,

"ସହି ମା ଭାଆହି ସିଣେହୋ ପାବସାସଙ୍କୀ ।"

Digitized by PPRACHIN, SOA

ଘଟୀ, ଭୟ କରନା, ସ୍ନେହ ଓ ଅନାବୃଷ୍ଟ ଅଶଙ୍କା କରିଥାଏ । ଏକଥା କବି ଗଙ୍ଗାଧର ଏକାବେଳକେ ତ୍ୟାଗ କରିଦେଇ-ଛନ୍ତି । ତେଣୁ ତାଙ୍କର ଅଭିବ୍ୟକ୍ତି ଏଠାରେ ଅସ୍ପଷ୍ଟ ରହିଯାଇଛି । ଏପରି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ସହଜ ଭାବରେ ଗ୍ରହଣ କରିବା ଦ୍ୱାରା କଥାବସ୍ତୁର ଗୁରୁତ୍ୱ ଲଘବ ହୋଇ ଯାଇଛି ।

ପୁନଶ୍ଚ, ହସ୍ତିନା ପଥରେ ଯାଉ ଯାଉ ଶଚୀତୀର୍ଥଠାରେ ସେହି ଅଙ୍ଗୁରୀୟଟି ଅଲକ୍ଷରେ ହଜାଇ ତାପସୀ ଗୌତମୀ, ଶାରଦ୍ୱତ ଓ ଶାର୍ଙ୍ଗରବଙ୍କ ସହ ଦୁଷ୍ମନ୍ତଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇଛନ୍ତି ଗର୍ଭବତୀ ଶକୁନ୍ତଳା । ଦୁର୍ବାସାଙ୍କ ଶାପ ପ୍ରଭାବରେ ଦୁଷ୍ମନ୍ତ ବିସ୍ମୃତ ହୋଇଛନ୍ତି ତାଙ୍କୁ । ତାଙ୍କର ପ୍ରଣୟର ସତ୍ୟାସତ୍ୟ ପରୀକ୍ଷା ପାଇଁ ସେ ମାଗିଛନ୍ତି ସଙ୍କେତ । ଶକୁନ୍ତଳା ମୁଦ୍ରିକା ନ ପାଇ ହତାଶ ହୋଇଛନ୍ତି । ମେଘେର ଏଠାରେ ମୂଳ ଗ୍ରନ୍ଥଠାରୁ ଦୂରେଇ ଯାଇ ଦୁଷ୍ମନ୍ତଙ୍କ ମୁଖରେ ଯୁକ୍ତି ତର୍କର ଅବତାରଣା କରିଛନ୍ତି । ଦୁଷ୍ମନ୍ତ ଭାବୁଛନ୍ତି, କେହି କପଟୀ ଦେବତା ତାଙ୍କର ନାମ କହି ଶକୁନ୍ତଳାଙ୍କ ସହ ଗୁପ୍ତ ପ୍ରଣୟ କରିଅଛନ୍ତି । ଶାର୍ଙ୍ଗରବ, ଦେବତାମାନେ କୌତୁକରେ ପଡ଼ି ଦୁଷ୍ମନ୍ତଙ୍କ ନାମ କାହିଁକି କହନ୍ତେ ବୋଲି ପ୍ରଶ୍ନ କରିବାରୁ ଦୁଷ୍ମନ୍ତ କହିଲେ,

"ସ୍ୱଭାବତଃ ନାରୀ ଦେବେ ଏଡ଼ି ଲୋଡ଼ି
ଥାଏ ନର-ପ୍ରୀତି ପାଶ,
ନଳ ରୂପ ଧରି ଥିଲେ ଦେବେ ବହି
ଦମୟନ୍ତୀ-ଲଭ ଅଶ ।"

ଏପରି ଯୁକ୍ତି ତର୍କ, ସ୍ଥାନ, କାଳ ଓ ପାତ୍ରାଦିଙ୍କ ଅବସ୍ଥା ଦୃଷ୍ଟିରୁ ଅସଙ୍ଗତ ବୋଧ ହେଉଛି । ବରଂ କାଳିଦାସଙ୍କ 'ଅଭିଜ୍ଞାନ

Digitized by PPRACHIN, SOA

ଶକୁନ୍ତଳମ୍'ରେ ଶକୁନ୍ତଳାଙ୍କ ମୁଖରେ ବର୍ଣ୍ଣିତ ଦୀର୍ଘପାଙ୍ଗନାମକ ମୃଗ ଶିଶୁର ଉପସ୍ଥିତି, ଅପରିଚିତ ଦୁଷ୍ମନ୍ତଙ୍କ ହସ୍ତସ୍ଥିତ ପଦ୍ମ ପତ୍ରରୁ ଜଳପାନ ନ କରି ପ୍ରତ୍ୟାବର୍ତ୍ତନ ଓ ଶକୁନ୍ତଳାଙ୍କ ହସ୍ତରୁ ଜଳପାନ ଏବଂ "ସର୍ବୋ ସଗନ୍ଧେ ବିଶ୍ୱସିତି । ଦ୍ୱାବପି ଅତ୍ର ଆରଣ୍ୟକୌ" ଅର୍ଥାତ୍ ସମସ୍ତେ ଆତ୍ମୀୟ ଲୋକଙ୍କୁ ବିଶ୍ୱାସ କରନ୍ତି, ଯେହେତୁ ତୁମେ ଦୁହେଁ ଅରଣ୍ୟବାସୀ ବୋଲି ଦୁଷ୍ମନ୍ତଙ୍କ ମନ୍ତବ୍ୟ ଆଦି ପୂର୍ବ ଅନୁଭୂତକଥନଦ୍ୱାରା ଶକୁନ୍ତଳାଙ୍କ ବ୍ୟକ୍ତିଗତ ସାକ୍ଷ୍ୟ-ପ୍ରଦାନ ଏକାନ୍ତ ସଙ୍ଗତ ତଥା ଯୁକ୍ତିଯୁକ୍ତ ହୋଇଅଛି । କାରଣ ବିଚାରାଳୟରେ ଗୋଟିଏ ସାକ୍ଷ୍ୟରେ ସନ୍ତୁଷ୍ଟ ନ ହେଲେ ବିଚାରପତି ଅନ୍ୟ କୌଣସି ସାକ୍ଷ୍ୟ ପ୍ରଦର୍ଶନ ପାଇଁ ସୁବିଧା ଦେଇ ଥାଆନ୍ତି । ତେଣୁ କାଳିଦାସଙ୍କ ଏପରି ବଳିଷ୍ଠ ପ୍ରମାଣ ଏକାନ୍ତ ସମୀଚୀନ । ମାତ୍ର ଗଙ୍ଗାଧର ଏହାକୁ ଗ୍ରହଣ ନ କରି ଗୋଟିଏ ମାତ୍ର ସାକ୍ଷ୍ୟରେ ନୀରବ ରହି ଓ ପାଠକଙ୍କୁ ସେତିକି ଦେଖାଇ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଛନ୍ତି ।

ପୁଣି ଏପରି ଏକ ସନ୍ଧିକ୍ଷଣରେ " 'କାର' ଶବ୍ଦ 'ସାର' ବୁଝିଲା ସରଳା ଅକ୍ଷର ଭେଦ ନ ବାଣି" ଆଦି ଲେଖିବାରେ କୌଣସି ତାତ୍ପର୍ଯ୍ୟ ଥିଲାପରି ମନେ ହୁଏ ନାହିଁ ।

କେବଳ ସେତିକି ନୁହେଁ, ସାତ୍ତ୍ୱିକଭାବାପନ୍ନ ଆଶ୍ରମରେ ପାଳିତା ହେଲେହେଁ ଶକୁନ୍ତଳା ମାନବୀ । ରକ୍ତ ମାଂସରେ ଗଢ଼ା ତାଙ୍କର ଦେହ । ତେଣୁ ଦୁଷ୍ମନ୍ତଙ୍କ ବ୍ୟଙ୍ଗୋକ୍ତିରେ ତାଙ୍କ ମନରେ ପ୍ରତିକ୍ରିୟା ଜାତ ହେବା ସ୍ୱାଭାବିକ । କାଳିଦାସଙ୍କ ଶକୁନ୍ତଳା କ୍ରୁଦ୍ଧା ହୋଇ କହିଛନ୍ତି,

Digitized by PPRACHIN, SOA

"ଅଣଜ୍ଜ ଅତ୍ତଣୋ ହିଅଅଣୁମାଣେଣ କିଲ ସବ୍ବଂ ପେକ୍‌ଖସି କୋଣାମ ଅଣ୍ଣୋ ଧମ୍ମକଞ୍ଚୁଅପ୍ପବେସିଣୋ ତିଣଚ୍ଛଣ୍ଣ-କୂବୋବମସ୍ସ ତୁହ ଅଣୁଅରି ପଡିବଜ୍ଜିସ୍ସଦି"

ହେ ଅନାର୍ଯ୍ୟ, ଆପଣ ନିଜ ହୃଦୟ ଭଳି ମନେକରି ସମସ୍ତଙ୍କୁ ଦେଖୁଛନ୍ତି । ଧର୍ମକଞ୍ଚୁକ ଆବରଣ ଦେଇ, ତୃଣାଚ୍ଛନ୍ନ କୂପ ତୁଲ୍ୟ ତୁମ୍ଭ ପରି ଶଠାଚରଣ କରିବାକୁ କୌଣସି ବ୍ୟକ୍ତିର ପ୍ରବୃତ୍ତି ହୁଏ କି ?"

ମାତ୍ର ଗଙ୍ଗାଧରଙ୍କ ଶକୁନ୍ତଳା ସ୍ୱାମୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତା ତଥା ଅପମାନିତା ହୋଇ ମଧ୍ୟ ପଦେ ହେଲେ କିଛି କହୁ ନାହାନ୍ତି । ଏପରି ତିରସ୍କାର ପରେ ତାଙ୍କ ମନରେ କଣ କିଛି ପ୍ରତିକ୍ରିୟା ସୃଷ୍ଟି ହୋଇ ନଥିଲା ? ସୁତରାଂ ମେହେର ମନୁଷ୍ୟ ଦେହରେ ମନୁଷ୍ୟତ୍ୱ ନ ଦେଇ, ତାହାର ସୁଖ ଦୁଃଖ ଅନୁଭବ କରିବାର ଶକ୍ତି ଲୋପ-କରି ଏକ ପୁତ୍ତଳିକା ଗଢ଼ିବାର ପ୍ରୟାସ କରିଛନ୍ତି ସିନା !

ବ୍ୟାସଦେବଙ୍କ ମହାଭାରତରେ 'ବିରାଟ ପର୍ବ'ର ଚତୁର୍ଦ୍ଦଶ ଅଧ୍ୟାୟ ଠାରୁ ଏକବିଂଶ ଅଧ୍ୟାୟ ପର୍ଯ୍ୟନ୍ତ 'କୀଚକ ବଧ' ବର୍ଣ୍ଣିତ । ବ୍ୟାସଙ୍କ ଅନୁସାରେ କୀଚକ ସୈରିନ୍ଧ୍ରୀବେଶୀ ଦ୍ରୌପଦୀଙ୍କୁ ବିରାଟ ମହିଷୀ ସୁଦେଷ୍ଣାଙ୍କ ଅନ୍ତଃପୁରରେ ଦେଖି କାମ ପୀଡ଼ାରେ ବ୍ୟଥିତ ହେଲା । ସେ ତାହାର ଭଗ୍ନୀ ସୁଦେଷ୍ଣାଙ୍କ ସହିତ ମନ୍ତ୍ରଣା କରି ମୃଗେନ୍ଦ୍ର-କନ୍ୟାର ପ୍ରଣୟାକାଙ୍କ୍ଷୀ ଅରଣ୍ୟଚର ଜମ୍ବୁକ ପ୍ରାୟ ଦ୍ରୌପଦୀଙ୍କ ନିକଟରେ ସ୍ୱୟଂ ଉପସ୍ଥିତ ହୋଇ ତାହାଙ୍କୁ ବିବାହ କରିବ ବୋଲି ପ୍ରସ୍ତାବ କଲା । ଦ୍ରୌପଦୀ ନିଜକୁ ହୀନଜାତୀୟା କେଶବିନ୍ୟାସକାରିଣୀ ସୈରିନ୍ଧ୍ରୀ ବୋଲି କହି ତହିଁରେ ଅସମ୍ମତ ହେଲେ । କିନ୍ତୁ କାମୋନ୍ମାଦିତ କୀଚକ ବାରମ୍ବାର ପ୍ରଲୋଭିତ କରିବାରୁ

Digitized by PPRACHIN, SOA

ଦ୍ରୌପଦୀ ତାଙ୍କର ଭୀଷଣ ମୂର୍ତ୍ତି ପଞ୍ଚଗନ୍ଧର୍ବ ସ୍ୱାମୀ ଅଛନ୍ତି ବୋଲି ପ୍ରକାଶ କଲେ ଏବଂ ମାତୃକ୍ରୋଡ଼ସ୍ଥିତ ଶିଶୁର ଚନ୍ଦ୍ର ଧାରଣ ଅଭିଳାଷ ତୁଲ୍ୟ କୀଚକର ଦ୍ରୌପଦୀ ଲାଭ ବୋଲି କହି ତାହାକୁ ସତର୍କ କରାଇ ଦେଇଥିଲେ । କିନ୍ତୁ କୀଚକ ତହିଁରୁ ନିବୃତ୍ତ ନ ହୋଇ ସୁଦେଷ୍ଣାର ଅନୁଗ୍ରହ ଭିକ୍ଷା କରିବାରୁ ବିରାଟ ରାଣୀ ସୁଦେଷ୍ଣା ସୈରିନ୍ଧ୍ରୀକୁ କୀଚକ ଗୃହକୁ କୌଣସି ପର୍ବ ଦିନରେ ସୁରା-ଆହରଣାର୍ଥେ ପ୍ରେରଣ କରିବେ ଏବଂ ସେଠାରେ ସେ ତାହାର ମନସ୍କାମନା ପୂର୍ଣ୍ଣ କରିବ ବୋଲି ମନ୍ତ୍ରଣା କଲେ । ସେଠାରୁ ଫେରି କୀଚକ ନାନାବିଧ ଭୋଜ୍ୟବସ୍ତୁ ପ୍ରସ୍ତୁତ କରାଇ ରାଜମହିଷୀଙ୍କୁ ସମ୍ବାଦ ଦେବାରୁ ସେ ଦ୍ରୌପଦୀଙ୍କୁ କୀଚକ ପୁରକୁ ମଦିରା ଆଣିବା-ପାଇଁ କହିଲେ । ଦ୍ରୌପଦୀ କୀଚକ ଗୃହକୁ ଯିବାକୁ ଅସମ୍ମତ ହେବାରୁ ସୁଦେଷ୍ଣା ତାହାଙ୍କୁ 'ମୁଁ ପଠାଉଛି, କୀଚକ କଷ୍ଟ କରିବ ନାହିଁ' ବୋଲି ଅଭୟ ଦେଲେ । ଦ୍ରୌପଦୀ କାତର ଭାବରେ ଦୈବର ଶରଣାପନ୍ନ ହୋଇ ଶଙ୍କାପୂର୍ଣ୍ଣ ଚିତ୍ତରେ କ୍ରନ୍ଦନ କରି କରି ଗଲେ । ତାପରେ ସେ ସୂର୍ଯ୍ୟଙ୍କୁ ପୂଜା କରିବାରୁ ଦିବାକର ତାହାଙ୍କ ତନୁରକ୍ଷା ନିମିତ୍ତ ଜଣେ ରାକ୍ଷସକୁ ଅଲକ୍ଷରେ ଅନୁସରଣ କରିବାପାଇଁ ପଠାଇଲେ । କୀଚକ କୃଷ୍ଣାଙ୍କୁ ସ୍ୱଗୃହରେ ଦେଖି ତାହାର କାମ-ବାସନା ଚରିତାର୍ଥ କରିବାପାଇଁ ଇଚ୍ଛା କଲା । ସେ ବଳାତ୍କାର କରିବାରୁ ଶୁଭ୍ରାଙ୍ଗୀ ଦ୍ରୌପଦୀ ଅତ୍ୟନ୍ତ ଅସନ୍ତୁଷ୍ଟ ଓ କମ୍ପାନ୍ୱିତ କଳେବରା ହୋଇ ମୁହୂର୍ମୁହୁ ନିଃଶ୍ୱାସ ତ୍ୟାଗ କରି ତାକୁ ତିରସ୍କାର କରନ୍ତେ ସେ ସହସା ଭୂତଳେ ନିକ୍ଷିପ୍ତ ହେଲା । ତତ୍ପରେ ପାଞ୍ଚାଳୀ ଲଙ୍କବେଶୀ ଯୁଧିଷ୍ଠିର ବହିଥିବା ବିରାଟ ରାଜସଭାକୁ ଗୁହାରି କରିବା-ପାଇଁ ଗଲେ । କୀଚକ ମଧ୍ୟ ତାଙ୍କ ପଛେ ପଛେ ଦୌଡ଼ି ଦୌଡ଼ି ଯାଇ ତାଙ୍କର କେଶାକର୍ଷଣ କରି ପଦାଘାତ କଲା । ଦ୍ରୌପଦୀ କାତର

Digitized by PPRACHIN, SOA

ହୋଇ ରକ୍ଷା ପାଇବାପାଇଁ ପ୍ରାର୍ଥନା କଲେ । ଯୁଧିଷ୍ଠିର ସୈରିନ୍ଧ୍ରୀଙ୍କୁ ଅନ୍ତଃପୁରକୁ ଯିବାକୁ କହିଲେ । ଗନ୍ଧର୍ବମାନେ ଯଥା ସମୟରେ ବୈରି ନିର୍ଯ୍ୟାତନ କରିବେ ବୋଲି ଆଶ୍ୱାସନା ଦେଲେ । ଦ୍ରୌପଦୀ ସୁଦେଷ୍ଣାଙ୍କ ପୁରରେ ସମସ୍ତ ବୃତ୍ତାନ୍ତ ଅବଗତ କରାଇବାରୁ ସେ କୀଚକଙ୍କୁ ବିନଷ୍ଟ କରିବାକୁ କହିଲେ । ମାତ୍ର ଦ୍ରୌପଦୀ ଯେଉଁମାନଙ୍କର ଅପରାଧ କରିଛନ୍ତି, ସେହିମାନେ ବିନାଶ କରିବେ ବୋଲି ଉତ୍ତର ଦେଲେ । ଏହାପରେ ଦ୍ରୌପଦୀ ବଲ୍ଲଭବେଶୀ ଭୀମ ନିକଟରେ ସମସ୍ତ ବୃତ୍ତାନ୍ତ ଗୋଚର କରିବାରୁ ଭୀମ ତାହାକୁ ପ୍ରବୋଧ ଦେଇ କୀଚକ ବଧ ନିମନ୍ତେ ପ୍ରସ୍ତୁତ ହେଲେ । ସେ କହିଲେ ମତ୍ସ୍ୟରାଜ ସ୍ଥାପିତ ନୃତ୍ୟଶାଳାକୁ କୀଚକକୁ ଡାକିଲେ ସେଠାରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇ-ପାରିବ । ରାତ୍ରିକାଳରେ ଦ୍ରୌପଦୀ-ବେଶ ଧାରଣ କରି ଭୀମ ସେହି ନାଟ୍ୟଶାଳାରେ ଉପସ୍ଥିତ ହେଲେ ଏବଂ କୀଚକ ମଧ୍ୟ ଦ୍ରୌପଦୀ ଲାଭ ଆଶାରେ ସେଠାରେ ପହଞ୍ଚିଲା । କୀଚକ ସୈରିନ୍ଧ୍ରୀବେଶୀ ଭୀମଙ୍କୁ ପ୍ରେମସମ୍ଭାଷଣ କରିବାରୁ ଭୀମ ତାହାକୁ ଆକ୍ରମଣ କଲେ । ଉଭୟଙ୍କର ଭୀଷଣ ଯୁଦ୍ଧ ହେଲା, ଶେଷରେ ଭୀମ ତାହାକୁ ନିହତ କଲେ ।

ସାରଳା ମହାଭାରତ ବିରାଟ ପର୍ବରେ ଅଛି, ବିରାଟ ରାଜ୍ୟରେ ବସନ୍ତ ଉତ୍ସବ ହେଉଥିଲା । ବିରାଟ ରାଣୀ ସୁଦେଷ୍ଣାଙ୍କ ସହିତ ସୈରିନ୍ଧ୍ରୀବେଶୀ ଦ୍ରୌପଦୀ ଯାତ୍ରା ଦେଖିବାକୁ ଗଲାବେଳେ କୀଚକ ନାବରେ ଥାଇ ତାହାଙ୍କୁ ଦେଖିଲା ଓ ପରେ 'କରୁଣା' ନାମକ ଦାସୀକୁ ତାଙ୍କ ନିକଟକୁ ପ୍ରେରଣ କଲା । ଦ୍ରୌପଦୀ ତା ନିକଟକୁ ଯିବାକୁ ନାସ୍ତି କରିବାରୁ ସେ ତାର ଭଗିନୀ ସୁଦେଷ୍ଣାଙ୍କ ସହିତ ମନ୍ତ୍ରଣା କଲା । ସୁଦେଷ୍ଣା ଦ୍ରୌପଦୀଙ୍କୁ କୀଚକ ଗୃହକୁ ଯାଇ ତାହାର

Digitized by PPRACHIN, SOA

ସ୍ତ୍ରୀ ପୁରବାଳାକୁ ଖଣ୍ଡିଏ ପତ୍ର ଦେଇ ଆସିବାପାଇଁ ଆଦେଶ କଲେ । ଦ୍ରୌପଦୀ ତାଙ୍କ ବ୍ୟତୀତ ଅନ୍ୟ କୌଣସି ଦାସୀକୁ ଲେଖ ଦେଇ ପଠାଇବାକୁ କହୁବାରୁ, ସୁଦେଷ୍ଣା—

"ଅନେକ ବିନୟ ବଚନେ ଯେ ବୋଲିଲେ
ଠାକୁରାଣୀ ବିଶ୍ୱାସୀ ଅଶ୍ୱାସି,
ମାଅଗୋ ବିଶ୍ୱାସ ଠାବକୁ ଖଳ ଲୋକଙ୍କୁ ନ ପେଷି ।
ନଗରେ ଯେତେକ ଦାସୀଏ ଅଛନ୍ତି ଚତୁରୀ,
ବିଶ୍ୱାସ କଥାକୁ ନ ପାରନ୍ତି ଗୋପ୍ୟ କରି ।
ମାଗୋ ତୋହର ହସ୍ତରେ ଯେଉଁ
ବିଶ୍ୱାସ ଲେଖ ଗୋଟି,
କୀଚକର ଅନ୍ତଃପୁରେ ତୁ ଦେଇ ଆସ
ଗୋ ଲେଉଟି ।
କୀଚକର ଭାରିଯା ନାମ ଅଟଇ ପୁରବାଳା,
ତାହାର ହାତରେ ମାଗୋ ନେଇ ଲେଖି ଦେଲା ।
କୀଚକକୁ ଦେବ ସେ ଗୋ ନେଇଣ ଗୁପ୍ତ କରି,
ଧାଡିକାରେ ଆସିବ ଗୋ ବହନ ହୋଇ ଫେରି ।
ବଚନ ଶୁଣି ଲେଖ ଯେ କରେଣ ଦେଖି ଦେଲା,
ଧର୍ମ ଧର୍ମ ସୁମରି ସେ ପାଞ୍ଚାଳୀ ଯାଜ୍ଞସେନୀ ।
ନ ଗଲେ କୋପ ଯେ ମୋତେ କରିବ ମହାଦେଇ,
ଗଲେ ତାହାଙ୍କାରେ କୀଚକ ହରିବ ମୋତେ ନେଇ ।
ତୁ ଦେବ ପରମାନନ୍ଦ ପୁରୁଷ ପରମ ଯେ ଯୋଗୀ,
ସକଳବନ୍ତ ପୁରୁଷ ତୁ ଦୁରିତ ପରିତ୍ୟାଗି ।

× × ×

ପବନ ଗତିରେ ଯେ ଚଳଇ ପାଆଁଲି
ଦେଖିଲେ ଆକାଶେ ବାଜଦ୍ୱେ ଅଂଶୁମାଳୀ ।
ଗମଇ ଯାଜ୍ଞସେନୀ ହୋଇଣ କମଳାକ୍ଷୀ,
ଡରଇ ବନସ୍ଥ ଅଦୃଷ୍ଟ ଦେବତାଙ୍କୁ ଦେଖି ।”

(ଉତ୍କଳ ବିଶ୍ୱବିଦ୍ୟାଳୟ ପୋଥି-ପତ୍ର ୧୨୭ ବିରାଟ ପର୍ବ)

ସାରଳା ମହାଭାରତରେ ସୂର୍ଯ୍ୟଦେବ ଦ୍ରୌପଦୀଙ୍କୁ ରକ୍ଷା କରିବାପାଇଁ କୌଣସି ରାକ୍ଷସ ପ୍ରେରଣ କରିବା କଥା ଉଲ୍ଲେଖ କରି ନାହାନ୍ତି ।

କୀଚକ ସୁଦେଷ୍ଣାଙ୍କୁ, ତାଙ୍କ ନିକଟକୁ ଦ୍ରୌପଦୀଙ୍କୁ ପଠାଇବା-ପାଇଁ ପତ୍ର ଲେଖିଥିଲେ—

“ବଇଶାଖ ଶେଷ ଗ୍ରୀଷମ ଋତୁ ପରବେଶ,
ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଚଉଠୀ ଦିବସ ।
ସୋମବାର ମୂଳା ନକ୍ଷତ୍ର ଅଟେ ସେ ଦିନର,
ସଇରନ୍ଧ୍ରୀକି ଦିଅ ପଠାଇ ମୋହର ପାଶର ।
କୀଚକ ସଇରନ୍ଧ୍ରୀ ନିମନ୍ତେ ଅର୍ଥ ସାର,
ସରଜୁ ତାଳପତ୍ର ଲେଖିଲା ଲେଖ କରି ।”

ସଂସ୍କୃତ ମହାଭାରତ ଠାରୁ ସାରଳା ମହାଭାରତରେ କୀଚକର ଜନ୍ମବୃତ୍ତାନ୍ତ ଅତି ବିଶଦଭାବରେ ବର୍ଣ୍ଣିତ ହୋଇଅଛି । ବିରାଟ-ରାଣୀ ସୁଦେଷ୍ଣା କୀଚକକୁ ଯେଉଁ ପତ୍ର ଲେଖିଛନ୍ତି—

“ବାବୁ ତୁ ଯେ ଉପୁଜିଲୁ ସଂକୋଚନ ରାଜା ଘରେ,
ଶରଧାରେ ବଶିଷ୍ଠ ତୋତେ ଧରିଲେ କୋଳରେ ।

Digitized by PPRACHIN, SOA

ତୋଷ ହୋଇ ମହାତମା କଲ୍ୟାଣ କଲେ ବାଞ୍ଛା,
ହୋଇଲେ ଶତ ସିଂହର ବଳ ହେଉ ତୋହର ବାଞ୍ଛା ।
ତୁହ୍ନ ଯେ ବାନ୍ଧଲୁ ବାବୁ ହାଲଇ ବେନି ପାଦ,
ତୋହର ଚରଣ ବାଜିଲା ବଶିଷ୍ଠଙ୍କର ହୃଦ ମଧ୍ୟ ।
ମୃନିଙ୍କର ମୁଖରୁ ଯେ ରୁଧିର ଧାର ଫୁଟି,
ଜନ୍ମନଶାୟ୍ୱୀ ହୋଇ ଯେ ପଡ଼ିଲେ ତପୋନିଷ୍ଠି ।
ତୋତେପଣ ଶାପ ଦେଲେ ଯେ ଭଗବତ,
ଶତସିଂହ ପ୍ରାକର୍ମୀ ହୋଇ ଏକ ସିଂହେ ହୋଉ ହତ ।”

ଏଥିରେ କୀଚକର ଜନ୍ମ ଓ ମୃତ୍ୟୁ ରହସ୍ୟ ସାରଳା ଦାସ ବର୍ଣ୍ଣନା କରିଛନ୍ତି । ସୈରିନ୍ଧ୍ରୀଙ୍କୁ କୀଚକକୁ ବିବାହ ପାଇଁ କହିବାରୁ—

"ସଇରିନ୍ଧ୍ରୀ ବୋଇଲେ ପଞ୍ଚ ଗନ୍ଧର୍ବେ ମୋର ଭର୍ତ୍ତେ,
ସିଂହେକ ପରାକ୍ରମତେ ଅଛନ୍ତି ଯେ ପରମାଦେ ।”

ଏଥିରୁ କୀଚକପ୍ରତି ଶାପ ଓ ଦ୍ରୌପଦୀଙ୍କହେତୁ କୀଚକର ମୃତ୍ୟୁ ହେବ ଏହା ଶାରଳା ସୂଚନା ଦେଇ ଅଛନ୍ତି । ମାତ୍ର ବ୍ୟାସଙ୍କ ଲେଖାରେ ଏହା ନାହିଁ ବା ଗଙ୍ଗାଧର କୀଚକ-ବଧରେ ତାହା ଗ୍ରହଣ କରିନାହାନ୍ତି ।

ସୁଦେଷ୍ଣା କୀଚକକୁ ଲେଖିଥିବା ପତ୍ରଟି ଉପଦେଶାତ୍ମକ ହୋଇଛି ।

"ସଇରିନ୍ଧ୍ରୀ ଯାଉଣ ଅଛି ତୋର ପୁର,
ଅନେକ ଦଯେତ୍ନ ଯେ ହୋଇବୁ ଯେତ୍ନହାର ।

Digitized by PPRACHIN, SOA

ଏ ମହାତମାଣି ସେ କରିବଟି ଦୟା,

× × ×

ମୋହୋର ବୋଲ୍ ମେଣ୍ଟି ସୈରିନ୍ଧ୍ରୀ ଯେବେ ତୁ ରମିବୁ,
ଶତେ ସିଂହର ପ୍ରାକର୍ମେ ହୋଇ ସିଂହେକ ନାଶ ଯିବୁ ।
ମୋହର ଶପଥ ସେ ଠାକୁରଙ୍କ ଗଣ,
ଗଲେ ସେ ସୈରିନ୍ଧ୍ରୀ ତାକୁ ଉପଜିବୁ ଏହୁକ୍ଷଣ,
ବାବୁ ପଞ୍ଚଇନ୍ଦ୍ରଙ୍କର ଭାରିଯା ସେ ଅଟନ୍ତି ସଇରନ୍ଧ୍ରୀ,
ତା ଅଙ୍ଗ ଛୁଇଁଲେ ଜୀବନ ନ ପାଇ ଚାହାଁରି ।”

(ଉତ୍କଳ ବିଶ୍ୱବିଦ୍ୟାଳୟ ପୋଥି)

ମେହେରଙ୍କ ଲେଖାରେ ବସନ୍ତକାଳରେ ମଙ୍ଗଳବାରରେ ବନ ଦୁର୍ଗା ପୂଜା କରିବାପାଇଁ ସୁଦେଷ୍ଣାଙ୍କ ସହ ଦ୍ରୌପଦୀ ଯାଇଛନ୍ତି ଓ ଦ୍ୱିତଳ ତୋରଣରେ ବସି କୀଚକ ତାହାଙ୍କୁ ଦର୍ଶନ କରି ମୋହିତ ହୋଇଅଛି ଏବଂ ଚପଳା ନାମକ ଦାସୀକୁ ଦୂତୀରୂପେ ପ୍ରେରଣ କରିଅଛି । ସୁଦେଷ୍ଣା ତାହାଙ୍କୁ ମଦ୍ୟପାନ ପାତ୍ର ବା ଚଷକ ନେଇ କୀଚକ ପୁରକୁ ଯିବାକୁ କହୁଛନ୍ତି । ଏହା ସଂସ୍କୃତ ମହାଭାରତର ପ୍ରଭାବ ବୋଲି ଅନୁମିତ ହୁଏ ।

ସାରଳାଙ୍କ ରଚନାରେ ସୁଦେଷ୍ଣାର ଦ୍ରୌପଦୀଙ୍କ ହସ୍ତରେ କୀଚକ ନିକଟକୁ ପତ୍ର ପ୍ରେରଣ ଅବଶ୍ୟ ସଙ୍ଗତ ହୋଇଅଛି ।

ଦ୍ରୌପଦୀ ଏକାକିନୀ କୀଚକ ପୁରରେ ପ୍ରବେଶ କରିଛନ୍ତି ଏବଂ ପର୍ଯ୍ୟଗନ୍ଧବ ତାଙ୍କର ପଞ୍ଚପତି ହେବାକଥା ସମସ୍ତେ ଲେଖିଛନ୍ତି ।

Digitized by PPRACHIN, SOA

ସାରଳାଙ୍କ ଦ୍ରୌପଦୀ ବ୍ୟାସଙ୍କ ପ୍ରଦତ୍ତ ପାଦୁକାମନ୍ତ୍ର ସାହାଯ୍ୟରେ ଧର୍ମଙ୍କନନ୍ଦନ କଙ୍କବେଶୀ ଯୁଧିଷ୍ଠିରଙ୍କ ନିକଟରେ ପ୍ରବିଷ୍ଟ ହୋଇ

"ରାଜାଙ୍କ ଗୋଚର, ସ୍ୱାମୀ ପାଶେ ନିବେଦନ,
ଏଇ କାଳେ ହେବ ଦୁଇ କାର୍ଯ୍ୟର ସାଧନ ।"

ମନ୍ତ୍ର କରିଛନ୍ତି ।

ଦ୍ରୌପଦୀ ଭୀମଙ୍କ ନିକଟରେ ପହଞ୍ଚି ତାହାଙ୍କୁ କୀଚକର ତାହାଙ୍କ ପ୍ରତି ଅପମାନ କଥା ବର୍ଣ୍ଣନା କରିଛନ୍ତି ଏବଂ କୀଚକ-ବଧ ନିମନ୍ତେ ଉତ୍ତେଜିତ କରିଛନ୍ତି—

"ତବଚୈବ ସମକ୍ଷଂବୈ ଭୀମସେନ ମହାବଲଃ
ତ୍ୟକ୍ତାହ୍ୟହଂ ପରିତ୍ରାତା ତସ୍ମାତ୍ ଘୋରାତ୍ ଜଟାସୁରାତ୍ ।
ଜୟଦ୍ରଥଂ ତଥୈବ ତ୍ୱମଜୈଷୀର୍ଭ୍ରାତୃଭିଃ ସହ
ଜହୀମମପି ପାପଂ ତ୍ୱଂ ଯୋଽୟଂ ମାମବମନ୍ୟତେ ।
କୀଚକୋ ରାଜବାଲ୍ଲଭ୍ୟାଚ୍ଛୋକକୃନ୍ମମ ଭାରତ,
ତମେବଂ କାମସମ୍ମତ୍ତଂ ଭିନ୍ଧି କୁମ୍ଭମିବାଶ୍ମନି ।"

(ବିରାଟ ପର୍ବ—ମହାଭାରତ—ବ୍ୟାସ)

ଦ୍ୱିତୀୟ ବନବାସକାଳରେ ସିନ୍ଧୁପତି ଦୁରାତ୍ମା ଜୟଦ୍ରଥ ମୋତେ ଯେ ଅପମାନ ଦେଇଥିଲା, ତାକୁ ସହ୍ୟ କରିବାକୁ କିଏ ସମର୍ଥ ? ବର୍ତ୍ତମାନ ପୁଣି ମତ୍ସ୍ୟରାଜ ସମ୍ମୁଖରେ କୀଚକ ଯେ ପଦାଘାତ କଲା ତାକୁ ସହି ମୋପରି ଆଉ କେଉଁ ନାରୀ ଜୀବନଧାରଣ କରିପାରେ ?

Digitized by PPRACHIN, SOA

ସାରଳାଦାସ ସେହି ଉତ୍କଳନାମଯ୍ୱୀ ବାଣୀକୁ ଲେଖିଛନ୍ତି—

"ବାବୁ ଲକ୍ଷ ବାନ୍ଧିଲା ସେ ପାଣ୍ଡବ ଅରଜୁନ,
ମନରେ ସମ୍ପଦ ତହିଁ ଜିଣିଲ ରାଜାମାନ ।
ତୁହି ସେ ସମର କର ମୋତେ ତାକୁ ଆଣି,
ତେବେ ସେ ଦ୍ରୌପଦୀ ମୁଂ ସେ ପାଣ୍ଡବ ଘରଣୀ ।"

ମାତ୍ର ଗଙ୍ଗାଧର ସେପରି ନ ଲେଖି କେବଳ

"ପୂର୍ବକଥା ସବୁ କରି ହୃଦେ ଅନ୍ଦୋଳନ,
ଶିଥିଳ ସୁପ୍ତିରେ କଲେ ଯାମିନୀ ଯାପନ ।"
ଲେଖିଛନ୍ତି ।

ଦ୍ରୌପଦୀ ଓ ଭୀମଙ୍କ କୀଚକ-ବଧ ମନ୍ତ୍ରଣାବେଳେ ଭୀମ ଉପଦେଶ ଦେଇଛନ୍ତି—

"ଓଛର ନବର ସଖି ଅଛୁ ନଦୀ କୋଳେ
ଜିହ୍ନକ କୀଚକୁଁ କହାଇଂ ନେବୁ ନିଶାଂକାଳେ ।
ତାହାକୁ ପଠିଅଇ ତୁ ଦଣ୍ଡେ ନ ଯିବୁ
ସମ୍ଭ୍ରଡେ ତପୁଯାଇ ନିଜପୁରେ ଥିବୁ ।
ଯେବେ କୀଚକୁ ମୁ ନ ମାରଇଂ ଅଯ
ବେନିପାଦେ ଦ୍ରୋହ ମୁ କରଇ ଦେବଗ୍ରହ ।"

(ବିଶ୍ୱବିଦ୍ୟାଳୟ ପୋଥି)

Digitized by PPRACHIN, SOA

"ଉପପ୍ଳବ ନଗର ପ୍ରିୟେ ଅଛି ନଦୀକୂଳେ,
ତହିଁକି ଚଢ଼ାଇନେବୁ ନିଶା ଅର୍ଦ୍ଧକାଳେ ।
ତାହାକୁ ପଠାଇ ତୁହି ଗୋପନେ ରହିବୁ,
ପ୍ରୀତି ଉପୁଜାଇ ତୁ ଗୋ ନିଜପୁରେ ଥିବୁ ।"
(ମୁଦ୍ରିତ ସାରଳା ମହାଭାରତ)

"ଦୂତୀକି ବୋଲିବୁ କାଲି ହେବ ଅଭିସାର,
ସଙ୍କେତ ସ୍ଥଳକୁ ଯିବ ରଜନୀରେ ଜାର ।
ପୁର ଉପକଣ୍ଠେ ଅଛି ଯେ ରଙ୍ଗାଳୟ,
ତାହାକୁ ସଙ୍କେତ ସ୍ଥାନ କରିବ ନିଶ୍ଚୟ ।"
(କୀଚକ-ବଧ—ମେହେର)

ଉପର୍ଯ୍ୟୁକ୍ତ ଉଦ୍ଧୃତିରୁ ଗଙ୍ଗାଧରଙ୍କ ଲେଖାରେ ବ୍ୟାସ ଓ ସାରଳାଙ୍କ ପ୍ରଭାବର ସ୍ପଷ୍ଟ ସୂଚନା ମିଳିବ ।

ଅହୁରି—
"ଶୁଣି ପାଞ୍ଚାଳୀ ମନରୁ ଭ୍ରାନ୍ତି ଗଲା ଫିଟି
× × ×
ବହୁତ ପ୍ରଶଂସା କଲେ ହୋଇଣ ବିନୟୀ
(ସାରଳା—ମହାଭାରତ)

"ଭୀମ ବାଟେଁ ଯାଜ୍ଞସେନୀ ଚଳିଲାକ ଦୂର,
× × ×
କାନ୍ତେ ପରଶଂସି ଫେରିଗଲେ ନିଜ ପୁର ।"
(କୀଚକ ବଧ)

Digitized by PPRACHIN, SOA

ପୁଣି କୀଚକର ମୃତ୍ୟୁପରେ ତାହାର 'ଅନେକଶତ ଭ୍ରାତା' କୁପିତ ହୋଇ ବର୍ଣ୍ଣନ କରିଛନ୍ତି—

"କୀଚକ ମରିଲା ସିନା ସୈରନ୍ଧ୍ରୀର ପାଇଂ
×   ×   ×
ଦୃଢ଼ କରି ପାଞ୍ଚାଳୀର ଧଇଲେ ସେ ବାଳେ ।
(ବିରାଟ ପର୍ବ—ସାରଳା)

"ବୁଝିଲେ ଅଗ୍ରଜ ନାଶ ହୋଇଛି ପାଇଁ
×   ×   ×
ଅଙ୍କେଁ ବସିଲେ କୁନ୍ତଳ ।"
(କୀଚକ-ବଧ)

ବ୍ୟାସଙ୍କ ମହାଭାରତରେ ଦ୍ରୌପଦୀଙ୍କୁ ଭୀମଙ୍କ ବିଶେଷ କିଛି ସୂଚନା ଦେଇ ନାହାନ୍ତି । ମାତ୍ର ସାରଳା ଓ ଗଙ୍ଗାଧର ଉଭୟେ 'ଦ୍ୱିତୀୟ ସ୍ୱାମୀଙ୍କ ଭଳି' ବୋଲି ଭୀମଙ୍କ ମୁଖରେ ପରାମର୍ଶ ଦେଇଛନ୍ତି । 'ଦ୍ୱିତୀୟ ସ୍ୱାମୀ' କହିବାରେ ଯେଉଁ ଶ୍ଳେଷୋକ୍ତି, ତାହା ଗଙ୍ଗାଧରଙ୍କ ଲେଖାରେ ସ୍ପଷ୍ଟ । 'ଦ୍ୱିତୀୟ ସ୍ୱାମୀ' ହେଉଛନ୍ତି ଭୀମ । ସେ ହିଁ କୀଚକ ବଧ ପାଇଁ ଉପଯୁକ୍ତ; ତେଣୁ ଭୀମଙ୍କ ସୈରନ୍ଧ୍ରୀଙ୍କୁ ଉପଦେଶ "ସାଧିବ ଏଥିରେ ଏକା ଭୀମ-ପରାକ୍ରମ" । ଏଠାରେ 'ଭୀମ' ଶବ୍ଦ ଦ୍ୱିତୀୟ ପାଣ୍ଡବ ଓ ଭୟଙ୍କର ଅର୍ଥରେ ପ୍ରଯୁକ୍ତ । ସାରଳାଙ୍କ ଦ୍ରୌପଦୀ ପଞ୍ଚପାଣ୍ଡବଙ୍କ ନିକଟକୁ ସାହାଯ୍ୟ ଭିକ୍ଷା କରିବାକୁ ଯାଇଥିଲାବେଳେ ଗଙ୍ଗାଧରଙ୍କ ଦ୍ରୌପଦୀ କେବଳ ଯୁଧିଷ୍ଠିର ଓ ଭୀମଙ୍କ ନିକଟକୁ ଯାଇଛନ୍ତି ।

Digitized by PPRACHIN, SOA

ସେଠାରୁ ଫେର ସାରଳାଙ୍କ ଦ୍ରୌପଦୀ ସମ୍ବାଦ ଦେବାକୁ ନିଜେ ଯାଇ କୀଚକ ନିକଟରେ ଉପସ୍ଥିତ ହୋଇଛନ୍ତି । ମାତ୍ର ଗଙ୍ଗାଧରଙ୍କ ସୈରନ୍ଧ୍ରୀ ଦୂତୀ ହସ୍ତରେ ବାର୍ତ୍ତା ପ୍ରେରଣ କରି କହୁଛନ୍ତି, "ବଳୀ ଭେଟ ହେବ ତହିଁ ନିଶୀଥେ ନିର୍ଜନେ", 'ବଳୀ' ଶବ୍ଦକୁ ମଧ୍ୟ କବି ଶ୍ଳେଷରେ ପ୍ରୟୋଗ କରିଛନ୍ତି ।

ସାରଳା ମହାଭାରତରେ ଭୀମ କୀଚକକୁ ବଧ କରି ସାରି ମେଦ କରି ଓଳିରେ ଝୁଲାଇ ଦେଇଅଛନ୍ତି ମାତ୍ର ଗଙ୍ଗାଧରଙ୍କ ଲେଖାରେ କୀଚକର ଶବ ଭୂମି ଉପରେ ପଡ଼ି ରହିଛି ।

ସ୍ଥୂଳତଃ, ଗଙ୍ଗାଧର ପାଦୁକା ମନ୍ତ୍ର ଆଦି ଅସମ୍ଭବ କଥାଗୁଡ଼ିକୁ ତ୍ୟାଗ କରି ଯାହା ସମ୍ଭବ, ସହଜ ଓ ସାଧାରଣ ତାହାକୁହିଁ ଗ୍ରହଣ କରିଛନ୍ତି । କବିବର ରାଧାନାଥ ମନ୍ତବ୍ୟ ପ୍ରକାଶ କରିଛନ୍ତି —

"ଏହି ପ୍ରାଚୀନ କାହାଣୀକୁ କବି ଗଙ୍ଗାଧରଙ୍କର ରସମୟୀ ଲେଖନୀ ସମ୍ପୂର୍ଣ୍ଣ ନୂତନ ମୂର୍ତ୍ତିରେ ସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରିଅଛି । ପୁରାତନରେ ନୂତନତା ଏବଂ ଅଦ୍ଭୁତରେ ମୌଳିକତା ପ୍ରତିଫଳିତ କରିବାର ପ୍ରତିଭାର ବାଧ୍ୟ-ପ୍ରତିପାଦକ ଅଧିକାର ଅଟେ । ଏ ସମ୍ବନ୍ଧରେ କବି ଗଙ୍ଗାଧର ଯେପରି ଶକ୍ତିମତ୍ତା ଦେଖାଇଛନ୍ତି, ତାହା ଯେ କୌଣସି ଉତ୍କଳୀୟ କବିଙ୍କ ପକ୍ଷରେ ଗୌରବାବହ ହୁଅନ୍ତା ।" (୫୦)

ସମାଲୋଚକ ପ୍ରିୟ ରଞ୍ଜନ ସେନ ମଧ୍ୟ ପ୍ରଶଂସା କରି କହୁଛନ୍ତି,

---

(୫୦) କୀଚକ ବଧରେ ରାଧାନାଥଙ୍କ ମନ୍ତବ୍ୟ ।

Digitized by PPRACHIN, SOA

"In Kichak badha, he demonstrated his power of graphic representation of human character as well as nature's beauties." (୫୧)

କୀଚକ ବଧରେ ସେ ମାନବ ଚରିତ୍ର ତଥା ପ୍ରାକୃତିକ ସୌନ୍ଦର୍ଯ୍ୟର ଜୀବନ୍ତ ଚିତ୍ର ଉପସ୍ଥାପନ କରି ନିଜ ଶକ୍ତିର ପରିଚୟ ପ୍ରଦର୍ଶନ କରିଛନ୍ତି ।

କବିବର ରାଧାନାଥ ଗଙ୍ଗାଧରଙ୍କୁ ଏକ ପତ୍ରରେ ଲେଖିଥିଲେ, 'ଇନ୍ଦୁମତୀ' ଦ୍ୱାରା ଯେଉଁ ସ୍ଫୁଟୋନ୍ମୁଖ ପ୍ରତିଭାର ଆଦ୍ୟ ସୌରଭ ବିକୀର୍ଣ୍ଣ ହୋଇ ଉତ୍କଳୀୟ ସାହିତ୍ୟ ସଂସାରକୁ ଆମୋଦିତ କରିଥିଲା, 'କୀଚକବଧ'ରେ ସେହି ପ୍ରତିଭା ପୂର୍ଣ୍ଣ ବିକାଶ ପାଇଥିବାର ପ୍ରତୀୟମାନ ହୁଏ (୫୨) । ପୁଣି 'କୀଚକ ବଧ' କାବ୍ୟ ନିଜ ଗୌରବରେ ଗୌରବାନ୍ୱିତ (୫୩) ।

କୀଚକବଧ ରଚନାକରି ଗଙ୍ଗାଧର ଅବଶ୍ୟ ପ୍ରଶଂସାର୍ହ, ମାତ୍ର ରାଧାନାଥ ଓ ପ୍ରିୟରଞ୍ଜନ ମୂଳ ସଂସ୍କୃତ ମହାଭାରତ ଓ ସାରଳା ମହାଭାରତ ତୁଳନାତ୍ମକଭାବରେ ପାଠ କରିଥିଲେ ଏପରି ଅତିମାତ୍ରାରେ ପ୍ରଶଂସା ହୋଇ ପାରି ନଥାନ୍ତା ।

ଅଯୋଧ୍ୟା ଦୃଶ୍ୟର କଥାବସ୍ତୁ ମଧ୍ୟ ରାମାୟଣରୁ ଗୃହୀତ । 'ଅଯୋଧ୍ୟା ଦୃଶ୍ୟ'କୁ କବି ପ୍ରଥମେ 'ତନ୍ତ୍ରିଦୃଶ୍ୟ' ନାମରେ ନାମିତ

---

(୫୧) Modern Oriya literature—P. R. Sen.

(୫୨) କବିଲିପି—ଦେବୀପ୍ରସନ୍ନ ପଟ୍ଟନାୟକ—ପୃ ୯୭

(୫୩) କବିଲିପି—ଦେବୀପ୍ରସନ୍ନ ପଟ୍ଟନାୟକ—ପୃ ୯୮

Digitized by PPRACHIN, SOA

ଦେଇଥିଲେ । କିନ୍ତୁ ପରେ କବି ନନ୍ଦକିଶୋରଙ୍କ ମତାନୁସାରେ ଏହାର ନାମ 'ଅଯୋଧ୍ୟା ଦୃଶ୍ୟ' ରଖିଲେ (୫୦) । ଏଥିରେ ସନ୍ନିବିଷ୍ଟ ତିନୋଟି ସର୍ଗ ତିନିଟି ଭିନ୍ନ ଭିନ୍ନ ଦୃଶ୍ୟ ବର୍ଣ୍ଣନାରେ ପୂର୍ଣ୍ଣ । ପ୍ରଥମ ସର୍ଗରେ ରାମଙ୍କ ଅଭିଷେକ ହେବା ପ୍ରସ୍ତାବ ଫଳରେ ଅଯୋଧ୍ୟାବାସୀଙ୍କ ଆନନ୍ଦ ଓ ତାହାଙ୍କ ବନଗମନରେ ସେମାନଙ୍କର ବିଷାଦ, ଦ୍ୱିତୀୟ ସର୍ଗରେ ଭରତଙ୍କ ଅଯୋଧ୍ୟା ସିଂହାସନକୁ ଗ୍ରହଣ କରିବା ଓ ରାମଙ୍କ ବନବାସ; ତୃତୀୟ ସର୍ଗରେ ଭରତଙ୍କର ରାମଙ୍କ ଚଉଦ ବର୍ଷ ଅନ୍ତେ ଅଷ୍ଟାଦଶ ପ୍ରତ୍ୟାବର୍ତ୍ତନ ଦିବସ ଗଣନା, ଛଦ୍ମ-ବେଶୀ ହନୁମାନଙ୍କ ପ୍ରବେଶ, ପରିଚୟ ଓ ରାମାଭିଷେକ ବର୍ଣ୍ଣିତ ହୋଇଅଛି ।

ଜାତୀୟବାଦୀ କବି ଶ୍ରୀରାମଚନ୍ଦ୍ରଙ୍କ ଅଭିଷେକ ପରେ ଅନୁଗ୍ରହ ଭିକ୍ଷା କରିଛନ୍ତି ।

"ଉତ୍କଳୀୟେ ବସିଅଛୁଁ ଯୋଡ଼ି ବେନିକର,
ଆମ୍ଭ ପ୍ରତି ଯଥାଯୋଗ୍ୟ ଅନୁଗ୍ରହ କର ।"

ଏହାକୁ ଲେଖିଲବେଳେ କବି 'ରଘୁବଂଶମ୍'ର ଦ୍ୱାଦଶ ଓ ତ୍ରୟୋଦଶ ସର୍ଗଦ୍ୱାରା ପ୍ରଭାବିତ ହୋଇଥିବା ମନେହୁଏ । ବାଲ୍ମୀକିଙ୍କ ରାମାୟଣର ଅଯୋଧ୍ୟା କାଣ୍ଡ ପୂର୍ବାର୍ଦ୍ଧ ୬ଷ୍ଠ ସର୍ଗରେ ରାମାଭିଷେକ ଶ୍ରବଣରେ ଅଯୋଧ୍ୟାବାସୀଙ୍କ ଆନନ୍ଦ ବର୍ଣ୍ଣନା କରିଛନ୍ତି ।

"ତତଃ ପୌରଜନଃ ସର୍ବଃ ଶ୍ରୁତ୍ୱା ରାମାଭିଷେଚନମ୍
ପ୍ରଭାତାଂ ରଜନୀଂ ଦୃଷ୍ଟ୍ୱା ଚକ୍ରେ ଶୋଭୟିତୁଂ ପୁରୀମ୍ ।" ୭।୧୦

(୫୪) ଗଙ୍ଗାଧର ପତ୍ରାବଳୀ ପୃ୬୦

Digitized by PPRACHIN, SOA

ପ୍ରାତଃକାଳ ହେବାରୁ ପୁରବାସୀ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଶୁଣି ନଗର ସଜାଇବା ପାଇଁ କଦଳୀ ସ୍ତମ୍ଭାଦ ଗଢ଼ିଲେ ।

"ସିତାଭ୍ରଶିଖରାଭେଷୁ ଦେବତାୟତନେଷୁ ଚ
ଚତୁଷ୍ପଥେଷୁ ରଥ୍ୟାସୁ ଚୈତ୍ୟେଷ୍ୱଟ୍ଟାଳକେଷୁ ଚ ।" ୬।୧୧

ଅଯୋଧ୍ୟାର ହର୍ମ୍ୟାଳୟ ଶିଖର ପ୍ରାୟ ଉଚ ଦେବ ମନ୍ଦିର, ହାଟ ବାଟ ଗୁଡ଼ିଅଡ଼ ସଜାଇଲେ ।

ଗଙ୍ଗାଧର ମଧ୍ୟ ସେହିପରି ବର୍ଣ୍ଣନା କରିଛନ୍ତି—

"ରାମ ରାଜା ହେବେ ବୋଲି ଅଯୋଧ୍ୟା ନିବାସୀ
ଆନନ୍ଦ-ସରିତ-ସ୍ରୋତେ ଯାଉଛନ୍ତି ଭାସି ।
ଦ୍ୱାରେ ଦ୍ୱାରେ ରମ୍ଭାତରୁ ହୋଇଛୁ ରୋପିତ,
ଲମ୍ବିଛୁ କୁସୁମମାଳ ହୋଇ ସୁଗ୍ରଥିତ ।
ଚନ୍ଦ୍ରର ସାଜରୁ ଚୂତ ପଲ୍ଲବେ ତୋରଣ,
କଳସ ରହିଛୁ ହୋଇ ସଲିଳ ପୂରଣ ।"

ବାଲ୍ମୀକି ଅଯୋଧ୍ୟା କାଣ୍ଡର ସମଗ୍ର ଷଷ୍ଠ ସର୍ଗରେ ଅଯୋଧ୍ୟାର ବର୍ଣ୍ଣନା କରିଛନ୍ତି । ପୁଣି ସପ୍ତମ ସର୍ଗରେ କୈକେୟୀ ଓ ମନ୍ଥରାର ମନ୍ତ୍ରଣା କଥା ଉଲ୍ଲେଖ କରିଛନ୍ତି । ମାତ୍ର ମେଘେର ଏହାର ବିଶଦ ବିବରଣୀ ଦେଇ ନାହାନ୍ତି । ତଥାପି ତାଙ୍କର ବର୍ଣ୍ଣନା ଚାତୁରୀରେ ସେ ଅଭିନବତ୍ୱ ଆନୟନ କରିଛନ୍ତି । 'ବିଷାଦ'କୁ ବ୍ୟକ୍ତିଭାବରେ ଗ୍ରହଣ କରି ତାକୁ ଜୀବନ୍ତ କରିଛନ୍ତି ।

"ଆନନ୍ଦ ରାଜତ୍ୱ କଲ ନଗରେ ନଗରେ,
ପଳାଇ ବିଷାଦ ଥିଲା ପଟହ ମୁଖରେ ।

Digitized by PPRACHIN, SOA

ତନ୍ହିଁ ପୁଣି ପଡ଼ିବାରୁ କଠୋର ତାଡ଼ନା,
ବିଷାଦ ଶିର୍ଷରେ ହେଲା ବିଷମ ବେଦନା ।
ଜଣ ଜଣ ଘର ଘର ପ୍ରାସାଦ ପ୍ରାସାଦ,
ଲୋଡ଼ ସ୍ଥାନ ନ ପାଇଲା ବିପନ୍ନ ବିଷାଦ ।"

ମନ୍ଥରା ବ୍ୟବହାରଜାତ ପରି ହେଲା ଏବଂ ରାଜପୁରରେ ପ୍ରବେଶ କଲା । ଯେଣୁ,

"ଓହୋ ଅବଲମ୍ବେ ହେବ ବିଷାଦର ଜୟ,
ଆନନ୍ଦ ଚନ୍ଦ୍ର ବର୍ଜି ଯିବ କାବ୍ୟାଳୟ ।"

ଏଥିରେ ବିଶେଷଭାବରେ ଭରତଙ୍କ ଚରିତ୍ରିକ ମହତ୍ତ୍ୱ ପ୍ରକଟିତ ହୋଇଛି । ରାମଚନ୍ଦ୍ର ବନରୁ ଫେରି ଭରତକୁ କହୁଛନ୍ତି—

"ପିତୃ ଆଦେଶରେ ଯିବା ମୁହିଁ ଗଲି ବନ,
ମୋ ପାଇଁ ତୋ ଯୋଗୀବେଶ ଧନ୍ୟ ଭାଇ ଧନ୍ୟ ।
ରତନ ମୁକୁଟ ଯେଉଁ ଶିରେ ନୁହେ ମନା,
ମୋ ପାଦୁକା ଧରୁ ତହିଁ ଧନ୍ୟ ମହାମନା ।
ତୋହୋ ବ୍ରତ ବଳେ ବର୍ଷ ଦୁସ୍ତର ସଙ୍କଟ,
ପାର ହୋଇ ଉପଗତ ହେଲି ତୋ ନିକଟ ।"

ସମଗ୍ର ରାମାୟଣକୁ ସେ ଏହି ତିନୋଟି ସର୍ଗ ମଧ୍ୟରେ ସୁନ୍ଦର ଭାବରେ ପ୍ରକାଶ କରି ପାରିଛନ୍ତି ।

'ଇନ୍ଦୁମତୀ' ମଧ୍ୟ 'ରଘୁବଂଶମ୍'ର ୬ଷ୍ଠ ସର୍ଗ ଅବଲମ୍ବନରେ ଲିଖିତ । ବିଦର୍ଭ ରାଜନନ୍ଦିନୀ ଇନ୍ଦୁମତୀଙ୍କ ସ୍ୱୟମ୍ବରରେ ମଗଧ,

Digitized by PPRACHIN, SOA

ଅଙ୍ଗ, ଅବନ୍ତୀ, ପାଣ୍ଡ୍ୟ ପ୍ରଭୃତି ନୃପତିମାନଙ୍କର ବଦର୍ଭଙ୍କୁ ସମାଗମ ହୋଇଅଛି । ପ୍ରତିହାରୀ ସୁନନ୍ଦା ଇନ୍ଦୁମତୀଙ୍କୁ ସଙ୍ଗରେ ଧରି ପ୍ରତ୍ୟେକ ନରପତିଙ୍କ କୁଳଶୀଳତା ଜ୍ଞାତ କରାଉଅଛି । ମାତ୍ର ଏହି ସ୍ୱୟମ୍ବରରେ ଗଙ୍ଗାଧର ଶୂରସେନ ଓ ହେମାଙ୍ଗଦ ନାମକ କଳିଙ୍ଗ-ରାଜଙ୍କ ବର୍ଣ୍ଣନା ତ୍ୟାଗ କରିଛନ୍ତି । ଇନ୍ଦୁମତୀଙ୍କର ଅଜଙ୍କ ଗଳାରେ ବରମାଲ୍ୟ ପ୍ରଦାନ ପରେ କାଳିଦାସ ସେହି ସଭାସ୍ଥଳର ବର୍ଣ୍ଣନାକରି ଲେଖିଛନ୍ତି—

"ପ୍ରମୁଦିତ ବରପକ୍ଷମେକତସ୍ତତ୍ କ୍ଷିତିପତି
ମଣ୍ଡଳଂ ମନ୍ୟତୋ ବିତାନମ୍,
ଉଷସି ସର ଇବ ପ୍ରଫୁଲ୍ଲ ପଦ୍ମଂ,
କୁମୁଦ ବନ ପ୍ରତିପନ୍ନ ନିଦ୍ରମାସୀତ୍ ।"

ଏକ ଦିଗରେ ହର୍ଷଯୁକ୍ତ ବରପକ୍ଷ ବିରାଜିତ, ଅପର ଦିଗରେ ଉଦ୍ଗ୍ଲାନ ବିଷର୍ଣ୍ଣ ରାଜଗଣ ସମନ୍ୱିତ; ସେହି ସ୍ୱୟମ୍ବର ସ୍ଥଳ ଯେପରି ପ୍ରଭାତରେ ଏକ ଦିଗରେ ପ୍ରଫୁଲ୍ଲ ପଦ୍ମ ସମୂହ ଶୋଭିତ ଓ ଅପର ଦିଗରେ ମୁଦ୍ରିତ କୁମୁଦ ପୁଷ୍ପରେ ହତଶ୍ରୀ ସରୋବର ଭଳି ପ୍ରତୀୟମାନ ହେଲା । ସେ ସ୍ଥଳରେ ମେହେର ମନ୍ତବ୍ୟ ପ୍ରକାଶ କରିଛନ୍ତି—

"ଭାଗ୍ୟବାନ ସଦା ଭାଗ୍ୟଫଳ ଲଭେ
ଅଭାଗା ଲଭେ ଅଶିବ,
ସାଗର ମନ୍ଥନେ କେଶବ କମଳା
ଗରଳ ଲଭିଲେ ଶିବ ।"

Digitized by PPRACHIN, SOA

ଏହା—

"ଭାଗ୍ୟଂ ଫଳତି ସର୍ବତ୍ର
ନ ବିଦ୍ୟା ନ ଚ ପୌରୁଷଂ
ସମୁଦ୍ର ମନ୍ଥନେ ଲେଭେ
ହରଲକ୍ଷ୍ମୀଂ ହରୋ ବିଷମ୍"ର ଅନୁରୂପ ।

ଅଜ ଓ ଇନ୍ଦୁମତୀଙ୍କ ବିବାହ ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କାଳରେ ଅଦୂରାପନ୍ନବଶ ରଜନ୍ୟମଣ୍ଡଳୀଙ୍କ ଅଜଙ୍କ ସହ ସମର ବର୍ଣ୍ଣନା ଗଙ୍ଗାଧର 'ରଘୁବଂଶମ୍' ଠାରୁ ସ୍ପଷ୍ଟତର କରିଅଛନ୍ତି ।

ନବଦମ୍ପତିଙ୍କର ଅଯୋଧ୍ୟା ପ୍ରବେଶ ପରେ ରାଜାରାଣୀଙ୍କର ବାତ୍ସଲ୍ୟ ପ୍ରଦର୍ଶନ ମୂଳ ଗ୍ରନ୍ଥରେ ନାହିଁ । ଏହା ଉତ୍କଳୀୟ ଜନନୀର ବାତ୍ସଲ୍ୟ ସ୍ନେହ ପ୍ରକାଶକ ହୋଇ ଗଙ୍ଗାଧରଙ୍କ ବୈଶିଷ୍ଟ୍ୟ ପ୍ରତିପାଦକ ହୋଇପାରିଛି ।

'ଇନ୍ଦୁମତୀ'ଙ୍କ ବିବାହ ଓ ବିଚ୍ଛେଦ ଅତି ପ୍ରାକୃତିକ ଭାବରେ ଓ ଆଧୁନିକ ରୀତିରେ ଚିତ୍ରିତ ହୋଇଅଛି । କାଳିଦାସଙ୍କ ରଚନାକୁ ଅବଲମ୍ବନ କରି ରଚିତ ହୋଇଥିଲେହେଁ ଏଥିରେ ମୌଳିକତାର ଅଭାବ ମିଳେ । ଏଥିରେ ବର୍ଣ୍ଣିତ ଉଦ୍ୟାନର ବର୍ଣ୍ଣନା ତାହାର ଉଦାହରଣ । ଏହାର ଭାଷା ସରଳ ଓ ଶ୍ରୁତିମଧୁର । ତେଣୁ " 'ଇନ୍ଦୁମତୀ' ସ୍ୱଭାବସୁନ୍ଦରୀ ଉତ୍କଳଭାରତୀଙ୍କର ଅନୁପଯୁକ୍ତ ଭୂଷଣ ନୁହେଁ ।" (୫୫)

ଇନ୍ଦୁମତୀଙ୍କ ମୃତ୍ୟୁପରେ ଅଜବିଳାପ, ବଶିଷ୍ଠଙ୍କ ଶିଷ୍ୟଙ୍କ ଆଗମନ ଏବଂ ତାହାଙ୍କୁ ମହର୍ଷି ତୃଣବିନ୍ଦୁ ଓ ହରିଣୀ ଅପ୍ସରା

(୫୫) ରାଧାନାଥ ରାୟଙ୍କ ମନ୍ତବ୍ୟ

Digitized by PPRACHIN, SOA

ବୃତ୍ତାନ୍ତ କଥନ ଓ ସେହି ହରିଣୀ ଅପ୍‌ସରାଙ୍କୁ ଇନ୍ଦୁମତୀ ବୋଲି ପରିଚୟ ପ୍ରଦାନ ଆଦି ସଂଯୋଗ କରି କବି 'ରଘୁବଂଶମ୍‌'କୁ ଅନୁସରଣ କରିଛନ୍ତି । ମାତ୍ର ଏ ପ୍ରସଙ୍ଗ ରାଧାନାଥଙ୍କ 'ଊଷା' କାବ୍ୟରେ ଊଷା ଓ ଜୟନ୍ତଙ୍କ ମୃତ୍ୟୁ ପରେ ତାଙ୍କ ଆଗମନ ଏବଂ ସେମାନଙ୍କର ପୂର୍ବଜନ୍ମ ବୃତ୍ତାନ୍ତ ପ୍ରଦାନ ତଥା ସ୍ମରଣ କରାଇଦିଏ ।

କବିର କୃତିରେ ତାହାର ଜୀବନର ଲକ୍ଷ୍ୟ ଓ ଆଦର୍ଶ ପ୍ରତିଫଳିତ ହୋଇଥାଏ । କବି ଦରିଦ୍ର ପରିବାରର ସନ୍ତାନ । ଦାରିଦ୍ର୍ୟର କଷାଘାତରେ ତାଙ୍କର ଜୀବନ ସର୍ବଦା ବିବ୍ରତ । ତା ସତ୍ତ୍ୱେ ସେ ଲେଖନୀ ଚାଳନା କରିବାରୁ ପଶ୍ଚାତ୍‌ପଦ ହୋଇନାହାନ୍ତି । 'ପଦ୍ମିନୀ' ଓ 'ତପସ୍ୱିନୀ'ର ମଙ୍ଗଳାଚରଣରେ ସେ ତାଙ୍କର ଦାରିଦ୍ର୍ୟ କଥା ଉଲ୍ଲେଖ କରିଛନ୍ତି । ତାହାଙ୍କ ପୁତ୍ରଙ୍କ ଅସୁସ୍ଥତା, ପାରିବାରିକ ଅଶାନ୍ତି ଆଦି ତାଙ୍କର ବାଣୀସାଧନାର ପ୍ରତିକୂଳତା ଆଚରଣ କରୁଥିଲେ । ସେ ମାନ ସମ୍ମାନ ପ୍ରତି ଦୃଷ୍ଟି ଦେଉନଥିଲେ । ପଦ୍ମପୁରରୁ ଏକ ପତ୍ରରେ ଲେଖିଥିଲେ, "ଏଠାରେ ମୋର ମାନହାନିର କିଛି ଆଶଙ୍କା ନାହିଁ । ଯାହାର ମାନ ଥାଏ, ତାହାର ମାନ ହାନି ହୁଏ । ଯାହାର ମାନ ଆଦୌ ନାହିଁ, ହାନି ହେବ କଣ ?

× × × ×

ମୁଁ ରାଜସେବାର ଲାଳସୀ ନୁହେଁ । ଇଂରାଜଙ୍କଠାରୁ ବଳି ବଡ଼ ରାଜା କିଏ ଅଛି ? ଯେତେବେଳେ ସେ ରାଜାଙ୍କ ସେବାରେ

Digitized by PPRACHIN, SOA

ବୈରାଗ୍ୟ ଜନ୍ମି ଅସିଲଣି ଅନ୍ୟ କେଉଁ ରାଜାଙ୍କ ସେବାକୁ ଇଚ୍ଛା କରିବ ?'' (୫୬)

ତାହାଙ୍କ ପୂର୍ବ ଭଗବାନର ଅନୁସନ୍ଧାନ ବିଷୟରେ ସେ ଚିନ୍ତିତ ଥିଲେ । ହେଲେହେଁ ତାଙ୍କର ଈଶ୍ୱରଙ୍କଠାରେ ଥିଲା ପ୍ରବଳ ଆସ୍ଥା । ସେ 'ଇନ୍ଦୁମତୀ' କାବ୍ୟରେ ଉଲ୍ଲେଖ କରିଛନ୍ତି—

''ଭବେ ଭବିତବ୍ୟ ଅବଶ୍ୟ ଘଟଇ
ଏକଥା ନୁହେଁ ଅନ୍ୟଥା,
ମୂଢ଼ ଜନେ ସିନା ତହିଁପାଇଁ ବୃଥା
ହୃଦେ ପୋଷିଥାନ୍ତି ବ୍ୟଥା ।'' (୫୭)

ଭାଗ୍ୟବାଦୀ କବି ଅଦୃଷ୍ଟ ଶକ୍ତି ଉପରେ ନିର୍ଭର କରି ମାତ୍ରବାଦେ କର୍ମସାଧନ ତତ୍ପର ହୋଇଛନ୍ତି । ଏହା ରାଧାନାଥଙ୍କ—

''ଭବିତବ୍ୟ ଯାହା ଅବଶ୍ୟ ଘଟିବ
କିଏ ତା କରିବ ଆନ ?
କିଏ ଅବା ଏଥୁ ଜ୍ୟୋତିଷ୍କ ଗତି
ରୋଧିବାକୁ ବଳବାନ ?'' (୫୮)

ର ଅନୁରୂପ ।

ଭାଗ୍ୟ ଉପରେ ବିଶ୍ୱାସ କଲେହେଁ ସାଂସାରିକ ଜଞ୍ଜାଳ ଅସହ୍ୟ ହୋଇଉଠିଛି । ତାଙ୍କର ଶ୍ୱାସ ରୁଦ୍ଧ ହୋଇ ଆସୁଛି । ସେ କଥା

---

(୫୬) ଗଙ୍ଗାଧର ପତ୍ରାବଳୀ ପୃ ୨୦୧
(୫୭) ଇନ୍ଦୁମତୀ—ଗଙ୍ଗାଧର
(୫୮) ପାର୍ବତୀ—ରାଧାନାଥ

Digitized by PPRACHIN, SOA

ସେ ବନ୍ଧୁ ଆଗରେ ସ୍ପଷ୍ଟ ସ୍ୱୀକାର କରି କହୁଛନ୍ତି । "ଜନ୍ମୁ ଧନ ମୋର କି ଶାରୀରିକ, କି ମାନସିକ ସବୁ ବଳ ହ୍ରାସ ହୋଇ ଆସୁଛି । ହେବାର କଥା, ସଂସାରର ଗତି ବଡ଼ ବିରକ୍ତିକର ହେଉଅଛି । ଲୋକଙ୍କର ବ୍ୟବହାର ବଡ଼ ଭୟଙ୍କର ବୋଧ ହେଉଅଛି । ଏସବୁ ମୃତ୍ୟୁ ଆସନ୍ନତାର ଲକ୍ଷଣ କି ? ବହୁତ ଦିନ ବଞ୍ଚିଲିଣି । ମୃତ୍ୟୁ ଅତି ଅବାଞ୍ଛନୀୟ ନୁହେଁ । ଏସବୁ ପ୍ରାଣର ଅବସାଦର ଲକ୍ଷଣ ।" ତଥାପି କବିଙ୍କର ଈଶ୍ୱରଙ୍କପ୍ରତି ବିଶ୍ୱାସ ଊଣା ହେଉନାହିଁ । ସେ ତାହାଙ୍କୁ ମଙ୍ଗଳମୟ ବୋଲି ସର୍ବଦା ସ୍ୱୀକାର କରି ଆସିଛନ୍ତି । ତେଣୁ "ଏ ସବୁରେ ସେ ଈଶ୍ୱରଙ୍କ ମଙ୍ଗଳାଭିପ୍ରାୟ ନାହିଁ, ତାହା କିଏ କହିପାରେ ?" ସେ ଜାଣନ୍ତି, ଦେବାର ଅଗ୍ନିରେ ନିକ୍ଷିପ୍ତ ହେଲେ ସୁବର୍ଣ୍ଣ ତାର ଔଜ୍ଜ୍ୱଲ୍ୟ ଦେଖାଇବାକୁ ଅଧିକ ଭାବରେ ପ୍ରକାଶ କରିବ । ସେଥିପାଇଁ ସେ ଦୁଃଖ କଷ୍ଟକୁ ବରଣ କରିନେଉଛନ୍ତି । ରାଧାନାଥଙ୍କ ପରି "ହସି ଖେଳି ସେହୁ ଗମନ୍ତି ସମୟ, ଜୀବନ ମଣନ୍ତି ମହୋତ୍ସବମୟ" କହି କାହାରିକୁ ଆକ୍ଷେପ କରିନାହାନ୍ତି । ବରଂ ସାହସ ସହିତ ସମଦୁଃଖୀ ବନ୍ଧୁଙ୍କୁ ତାଙ୍କ ପାଇଁ ଦୁଃଖ ନକରିବାକୁ ଅନୁରୋଧ କରି ଲେଖିଛନ୍ତି । "ଦୁଖିତ ହେବେ ନାହିଁ, ଦୁଃଖିତ ହେବେନାହିଁ, ଦୁଃଖିତ ହେବେ ନାହିଁ ।" (୫୯),

ରାଧାନାଥ ଗଙ୍ଗାଧରଙ୍କୁ ୮ । ୮ । ୧୯୦୩ ର ପତ୍ରରେ ଲେଖିଥିଲେ, "ଆପଣ ଯେତେବେ ଆଉ କିଛି ନ ଲେଖନ୍ତି, ତେବେ କା

(୫୯) ଗଙ୍ଗାଧର ପତ୍ରାବଳୀ ପୃ ୨୧୦

Digitized by PPRACHIN, SOA

'ଇନ୍ଦୁମତୀ' ଏବଂ 'କୀଚକବଧ' ଦ୍ୱାରା ଓଡ଼ିଆ ସାହିତ୍ୟ ଜଗତରେ ଅମର ହୋଇ ରହିବେ ।" (୭୦)

'ପଦ୍ମିନୀ'କୁ କବି ତାଙ୍କର ପୁସ୍ତକମାନଙ୍କ ମଧ୍ୟରେ ସର୍ବୋତ୍ତମ କରିବାର ବାସନା କରିଥିଲେ (୭୧) । ମାତ୍ର ଦୈବ ଦୁର୍ବିପାକ-ବଶତଃ ତାହା ଅପୂର୍ଣ୍ଣ ରହିଯାଇଛି । ଏହାର ବିଷୟବସ୍ତୁକୁ 'ରାଜସ୍ଥାନ' ପୁସ୍ତକରୁ ଗ୍ରହଣ କରିଅଛନ୍ତି (୭୨) । ହେଲେହେଁ କବିଙ୍କ ମନୋଜ୍ଞ କଳ୍ପନାବିଳାସ ଇତିହାସର ନୀରସ ବିଷୟକୁ ଏପରି ବୈଚିତ୍ର୍ୟପୂର୍ଣ୍ଣ କରିପାରିଛି ଯେ ତାହା ପୌରାଣିକ ନାୟକ ନାୟିକାଙ୍କ ଜୀବନ ଚରିତ ହୋଇଥିଲା ପରି ବୋଧହୁଏ । ଏବଂ ତତ୍ ସଙ୍ଗେ ସଙ୍ଗେ

"ଲୋଭରୁ ପାପ, ପାପରୁ ମରଣ"
"ସନ୍ତୋଷ ରତନ ନାହିଁ ହୃଦୟରେ ଯାର
ସୁଖ କାହିଁ ପାଇଲେ ହେଁ ଇନ୍ଦ୍ରତ୍ୱ ସ୍ୱୀକାର"

ଆଦି ନୀତିବାକ୍ୟ ମଧ୍ୟ ଉଚ୍ଚାରଣ କରିଛନ୍ତି ।

ଚିତୋର ନଗରରେ ରାଜପ୍ରାସାଦରେ ପୁରବାସୀମାନଙ୍କର ଶ୍ଳୋକାର୍ଦ୍ଧ ଶ୍ରବଣ, ଅଲ୍ଲାଉଦ୍ଦିନର 'ଲୀଳା'କୁ ଦୂତୀରୂପେ ପ୍ରେରଣ, ତାହାର ଚାତୁର୍ଯ୍ୟମୟୀ ଉକ୍ତି, ପଦ୍ମିନୀଙ୍କ ଅପୂର୍ବ ପ୍ରତ୍ୟୁତ୍ପନ୍ନମତିତା ଓ ବିଚକ୍ଷଣତା ଆଦି ବର୍ଣ୍ଣନାରେ କବି କଳ୍ପନାବିଳାସିତାର ଅଦ୍ଭୁତ ପରିଚୟ ପ୍ରଦାନ କରିଅଛନ୍ତି ।

(୭୦) କବିଲିପି—ପୃ ୯୪
(୭୧) ଗଙ୍ଗାଧର ପତ୍ରାବଳୀ ପୃ ୨୨୦ ।
(୭୨) ଗଙ୍ଗାଧର ପତ୍ରାବଳୀ ପୃ ୩ ଓ ପୃ ୭ ।

Digitized by PPRACHIN, SOA

ସମ୍ବଲପୁର ଗେଜେଟିଅର୍, ଗଡ଼ଜାତ ଗେଜେଟିଅର୍ ଓ ନିଜର କଳ୍ପନା ସାହାଯ୍ୟ ନେଇ କବି 'ଉତ୍କଳ ଲକ୍ଷ୍ମୀ'ଙ୍କୁ ଶୋଭିତ କରାଇଛନ୍ତି । ରାଧାନାଥଙ୍କ 'ଚିଲିକା' ପରି କବି 'ଉତ୍କଳ ଲକ୍ଷ୍ମୀ'ରେ ପ୍ରକୃତିକୁ ନାୟିକା କରିଛନ୍ତି । ଛନ୍ଦରେ ଯେପରି କବିଙ୍କର କଳ୍ପନା ତୁଙ୍ଗିମା ସ୍ପର୍ଶ କରିଛି ।

'ଚିଲିକା'ର ନିକାଞ୍ଚନ ତୀରରେ ରାଧାନାଥଙ୍କ 'ସ୍ୱପ୍ନେ ଋଷି କାଳସ୍ରୋତ ପ୍ରତିଲୋମେ' କାହିଁ ଯାତ୍ରା ଦର୍ଶନ, ଗଙ୍ଗାଧରଙ୍କର 'ମାର୍ଗଶିର ପୌର୍ଣ୍ଣମାସୀ ରାତ୍ରିବର୍ଷ'ରେ 'ପଲାଲ କୁଟୀରେ ବସି' 'ପରମାସୁନ୍ଦରୀ ଦେବୀ'ଙ୍କ ସହିତ 'ଉତ୍କଳର ଗୂଢ଼ ରହସ୍ୟ' ଦର୍ଶନକୁ ପ୍ରଭାବିତ କରିଥିବା ମନେ ହୁଏ ।

ପଦ୍ମାବତୀ ଓ ରୋହିଣୀଙ୍କ ବର୍ଣ୍ଣନାରେ ମଧ୍ୟ ସାଦୃଶ୍ୟ ପ୍ରତୀୟମାନ ହୁଏ ।

ଚନ୍ଦ୍ର ଓ ରୋହିଣୀଙ୍କର କଥୋପକଥନ ଓ ଚନ୍ଦ୍ର ଭବିଷ୍ୟତରେ ମୟୂରଭଞ୍ଜରେ ରାମଚନ୍ଦ୍ର ନାମରେ ଜନ୍ମଗ୍ରହଣ କରିବେ ଏବଂ 'ପ୍ରଭା ଛଳେ' ତାଙ୍କର ପ୍ରଭା ପ୍ରକାଶିତ ହେବା ପାଠକଲେ 'ମହାଯାତ୍ରା'ର ଅଗ୍ନିଙ୍କ ଯୁଧିଷ୍ଠିରଙ୍କୁ ଭବିଷ୍ୟ କଥନ ବୃତ୍ତାନ୍ତ ସ୍ମୃତିପଥରେ ଜାଗ୍ରତ କରାଇଦିଏ ।

ଚନ୍ଦ୍ରଙ୍କର ପ୍ରଭା ଏଠାରେ ମୟୂରଭଞ୍ଜ ମହାରାଜା ପୁଣ୍ୟଶ୍ଳୋକ ଶ୍ରୀରାମଚନ୍ଦ୍ର ଭଞ୍ଜ ଓ ତାହାଙ୍କ ପୋଷକତାରେ ପ୍ରକାଶିତ 'ଉତ୍କଳ-ପ୍ରଭା'କୁ ଲକ୍ଷ୍ୟ କରାଯାଇଛି ।

ଏହି କାବ୍ୟରେ କବିବର ରାଧାନାଥ ଓ ତାହାଙ୍କ କାବ୍ୟ-କଳାର ପ୍ରଶଂସା କରି କବି ଗୁଣଗ୍ରାହିତାର ପରିଚୟ ଦେଇଅଛନ୍ତି ।

Digitized by PPRACHIN, SOA

ଉତ୍କଳର ନଦନଦୀ, ପର୍ବତ କନ୍ଦର, ପୁରାଣ, ଇତିହାସ, କିମ୍ବଦନ୍ତୀ, କବି, କଳାକାର, ଭୌଗୋଳିକ ବିବରଣ ଆଦି ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେ ଯେ ଏହାକୁ ଏକ ସୁନ୍ଦର କାବ୍ୟ-ରୂପେ ଉପସ୍ଥାପିତ କରିପାରିଛନ୍ତି, ତାହାହିଁ ତାଙ୍କର ବୈଶିଷ୍ଟ୍ୟ ।

କବିବର ରାଧାନାଥ ଲେଖିଥିଲେ —

"ଉତ୍କଳଲକ୍ଷ୍ମୀ କ୍ଷୁଦ୍ର ଏବଂ ଅସମ୍ପୂର୍ଣ୍ଣ ହୋଇ ସୁଦ୍ଧା ଉତ୍କଳ ଭାଷାର ଗୋଟିଏ ସ୍ଥାୟୀ ସମ୍ପତ୍ତି ଏହା ମୁଁ ମୁକ୍ତ କଣ୍ଠରେ କହିପାରେ ।" (୬୩)

ବିଂଶ ଶତାବ୍ଦୀର ପ୍ରଥମ ପାଦରେ କବି ଗଙ୍ଗାଧରଙ୍କ ରଚନାର ସ୍ଫୁରଣ ହୋଇଅଛି । ଊନବିଂଶ ଶତାବ୍ଦୀର ଯେଉଁ ଘନଘଟା ମଧ୍ୟରେ ଉତ୍କଳ ଗତି କରିଥିଲା ତାର ଦୃଷ୍ଟାନ୍ତ ଆମେ ମେହେରଙ୍କ ରଚନାବଳୀରେ ପାଉନାହୁଁ । ଏଥିରେ ସାମାଜିକ ଉପାଦାନର ଅଭାବ ଅନୁଭୂତ ହୁଏ । ସାହିତ୍ୟ ଯଦି ଜୀବନର ମୁକୁର ହୁଏ, ତହିଁରେ ସାମାଜିକତାର ପ୍ରତିଫଳନ ଏକାନ୍ତ ଅବଶ୍ୟମ୍ଭାବୀ । ମାତ୍ର ଗଙ୍ଗାଧରଙ୍କ ରଚନାରେ ତତ୍କାଳୀନ ଓଡ଼ିଶାର ପ୍ରତିଛବି ଖୋଜି ବସିଲେ ହତାଶ ହେବାକୁ ପଡ଼େ ।

ଗଙ୍ଗାଧର, ରାଧାନାଥ, ମଧୁସୂଦନ ବା ନନ୍ଦକିଶୋରଙ୍କ ପରି ସରକାରୀ କର୍ମଶୃଙ୍ଖଳାରେ ଆବଦ୍ଧ ନ ଥିଲେ । ତଥାପି ସେ ଦୃଢ଼ଭାବରେ ବ୍ରିଟିଶ ସରକାରୀ ନୀତିର ପ୍ରତିବାଦ କରିନାହାନ୍ତି । 'ଭାରତୀ ଭାବନା'ରେ ଯେତିକି କହିଛନ୍ତି ତାହା

---

(୬୩) ରାଧାନାଥଙ୍କ ଗଙ୍ଗାଧରଙ୍କୁ ୧୭।୯।୧୮୯୫ ର ପତ୍ର— କବିଲିପି ପୃ ୭୪ ।

Digitized by PPRACHIN, SOA

ଶ୍ଳେଷୋକ୍ତି ଛଳରେ । ତେଣୁ ଏ କ୍ଷେତ୍ରରେ ସେ ଉପଯୁକ୍ତ ସାହସିକତା ଦେଖାଇ ପାରିନାହାନ୍ତି ।

'କୁମାର ଇନ୍ଦ୍ରନୀଳ ସ୍ତବ' ଓ 'ଭକ୍ତ ଉପହାର' କବିତା ବରପାଲି ଓ ସୋନପୁର ନୃପତଙ୍କ ସ୍ତୁତିବାଣୀରେ ପରିପୂର୍ଣ୍ଣ । ସେପରି ସ୍ତୁତିର ସ୍ଥାନ ସ୍ୱତନ୍ତ୍ର । କୃତଜ୍ଞତା ଜ୍ଞାପନ କରିବାକୁ ଥିଲେ ପ୍ରତ୍ୟକ୍ଷ-ଭାବେ କରିବା ବିଧେୟ । କବି ରାଧାନାଥ ମଧ୍ୟ ବାମଣ୍ଡାର ବାସୁଦେବ ଓ ମୟୂରଭଞ୍ଜର ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ସ୍ତୁତି ଗାନ କରିଛନ୍ତି । ଏଥିପାଇଁ ରାଧାନାଥ ପରବର୍ତ୍ତୀ କାଳରେ ସମାଲୋଚିତ ହୋଇଅଛନ୍ତି ।

'ତପସ୍ୱିନୀ' ଜାନକୀଙ୍କ ପତିଭକ୍ତିର ଚରମ ଉତ୍କର୍ଷ ସାଧନ କରିଥିଲେ ହେଁ ତାହା ଏ ଯୁଗ ରୁଚିର ଅନୁକୂଳ ନୁହେଁ । କାରଣ ବିଂଶ ଶତାବ୍ଦୀରେ ଅନ୍ଧ ଅନ୍ଧଭାବରେ ପତିଭକ୍ତି, ଯୁଗର ଆଦର୍ଶ ହୋଇ ରହିନାହିଁ । ମନୁଷ୍ୟ ମନରେ ବେଳକୁବେଳ ସନ୍ଦେହ ହେଉଛି ; ତାର ମନରେ ଶତଶତ ପ୍ରଶ୍ନ ଜାଗରିତ ହେଉଛି । ପ୍ରତ୍ୟେକ କାର୍ଯ୍ୟର କାରଣ ଜାଣିବାକୁ ସେ ଉଦ୍‌ବିଗ୍ନ ହୋଇ ଉଠିଛି । ତେଣୁ ଏ ଯୁଗ ହେଉଛି ଅନୁସନ୍ଧିତ୍ସାର ଯୁଗ । କାରଣ ନିର୍ଦ୍ଦେଶର ଯୁଗ । ସୀତା ସତୀ ହୋଇପାରନ୍ତି, ତାହାଙ୍କର ଆଦର୍ଶର ମହତ୍ତ୍ୱ ପ୍ରକଟନ କରି ଉଜ୍ଜ୍ୱଳ ଦୃଷ୍ଟାନ୍ତ ପ୍ରଦର୍ଶନ କରିବା କବିଙ୍କର ଉଦ୍ଦେଶ୍ୟ ହୋଇ ଥାଇପାରେ, ମାତ୍ର ରାମଚନ୍ଦ୍ର 'ପ୍ରଜାନୁରଞ୍ଜନ' କରିବାପାଇଁ ଅଗ୍ନି ସାକ୍ଷୀ ରଖି ଯେଉଁ ସୀତାଙ୍କୁ ସହଧର୍ମିଣୀ କରି ଆଣିଥିଲେ, ତାହାଙ୍କ ସୁଖଦୁଃଖରେ ଭାଗୀ ହେବା ପରିବର୍ତ୍ତେ ଜନତାର ପ୍ରଶଂସା ପାଇବା ପାଇଁ ସୀତା ନିର୍ବାସନ କରି ଉପଯୁକ୍ତ ମତର ଆଦର୍ଶ ଦେଖାଇ ନାହାନ୍ତି । କାରଣ ପତ୍ନୀ ହେଉଛି ପତିର ଅର୍ଦ୍ଧାଙ୍ଗିନୀ । ତେଣୁ ପତିର ତା ପ୍ରତି କର୍ତ୍ତବ୍ୟ ରହିଛି । ବୈଦିକ ରୀତିରେ ବିବାହ ବେଦୀ

Digitized by PPRACHIN, SOA

ଜଗତରେ ଦଶଦିଗପାଳ ଓ ଅଗ୍ନିଙ୍କୁ ସାକ୍ଷୀ ରଖି ଯେଉଁ ସୀତାଙ୍କୁ ସେ ବିବାହ କରିଥିଲେ, ତାହାଙ୍କୁ ବନବାସକୁ ପଠାଇବା ଏବଂ ସୀତା ନିର୍ବିଚାର ଚିତ୍ତରେ ତାହା ସହ୍ୟ କରିବା ଯେଉଁ ଯୁଗର ଆଦର୍ଶ ହୋଇପାରେ ମାତ୍ର ଆଜିର କବି ସେହି ବିଷୟବସ୍ତୁକୁ ସମ୍ବଳ କରି କାବ୍ୟରଚନା କରିବା ଅସଙ୍ଗତ । କବି ଏହାର ସ୍ୱପକ୍ଷରେ ଯୁକ୍ତି କରି ନିଜେ ଲେଖିଛନ୍ତି—

"ନିର୍ବାସନ କଷ୍ଟ ସହିବାଦ୍ୱାରା ସୀତାଙ୍କର ପତିଭକ୍ତି ଯେପରି ତେଜୋମୟୀ ହୋଇଗଲା, ତାଙ୍କର ହିରଣ୍ମୟୀ ପ୍ରତିକୃତି ରଖି ଅଶ୍ୱମେଧ ଯଜ୍ଞ ନିର୍ବାହ କରିବାଦ୍ୱାରା ରାମଙ୍କର ପତ୍ନୀ-ପ୍ରେମ ସେହିପରି ପ୍ରମାଣ ହୋଇ ଉଠିଲା ।" (୭୪). ଏପରି ଯୁକ୍ତି ଅସମୀଚୀନ । ସୀତା ପୁଣି ସାଧାରଣ ଅବସ୍ଥାରେ ନାହାନ୍ତି—ଅନ୍ତଃସତ୍ତ୍ୱା । ସ୍ୱାମୀ ନିଜେ ଜାଣି ମଧ୍ୟ ଏପରି ଭାବରେ ନିଜର ପତ୍ନୀକୁ ନିର୍ବାସନ କରିବା ରାମାୟଣକାରଙ୍କ ପକ୍ଷରେ ଅସ୍ୱାଭାବିକ ନ ହୋଇପାରେ, ମାତ୍ର ବିଂଶ ଶତାବ୍ଦୀର କବି ମେଘେର ଯାହାକୁ ଆଦର୍ଶ ନାମରେ ଉପସ୍ଥାପିତ କରିଛନ୍ତି, ତାହା ଅଯୌକ୍ତିକ । ଶ୍ୱାପଦସଙ୍କୁଳ ବନଭୂମିରେ ଏକାକିନୀ ଜାନକୀଙ୍କୁ ତ୍ୟାଗକରିବା ଦ୍ୱାରା ରାମଚନ୍ଦ୍ରଙ୍କ ଚରିତ୍ରର ଉତ୍କର୍ଷ ପ୍ରତିପାଦିତ ହୋଇନାହିଁ । ପୁଣି ଜୀବନ୍ତ ସ୍ତ୍ରୀକୁ ବନରେ ତ୍ୟାଗକରି ରାମଚନ୍ଦ୍ର ହିରଣ୍ମୟୀ ପ୍ରତିମା ରଖି ଯଜ୍ଞ କାର୍ଯ୍ୟ ନିର୍ବାହ କରିବା ଏକାନ୍ତ ହାସ୍ୟାସ୍ପଦ । ତେଣୁ ସୀତାଙ୍କର ବନସ୍ଥ ଲିପି ଏ ଯୁଗର ଉପଯୋଗୀ ନୁହେଁ । ଏହାର ଉତ୍ତର ପାଇଁ ରାମାୟଣକାର ବାଲ୍ମୀକିଙ୍କ ରଚନା ପ୍ରଣିଧାନ ଯୋଗ୍ୟ । କାରଣ ମେଘେର ଓ ରାମାୟଣର ସ୍ରଷ୍ଟା

---

(୭୪) ଉପକ୍ରମିକାର ମୁଖବନ୍ଧ

Digitized by PPRACHIN, SOA

ନୁହଁନ୍ତି, ସେ ଅନୁସରଣକାରୀ ମାତ୍ର । ଲକ୍ଷ୍ମଣ ଜାନକୀଙ୍କୁ ତ୍ୟାଗ କରି ଆସିବାବେଳେ (ଉତ୍ତର ୪୭।—୧୭) କହିଛନ୍ତି, ହେ ଜନକ-ନନ୍ଦିନୀ, ରାଜଧାନୀ ଓ ରାଜ୍ୟ ସାରା ତୁମ ସମ୍ବନ୍ଧରେ ଯେଉଁ ମହା-ଦାରୁଣ ଅପବାଦ ହେଲା, ତାହା ଶୁଣି ଶ୍ରୀରାମଚନ୍ଦ୍ର ଅତ୍ୟନ୍ତ ଦୁଃଖିତ ହୋଇ ରାଜଭବନକୁ ଚାଲିଗଲେ । ସୀତାଙ୍କ ଦ୍ୱାରା ବାରମ୍ବାର ଅନୁରୁଦ୍ଧ ହେବାରୁ ସେ କହିଲେ,

"ରାଜ୍ଞଃ ଶାସନମାଦାୟ ତଥୈବ କଳ ଦୌହୃଦମ୍
ତବ ତଦାହ୍ନବୀତୀରେ ବ୍ରହ୍ମର୍ଷିଣାଂ ତପୋବନମ୍ ।"

କାରଣ, ରାଜାଙ୍କ ଆଜ୍ଞା ଓ ଗର୍ଭିଣୀ ସ୍ତ୍ରୀଙ୍କ ଅଭିଳାଷ ଅବଶ୍ୟ ପୂରଣ କରି ହେବା ବିଧେୟ । ତେଣୁ ଗଙ୍ଗା ତଟରେ ବ୍ରହ୍ମର୍ଷିଙ୍କ ତପୋବନରେ ତ୍ୟାଗ କରି ଯାଉଛି ।

ପୁଣି ଉତ୍ତର କାଣ୍ଡ ଅଷ୍ଟଚତ୍ୱାରିଂଶ ଅଧ୍ୟାୟରେ ସୁମନ୍ତ୍ର ଓ ଲକ୍ଷ୍ମଣଙ୍କ ପ୍ରତ୍ୟାବର୍ତ୍ତନ କାଳରେ କଥୋପକଥନରେ କୁହା ଯାଇଛି,

"ଭବିଷ୍ୟତି ଦୃଢ଼ଂ ରାମୋ ଦୁଃଖପ୍ରାୟୋ ବିସୌଖ୍ୟଭାକ୍,
ପ୍ରାପ୍ସ୍ୟତେ ଚ ମହାବାହୁର୍ବିପ୍ରୟୋଗଂ ପ୍ରିୟୈର୍ଦ୍ଧ୍ରୁତମ୍ ।"
ବାଲ୍ମୀକି ରାମାୟଣ—(ଉତ୍ତର—୫୦। ୧୧)

ଶ୍ରୀରାମଚନ୍ଦ୍ର ପ୍ରାୟତଃ ଦୁଃଖୀ ହେବେ ଏବଂ ଏହାଙ୍କୁ ସୁଖ ମିଳିବ ନାହିଁ, ଏହାଙ୍କର ଆପଣା ପ୍ରିୟଜନଙ୍କଠାରୁ ଶୀଘ୍ର ବିଚ୍ଛେଦ ଘଟିବ । କେବଳ ସୀତା ନୁହେଁ, ଶ୍ରୀରାମଙ୍କୁ ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଆଦିଙ୍କୁ ମଧ୍ୟ ତ୍ୟାଗ କରିବାକୁ ହେବ । ସୁତରାଂ ଏସବୁକୁ ବିଧି-ନିର୍ଦ୍ଦିଷ୍ଟ ବୋଲି କହିବାକୁ ହେବ । ଆଧୁନିକ ସାମାଜିକ ବିଚାରକୁ

Digitized by PPRACHIN, SOA

ଅଣିହେବ ନାହିଁ। କାରଣ ପୌରାଣିକ ତଥା ଲୌକିକ ମତରେ ସୀତା ରାମ ସାମାଜିକ ପ୍ରାଣୀ ନୁହଁନ୍ତି। ତା'ଛଡ଼ା ସୀତା ଏକାକିନୀ ଦୀର୍ଘ ଦ୍ୱାଦଶ ବର୍ଷକାଳ ରାବଣଦ୍ୱାରା ଅଶୋକ ବନରେ ବନ୍ଦିନୀ ହୋଇ ରହିଥିଲେ; ସେଠାରେ ତାଙ୍କର ପରିଚିତ ବନ୍ଧୁ ପ୍ରିୟଜନ କେହି ନଥିଲେ। ଏଭଳି କ୍ଷେତ୍ରରେ ଜନସାଧାରଣଙ୍କ ମନରେ ସୀତାଙ୍କ ସତୀତ୍ୱ ଅକ୍ଷୁର୍ଣ୍ଣ ଥିବାର ବୋଧହେବା କଦାପି ସମ୍ଭବପର ନୁହେଁ। ରାମଚନ୍ଦ୍ର ଦୂତ ମୁଖରୁ ସୀତାଙ୍କ ପ୍ରତି ଆକ୍ଷେପ ବାଣୀ ଶୁଣିପାରି ଯେ କେତେଦୂର ମର୍ମାହତ ହୋଇଥିବେ ତାହା ଚିନ୍ତାଶୀଳଙ୍କର ଅନୁମେୟ। ସୂର୍ଯ୍ୟବଂଶୋଦ୍ଭବ ପ୍ରଜାରଞ୍ଜକ ନୃପତି ନିଜର ପ୍ରଜା-ମାନଙ୍କ ସମ୍ମୁଖରେ ନ୍ୟାୟପର ଓ ଧର୍ମାଧ୍ୟକ୍ଷ ଏହା ପ୍ରତିପାଦିତ କରିବା ନିମିତ୍ତ ନିଜର ପ୍ରାଣପ୍ରିୟା ପତିପରାୟଣା, ସାଧାରଣ ଦୃଷ୍ଟିରେ ଚତୁର୍ବର୍ଗ ପ୍ରାପ୍ତିର ସହାୟଭୂତା ଧର୍ମପତ୍ନୀଙ୍କୁ ତ୍ୟାଗ କରି ଅଦ୍ଭୁତ ଦୃଢ଼ ମନୋବୃତ୍ତିର ପରିଚୟ ଦେଇ ଅଛନ୍ତି। ଏହା ବାସ୍ତବରେ ମଧ୍ୟ ପ୍ରତିପନ୍ନ ହୁଏ।

ମହାଭାରତକାର କହିଛନ୍ତି,

ଅର୍ଦ୍ଧଂ ଭାର୍ଯ୍ୟା ମନୁଷ୍ୟସ୍ୟ ଭାର୍ଯ୍ୟା ଶ୍ରେଷ୍ଠତମା ସଖା,
ଭାର୍ଯ୍ୟାଂ ମୂଳଂ ତ୍ରିବର୍ଗସ୍ୟ ଭାର୍ଯ୍ୟା ମୂଳଂ ତରିଷ୍ୟତଃ।"
(ଦୁଷ୍ମନ୍ତଙ୍କ ପ୍ରତି ଶକୁନ୍ତଳା—ମହାଭାରତ
ଅ ୭୪।୪୧ ଆଦିପର୍ବ—ବ୍ୟାସ)

ତେଣୁ ନିଜର ପତ୍ନୀଙ୍କୁ ତ୍ୟାଗ କରି ସେ ପ୍ରକୃତ ପ୍ରଜା-ରଞ୍ଜକତ୍ୱର ପରିଚୟ ଦେଇ ଅଛନ୍ତି।

ଅନେକ ସ୍ଥଳରେ କବି ଅଭିଧାନିକ ଅପ୍ରୟୋଗ କରି ପଦଲାଳିତ୍ୟ ସୃଷ୍ଟି କରିଛନ୍ତି। 'ଭିତ୍ତି', 'ପତିବ ସ୍ଥଳ୍ୟ', ହୃଦ-

Digitized by PPRACHIN, SOA

ଫଟୋଗ୍ରାଫ', 'ରାଧିକା ଭାଷା', 'କହିଲେ ସାବାସି', ମନ ବିଚାରର ପରିଚୟ ଓ ଦ୍ୱନ୍ଦ୍ୱ କାବ୍ୟର ଶୋଭାବର୍ଦ୍ଧକ ନୁହେଁ । କାରଣ ସଙ୍କଳ୍ପ ଓ ବିକଳ୍ପାତ୍ମକ ହେଉଛି ମନ । ସ୍ଥିର ମନ ନାମ ବୁଦ୍ଧି । ବୁଦ୍ଧିର କାର୍ଯ୍ୟ ହେଉଛି--ବିଚାର--ବିବେକ । ସୁତରାଂ, ମନ ବିବେକକୁ କହିବା ଲେଖିବା ଅଯଥାର୍ଥ ।

ଶାସ୍ତ୍ରର ଅଭିଯାନ ପାଠକଲେ କାବ୍ୟର ଭାବାଂଶ ମୂଲ୍ୟ ହ୍ରାସପ୍ରାପ୍ତ ହୋଇଥିବା ପରି ମନେହୁଏ ।

ଗଙ୍ଗାଧର ଗତାନୁଗତିକ ଧାରାରେ କାବ୍ୟରଚନା କରିଛନ୍ତି । ସେଥିରେ ନୂତନତା କିଛି ନାହିଁ । ଜାତିକୁ ପ୍ରେରଣା ଦେବାପାଇଁ କବି ବା ଲେଖକର କର୍ତ୍ତବ୍ୟ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ନୂତନ ପନ୍ଥା ନିର୍ଦ୍ଦେଶ ନ କଲେ କବିଙ୍କର ସ୍ୱାତନ୍ତ୍ର୍ୟ ରହିବ ନାହିଁ । ପାଠକ କିଛି ନୂତନ ଭାବରେ ଇଙ୍ଗିତ ନ ପାଇଲେ ସେ ଲେଖାକୁ ପାଠ କରି ସମୟ ନଷ୍ଟ କରିବ କାହିଁକି ? ତେଣୁ ସେହି ସୀତାରାମ ବା ଅଜ-ଇନ୍ଦୁମତୀଙ୍କ ପ୍ରଣୟ ପରିଣୟ ବର୍ଣ୍ଣନା କରି କୃତିତ୍ୱ ପ୍ରଦର୍ଶନ ଯୁଗୋପଯୋଗୀ ନୁହେଁ ।

ମେହେର 'ବୁଢ଼ାରଜା' ଶିବଲିଙ୍ଗ ବିଷୟରେ କବିତା ଲେଖିଛନ୍ତି । ମାତ୍ର ଶ୍ୱାପଦସଙ୍କୁଳ ବୁଢ଼ାରଜା ପାହାଡ଼ର କିଛି ବର୍ଣ୍ଣନା ଦେଇ ନାହାନ୍ତି ।

'ବର୍ଷାଗମ'ର ବର୍ଣ୍ଣନା ଦେଇ ଶୁଷ୍କ, ନିଦାଘତପ୍ତ ଧରଣୀ ଉପରେ ବର୍ଷାର ଅବାହନ ଗୀତ ଶୁଣାଇଛନ୍ତି । ଧରାର ସୌନ୍ଦର୍ଯ୍ୟ ବର୍ଣ୍ଣନା କରୁ କରୁ ମୋହିତ ହୋଇଛନ୍ତି । କିନ୍ତୁ ବର୍ଷାକାଳ ତ ସେତିକି ନୁହେଁ । କେବଳ ପ୍ରକୃତି ଶବର ବା ବିଳାସୀ ନାୟକ ନାୟିକାଙ୍କ ପାଇଁ ତ ବର୍ଷା ଆସିନାହିଁ ! ସେହି ବର୍ଷାକାଳରେ ଦରିଦ୍ର କୁଟୀରରେ ଚେଙ୍ଗଡ଼ାର ଚଳ୍ଟା ନ ପାଇ ଦରିଦ୍ର ଗୃହସ୍ୱାମୀ

Digitized by PPRACHIN, SOA

ଯେ କପାଳରେ ହାତ ଦେଇ ବସିଛନ୍ତି, ତାର କ୍ଷୁଧାତୃଷାତୁର ପତ୍ନୀ ଓ ସନ୍ତାନସନ୍ତତି ବାହାରକୁ ଚାହିଁ ବସିଛନ୍ତି ହୃଦୟରେ ଦୀର୍ଘଶ୍ୱାସ ତ୍ୟାଗ କରୁଛନ୍ତି, ଛପର ଉଡ଼ିଯାଇ ବାରିଧାର ଗୃହର ଜନ୍ମଭୂମିକୁ ପ୍ଲାବିତ କରୁଛି, ସେମାନଙ୍କ ବାସସ୍ଥାନରେ ବଜ୍ରପାତ ପଡ଼ୁଛି, ସେମାନଙ୍କ ଅବସ୍ଥାର ବାସ୍ତବ ଚିତ୍ର ନ ଦେଇ କେବଳ ପ୍ରକୃତିର ମଧୁର ମନୋହର ଚିତ୍ରକୁ ପାଠକ ସମକ୍ଷରେ ଉପସ୍ଥାପିତ କରିବାରେ ମେହେରଙ୍କ ଲେଖନୀ ଜାଗ୍ରତ ହୋଇ ଉଠିଛି । ସୁତରାଂ ଏଠାରେ କବିଙ୍କର ଅନ୍ତର୍ଦୃଷ୍ଟିର ଅଭାବ ପରିଲକ୍ଷିତ ହୁଏ । ତେଣୁ ଏହା 'ବର୍ଷା ଋତୁ'ର ବାସ୍ତବ ଚିତ୍ର ନୁହେଁ । ଏଠାରେ 'ସତ୍ୟ'କୁ ଭୁଲିଯାଇ କବି 'ଶିବ' ଓ 'ସୁନ୍ଦର'ର ପୂଜା କରିବାରେ ବ୍ୟସ୍ତ ଅଛନ୍ତି । ମାତ୍ର ପ୍ରକୃତ ପକ୍ଷେ ସତ୍ୟ, ଶିବ ଓ ସୁନ୍ଦର ଏ ତିନିଙ୍କ ସମନ୍ୱୟରେ ହିଁ ବାସ୍ତବଚିତ୍ର ରୂପାୟିତ ହୋଇପାରନ୍ତା । ତେଣୁ ଏହାକୁ କେବଳ 'ବର୍ଷାଚିତ୍ର' ନ କହି 'ମନୋହର ବର୍ଷାଚିତ୍ର' କହିବା ଯଥାର୍ଥ ହୋଇଥାନ୍ତା ।

'ବେଦବ୍ୟାସ' ଠାରେ ମୟୂରଭଞ୍ଜ, ବାମଣ୍ଡା, ତାଳଚେର ନୃପତିଙ୍କ କବିଙ୍କ ସ୍ମରଣ, ରାଧାନାଥଙ୍କ ଚିଲିକାଠାରେ ରାମଚନ୍ଦ୍ର ଓ ସୁଭଲଙ୍କ ଗୁଣକୀର୍ତ୍ତନ ଛାୟାରେ ଲିଖିତ ହୋଇଥିବା ମନେହୁଏ । ସୁତରାଂ ଏଥିରେ ତାଙ୍କର ନୂତନତ୍ୱର କୌଣସି ଆଭାସ ପରିଲକ୍ଷିତ ହୁଏ ନାହିଁ ।

'କୀଚକ-ବଧ' ଆରମ୍ଭରେ ବିରାଟ ନଗର ବର୍ଣ୍ଣନା ପାଠକଲେ ମନେହୁଏ ସତେ ଯେପରି କବି ଇଚ୍ଛାକରି ଏ ବର୍ଣ୍ଣନା କରୁଛନ୍ତି, ତାହା ପ୍ରାକୃତିକ ନୁହେଁ । କବି ରାଧାନାଥ ମଧ୍ୟ ଏ ସମ୍ବନ୍ଧରେ ତାଙ୍କୁ ୨୬ । ୭ । ୧୯୦୬ର ପତ୍ରରେ ଲେଖିଥିଲେ, "କାବ୍ୟ ଖଣ୍ଡିକ ସ୍ଥୂଳତଃ ଅତି ସୁନ୍ଦର ହୋଇଅଛି । ଆରମ୍ଭରେ

ବିରାଟ ନଗରର ବର୍ଣ୍ଣନା ସୁନ୍ଦର ସତ୍ୟ ମାତ୍ର ମୋହୋମତରେ ଅଯଥା ଦୀର୍ଘ ହୋଇଅଛି । ବର୍ଣ୍ଣନା ଯେତେ ସୁନ୍ଦର ହେଉ ତାହା ବହିରଙ୍ଗ ମାତ୍ର । ମୂଳ ବିଷୟକୁ ବର୍ଣ୍ଣନାଦ୍ୱାରା ଘୋଡ଼ାଇ ପକାଇବାର ଉଚିତ ନୁହେଁ ଏବଂ କବି ନିଜର ବର୍ଣ୍ଣନା ପାଟବ ଦେଖାଉଅଛନ୍ତି, ପାଠକ ମନରେ ଏ ଭାବ ଉଦିତ ହେବାର ଉଚିତ ନୁହେଁ ।" (୬୫)

ବର୍ଣ୍ଣନା ଅନୁରୋଧରେ ବର୍ଣ୍ଣନା କଲେ ତାହା ପାଠକଙ୍କୁ ନୀରସ ବୋଧହେବ ସିନା !

ସୂଚନାତ୍ମକ ରଚନା ହିଁ ଉତ୍କୃଷ୍ଟ କଳାସୃଷ୍ଟିର ନିଦର୍ଶନ । ଗଙ୍ଗାଧର କାଳିଦାସଙ୍କ ପରି ମହାକବିଙ୍କୁ ଅନୁସରି କରୁଥିଲେ ମଧ୍ୟ ସ୍ଥଳ-ବିଶେଷରେ ଅଧିକ ବିଶଦ କରିବାକୁ ଯାଇ ଉତ୍କୃଷ୍ଟକଳା (great art) ଠାରୁ ଅପସରି ଯାଇଛନ୍ତି । ଶାର୍ଙ୍ଗରବଙ୍କୁ ଦୁଷ୍ମନ୍ତଙ୍କ ଉତ୍ତର ଅତି ଏହି ଶ୍ରେଣୀର ।

ଶୋଚନୀୟ ଦୁଃଖରେ ମ୍ରିୟମାଣା ଜନକନନ୍ଦିନୀଙ୍କର ଅଯୋଧ୍ୟାପତିଙ୍କ ନିକଟକୁ ପ୍ରଦତ୍ତ ପତ୍ର ଅସ୍ୱାଭାବିକ ବୋଧହୁଏ । କାରଣ ତାହା ଅତ୍ୟନ୍ତ କରୁଣ ହେବା ପରିବର୍ତ୍ତେ ଗମ୍ଭୀର ହୋଇ ଯାଇଛି ।

ଇନ୍ଦୁମତୀଙ୍କ ସ୍ୱୟମ୍ବରରେ ମହାକବି କାଳିଦାସ କଳିଙ୍ଗରାଜଙ୍କ ବର୍ଣ୍ଣନା କରିଥିଲାବେଳେ ଉତ୍କଳୀୟ କବି ମେହେର ତାଙ୍କୁ ଉପେକ୍ଷା କରିଅଛନ୍ତି ଏବଂ ତାହା ବର୍ଣ୍ଣନା କରିଥିଲେ ଜାତୀୟ କବିର ଦୃଢ଼ ଆସନରେ ନିଜକୁ ଅବସ୍ଥାପିତ କରାଇଥାନ୍ତେ ।

---

(୬୫) କବିଲିପି ପୃ ୯୪ ।

Digitized by PPRACHIN, SOA

ପୌରାଣିକ ବିଷୟବସ୍ତୁ ସମ୍ବଳିତ 'କୀଚକ-ବଧ' ବ୍ୟାସ ବା ସାରଳାଙ୍କ ହାତରେ ଯେପରି ରୂପାୟିତ ହୋଇଛି, ମେହେର ସେପରି କରିଥିଲେ ଅଧିକ ମନୋଜ୍ଞ କରିପାରିଥାଆନ୍ତେ ।

ଏସବୁ ତ୍ରୁଟି ରହିଥିବା ସତ୍ତ୍ୱେ ତାଙ୍କର ସାଧନା, ତାଙ୍କର କୃତିତ୍ୱ, ତାଙ୍କର ଉଦ୍ୟମ ଓ ସ୍ଥଳେ ସ୍ଥଳେ ପ୍ରତିଭାର ସ୍ଫୁରଣ ପ୍ରଶଂସନୀୟ । ଦୋଷ ରହିତ ରଚନା ବିରଳ ।

ସାହିତ୍ୟ ଦର୍ପଣକାର ବିଶ୍ୱନାଥ କହିଛନ୍ତି—

''କିଞ୍ଚୈବ କାବ୍ୟଂ ପ୍ରବିରଳ ବିଷୟଂ ନିର୍ବିଷୟଂ ବା ସ୍ୟାଦ୍ ।
ସର୍ବଥା ନିର୍ଦ୍ଦୋଷସ୍ୟୈକାନ୍ତମସମ୍ଭବାତ୍ ।''

ଇଂରାଜୀ କବି ମଧ୍ୟ ସେହିପରି କହିଛନ୍ତି—

"Whoever thinks a faultless piece to see
Thinks what never was, nor is, nor
ever shall be."

ଉପେନ୍ଦ୍ରଙ୍କ ଭାଷାରେ ଦୋଷବିରଳ କାବ୍ୟ 'ନାହିଁ ନ ଥିଲା ନୋହିବ ।'

ତେଣୁ ଗଙ୍ଗାଧରଙ୍କୁ ବାହାଦୁରୀ ନ ଦେବାର କୌଣସି କାରଣ ନାହିଁ । ବହୁ ବାଧା ବିଘ୍ନ ମଧ୍ୟରେ ମଧ୍ୟ ସେ ଯେ ଲେଖନୀ ଚାଳନା କରି ଲକ୍ଷ ଲକ୍ଷ ଉତ୍କଳ ଭାଷାଭାଷୀଙ୍କ ମନୋରଞ୍ଜନ କରିପାରିଛନ୍ତି ସେଥିପାଇଁ ସେ ପ୍ରଶଂସାର୍ହ ।

ଯୁଗେ ଯୁଗେ ଭକ୍ତର ଅନାବିଳ ଭକ୍ତି-ମନ୍ଦାକିନୀର ସ୍ରୋତ ପରମପିତା ବିଶ୍ୱନାଥଙ୍କ ମୂର୍ତ୍ତ ଉଦ୍ଦେଶ୍ୟରେ ପ୍ରବାହିତ ହୋଇଅଛି ।

Digitized by PPRACHIN, SOA

ସରସ୍ୱତୀ ତୀରର ଅର୍ଦ୍ଧସ୍ଫୁଟ ବେଦଗାନ ଗଗନ ପବନକୁ ଝଙ୍କୃତ କରି ସ୍ୱର ତୋଳିଥିଲା 'ତମସୋ ମାଂ ଜ୍ୟୋତିର୍ଗମୟ'। ପାଶ୍ଚାତ୍ୟ କବି ନିବେଦନ ଜଣାଇଥିଲା, ଚତୁର୍ଦ୍ଦିଗର ଅନ୍ଧକାର ମଧ୍ୟରେ ଆଲୋକକୁ ପରିଚାଳିତ କର (୭୬)। ଭାରତୀୟ ସଂସ୍କୃତିରେ କାଳ କାଳ ଧରି ଏହି ଭକ୍ତିବାଦ ଦେଖା ଦେଇ ଆସିଛି। ଭକ୍ତକବି ଦୀନକୃଷ୍ଣ, କୃଷ୍ଣଙ୍କ ଗୁଣକୁ କୀର୍ତ୍ତନ କରି ଆନନ୍ଦରେ ନର୍ତ୍ତନ କରିଛନ୍ତି (୭୭)। 'ଏ ଯୁଗରୁ ତାହ୍ନି' କରିବାକୁ ଭୀମଭୋଇ ଡାକ ଦେଇଛନ୍ତି (୭୮)। ସାଧୁସଙ୍ଗ ନ ପାଇ ନିରାଶ ହୋଇ ରାଧାଗୋବିନ୍ଦଙ୍କୁ ଧ୍ୟାନ କରିବାକୁ ରଙ୍ଗିମାଚରଣ ଯୁଗଳକୁ ଧ୍ୟାଉଛନ୍ତି କବି ଭକ୍ତଚରଣ (୭୯)। ଦେବଦୁର୍ଲଭ "କେଶ ଧରି ରଖ ନେଇ ଶ୍ରୀଚରଣ ତଳେ, ଅନାଥ ଦେବର ଫେଡ଼ ଦୁଃସହ ଅଜ୍ଞାଳେ" (୮୦) ବୋଲି ଜଗନ୍ନାଥଙ୍କ ଠାରେ ନିବେଦନ ଜଣାଇଛନ୍ତି। କୃଷ୍ଣଙ୍କ ଦର୍ଶନ କରି ତାହାଙ୍କ ସମ୍ମୁଖରେ ନୃତ୍ୟ କରିବାକୁ ରହିଛି ଗୌରଚରଣଙ୍କ କାମନା (୮୧)। ଶ୍ରୀକୃଷ୍ଣଙ୍କ ପାଇଁ ନିକୁଞ୍ଜକୁସୁମ ଶଯ୍ୟା ରଚନା କରିବାକୁ ଗୋପାଳକୃଷ୍ଣ ଆଶା କରିଛନ୍ତି (୮୨)। ପାଷାଣ୍ଡ ଜନକୁ ପ୍ରେମିକ

---

(୭୬) Lead kindly light amid the encircling gloom—Cardinal Newman.

(୭୭) ରସକଲ୍ଲୋଳ—ଦୀନକୃଷ୍ଣ।

(୭୮) ସ୍ତୁତି ଚିନ୍ତାମଣି—ଭୀମଭୋଇ।

(୭୯) ମଥୁରାମଙ୍ଗଳ—ଭକ୍ତଚରଣ।

(୮୦) ରହସ୍ୟ ମଞ୍ଜରୀ—ଦେବଦୁର୍ଲଭ ଦାସ।

(୮୧) ଗୌରଚରଣ ଗୀତାବଳୀ—ପୃ ୩୨।

(୮୨) ଶ୍ରୀ ରାଧାକୃଷ୍ଣ ପଦ୍ୟାବଳୀ—ପୃ ୨୦୦।

Digitized by PPRACHIN, SOA

ଭକ୍ତ କବି ପୁଣ୍ୟ ପାରାବାରରେ ମଗ୍ନ କରିବାକୁ ବ୍ରହ୍ମାଙ୍କ ନିକଟରେ ଅଭିଳାଷ ଘୋଷଣି କରିଛନ୍ତି ଭକ୍ତକବି ମଧୁସୂଦନ (୭୩)। ବିଶ୍ୱପିତାଙ୍କ ତାଙ୍କର ଚରଣତଳେ ମଥାନତ କରାଇ ସକଳ ଅହଙ୍କାରକୁ ଚକ୍ଷୁ ଜଳରେ ଧୋଇ ଦେବାକୁ ପ୍ରାର୍ଥନା କରିଛନ୍ତି ବିଶ୍ୱକବି ରବୀନ୍ଦ୍ରନାଥ (୭୪)। ମୈଥିଳୀ କବି ବିଦ୍ୟାପତି ଗାଇଛନ୍ତି —

"ମାଧବ ବହୁତ ମିନତି କରି ତୋୟ,
ଦେଇ ତୁଳସୀ ତିଲ ଦେହ ସମର୍ପିନୁ,
ଦୟା ଜାନି ଛୋଡ଼ବି ମୋୟ ।

ଗଣଇତେ ଦୋଷ ଗୁଣ-ଲେଶ ନା ପାଓବି
ଯବ୍ ତୁହୁଁ କରବି ବିଚାର,
ତୁହୁଁ ଜଗନ୍ନାଥ ଜଗତେ କହାୟସି
ଜଗ ବାହିର ନହି ମୁଞି ଛାର ।

କିୟେ ମାନୁଷ ପଶୁ, ପାଖୀ ଯେ ଜନମିୟେ
ଅଥବା କୀଟ, ପତଙ୍ଗେ,

କରମ ବିପାକେ, ଗତାଗତ ପୁନଃ ପୁନଃ
ମତି ରହୁ ତୁୟା ପରସଙ୍ଗେ ।

ଭଣୟେ ବିଦ୍ୟାପତି, ଅତିଶୟ କାତର,
ତରଇତେ ଇହ ଭବ-ସିନ୍ଧୁ,

---

(୭୩) ସଙ୍ଗୀତମାଳା—ମଧୁସୂଦନ ଗ୍ରନ୍ଥାବଳୀ ପୃ ୩୭ ।
(୭୪) ଗୀତାଞ୍ଜଳି—ରବୀନ୍ଦ୍ରନାଥ ।

Digitized by PPRACHIN, SOA

ତୁମ୍ଭ ପଦ ପଲ୍ଲବ, କରି ଅବଲମ୍ବନ,
ତଲ ଏକ ଦେହ ଦୀନ-ବନ୍ଧୁ ।"

(ବଙ୍ଗୀୟ ପଦାବଳୀ—ବିଦ୍ୟାପତି ପୃ ୨୨୦)

ଜଗତର ଲୋକଙ୍କୁ ତୁମେ ଜଗନ୍ନାଥ ଡାକିବାକୁ ଅନୁମତି ଦେଇଛ, ସ୍ଥିର ବା ଅଧମ ହେଲେ ବି ମୁଁ ଜଗତ ବାହାରର ନୁହେଁ । ମୁଁ ସାମାନ୍ୟ ହେଲେ ବି ମୋର ତୁମକୁ ଡାକିବାରେ ଅଧିକାର ଅଛି ।

କି ମନୁଷ୍ୟ, କି ପଶୁ ପକ୍ଷୀ, କି କୀଟ ପତଙ୍ଗ, ଯେଉଁଠି ଜନ୍ମଗ୍ରହଣ କରନ୍ତୁ ନା କାହିଁକି, କର୍ମ ବିପାକରେ ପୁନଃ ପୁନଃ ଗମନାଗମନ ହେଲେ ଯେପରି ତୁମ ପ୍ରସଙ୍ଗରେ ମନ ଥାଏ । ଦୀନବନ୍ଧୁ, ତୁମ ପଦପଲ୍ଲବ ଅବଲମ୍ବନ କରୁଛି, ମୋତେ ତଳେ ହେଲେ ସ୍ଥାନ ଦିଅ ।

ଭକ୍ତକବି ତୁଳସୀ ଦାସ ଗାଇଛନ୍ତି—

'ମୈଁ ହରି, ପତିତ-ପାବନ ସୁନେ,
ମୈଁ ପତିତ, ତୁମ୍ ପତିତ-ପାବନ, ଦୋଉ
ବାନକ ବନେ ।

ବ୍ୟାଧ ଗନିକା ଗଜ ଅଜାମିଲ, ସାଖି ନିଗମନି ଭନେ,
ଔର ଅଧମ ଅନେକ ତାରେ, ଜାତ କାପେ ଗନେ ।
ଜାନି ନାମ ଅଜାନି ଲୀନ୍ହେଁ, ନରକ ଯମପୁର ମନେ,
ଦାସ ତୁଳସୀ ସରନ ଆୟୋ ରାଖିୟେ ଅପନେ ।"

କେତେ କେତେ ଅଧମଙ୍କୁ ତାରିଲ, ତୁଳସୀ ଦାସଙ୍କୁ କଣ ଶରଣ ଦେବ ନାହିଁ ? ଭକ୍ତ ସୁରଦାସ କହୁଛନ୍ତି—

"ପତିତ ପାବନ ହରି ବିରଦ ତୁମ୍ହାରୋ
କୌନେ ନାମ ଧରଯୋ,
ହୌଁ ତୋ ଦୀନ-ଦୁଃଖିତ ଅତି ଦୁର୍ବଲ ଦ୍ୱାରେ
ରଟତ ପରଯୋ ।
ଚାରି ପଦାରଥ ଦୟେ ସୁଦାମହୁ ତଂଦୁଲ
ଭେଁଟ ଧରିଯୋ,
ଦ୍ରୁପଦ ସୁତାକୀ ତୁମ ପତ ରାଖୀ ଅମ୍ବର
ଦାନ କରଯୋ ।
ସାନ୍ଦୀପନ-ସୁତ ତୁମ ପ୍ରଭୁ ଦୀନେ
ବିଦ୍ୟା ପାଠ କରଯୋ,
ସୁରକୀ ବିରିୟାଁ ନିଠୁର ଭୟେ ପ୍ରଭୁ ମୋତେଁ
କଛୁ ନ ସରଯୋ ।"

ଏତେ ଲୋକଙ୍କୁ ସାହାଯ୍ୟ କଲ, ଆଉ ମୋ ବେଳକୁ ନିଷ୍ଠୁର ହୁଅନା, ମୋତେ ପାଖରୁ ଅନ୍ତର କରନା ।
ଭକ୍ତ କବୀର ଗାଉଛନ୍ତି—

"ହମ ତୋ ତୁମସି ଦାସୀ ସଜନା,
ତୁମ ହମରେ ଭରତାର,
ଦୀନ ଦୟାଲ ଦୟା କର ଅବୋ,
ସମରଥ ସିରଜନହାର ।

Digitized by PPRACHIN, SOA

କେ କି ହମ ପ୍ରାନ ଭଜତ ହେଁ ପ୍ୟାରେ,
କେ କି ଅପନୀ କରଲେବ,
ଦାସ କବୀର ବରହ୍ନ ଅତ ବାଢ଼ୟୋ,
ହମଦେ। ଦରସନ ଦେବ ।"

ସେହି ଦୀନଦୟାଳୁ ଦୀନବନ୍ଧୁଙ୍କର ଦର୍ଶନ ପାଇଲେ ତୃପ୍ତ ହେବେ ।

କିନ୍ତୁ ଗଙ୍ଗାଧର ବିଶ୍ୱଜୀବନଙ୍କୁ କରୁଣାସିନ୍ଧୁ ବୋଲିବାକୁ ମନ କରନାହାନ୍ତି । ତାହାଙ୍କ ଭଜନରେ ସେ ମାଲା ଜପିବାକୁ ବାଧ୍ୟ ହେବେ ନାହିଁ । କାରଣ ତାହାଙ୍କ ବଳ ବିନା ସେ ମୁଣ୍ଡରେ ପଦଧୂଳି ମଧ୍ୟ ଦେଇପାରିବେ ନାହିଁ । ସେ ଯାହା କରୁଛନ୍ତି, ଯାହା ଦେଖୁଛନ୍ତି, ଯାହା ଚିନ୍ତା କରୁଛନ୍ତି, ସବୁତ ତାଙ୍କର ଦାନ । ତେଣୁ ତାଙ୍କ ପାଖରେ ଯାହା ଅଛି ସେ ସବୁ ତ ତାଙ୍କର ପ୍ରସାଦ । ତାଙ୍କୁ ପୁଣି ତାହା ନିବେଦନ କଲେ କବିଙ୍କର ଅପରାଧ ହେବ । ସେଥିପାଇଁ ସେ ପ୍ରାର୍ଥନା କରିଛନ୍ତି—

"ମୁଁ ଭାର ମାତର ମୋର ନୁହେଁ ବୋଲି
କହିବାକୁ ନାହିଁ ବାଟ,
ତୁହି ଶ୍ରୀଚରଣେ ଅର୍ପଣ କରୁଛି
ଦେଇନକୁ ବିଶ୍ୱ ସମ୍ରାଟ ।" (୭୫)

ତେଣୁ ସେ 'ମୁଁ' ତ୍ୱ ବା ଅହଙ୍କାର ପରିହାର କରି ନିଜର ବୈଶିଷ୍ଟ୍ୟ ପ୍ରତିପାଦନ କରିଅଛନ୍ତି ।

---

(୭୫) ଭକ୍ତ—ଅର୍ଘ୍ୟଥାଳୀ ।

Digitized by PPRACHIN, SOA

'ଅହଲ୍ୟା ସ୍ତବ'ରେ ମଧ୍ୟ ଭକ୍ତିବାଦର ତେଜ ଖେଳି ଯାଇଛି ।

ମାଡବାଡ଼ୀ କବି ହାତରେ ଧରିଛନ୍ତି ମାଡର ନିକିତି । ସେ ପରସ୍ୱାପହରଣ ବ୍ୟସ୍ତମନାଙ୍କୁ ଦେଖି କରିଛନ୍ତି ଖେଦ ପ୍ରକାଶ । ସେ ଲକ୍ଷ ଲକ୍ଷ ଲୋକଙ୍କର ଭାର ବହନ କରି ସେମାନଙ୍କ ରକ୍ତ ଶୋଷି ଧନ କମାଅନ୍ତି । ତାକୁ ପୁଣି ନେଇ ବାରନାରୀର ପଦପାର୍ଶ୍ୱେ ସମର୍ପଣ କରିଦିଅନ୍ତି । ତାଙ୍କର ବିତ୍ତର ଧନରେ କଣା ଯାଏ । ସେମାନେ ସୁନା ରୂପାର କରି ତମ୍ବା ଦାନକରନ୍ତି । ନିଜର ଦୋଷ ଢାଙ୍କିବାକୁ ନାନା ଉପହାର ଦେଇଥାନ୍ତି । ଭ୍ରମଣ ଖର୍ଚ୍ଚପାଇଁ ଭତ୍ତା ନେଇ ଦରିଦ୍ରଙ୍କ ମଥା ନମାଞ୍ଚି ଖାଆନ୍ତି । ସମତାର ଅପବ୍ୟବହାର କରନ୍ତି । କେବଳ ସେତିକି ନୁହେଁ,

"ବହିର୍ଗତ ହୋଇଥାଏ ଘରୁ ଶୂନ୍ୟ କରେ,
ଶଗଡ଼ ଶଗଡ଼ ଦ୍ରବ୍ୟ ଆଣି ଘରେ ଭରେ ।
ସେହି ଦ୍ରବ୍ୟମାନ ପୁଣି ଦେଖାଏ ବଜାର,
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।" (୭୭)

"ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର" ପଦର ଅବୃତ୍ତି ଚିନ୍ତାମଣି ମହାନ୍ତିଙ୍କ "କିଏ ତୁମେ ଚିହ୍ନିଛ କି ଅପଣାକୁ ଅପେ"ର ଅବୃତ୍ତି ସ୍ମରଣ କରାଇଦିଏ । ଏଥିରେ 'ଦରବାର'ର ଛାୟାପାତ ହୋଇଥିବା ବୋଧହୁଏ ।

ଜ୍ୟୋଂସ୍ନାଜାତ କନିଷ୍ଠ ଉପରେ କପଟ ଅତ୍ୟାଚାର କରୁଛି, ତାହା ଦେଖି କବି ବିଚଳିତ ହୋଇଛନ୍ତି । ସେ ଈଶ୍ୱରଙ୍କୁ

(୭୭) ଅର୍ଘ୍ୟଥାଳୀ

Digitized by PPRACHIN, SOA

ହେସ୍ତୁ ଜ୍ଞାନ କରି ଧରିବାକୁ ସଦା ମନେ କରୁଅଛନ୍ତି । କନିଷ୍ଠର ପତନରେ ତାହାକୁ ଘୃଣାରେ ସ୍ପର୍ଶ କରୁନାହିଁ । ତେଣୁ ତାର ଜ୍ୟେଷ୍ଠତା ଗୌରବ ହରାଇ କନିଷ୍ଠର ଧର୍ମବଳ ହେତୁରୁ ପରାଭବ ପାଏ । ସେ ଉଦାହରଣ ଦେଇ କହିଛନ୍ତି—

"ଏହିରୂପେ ପୂର୍ବଦେବ ପୁଣ୍ୟଜନମାନେ,
ଅପଧର୍ମେ ଘୃଣ୍ୟ ହେଲେ ରାକ୍ଷସାଭିଧାନେ ।" (୭୭)

ପରଶୁରାମ ଜାତିର ନୈତିକ ଅଧଃପତନରେ ଦୁଃଖିତ ହୋଇ 'କର୍ମଗୁଣ'ର ପ୍ରଶଂସା କରିଛନ୍ତି ଏବଂ ଦୟା, କ୍ଷମା, ସରଳତା, ଉଦାରତା, ସୁଶୀଳତା, ବିନୟ, ସତ୍ୟତା ଆଦି ଗୁଣରେ ବିଭୂଷିତ ହେବାକୁ 'ବିଦୁର ପ୍ରଜାଗର'ରେ କରିଛନ୍ତି ନିବେଦନ । 'ବିଦୁର ପ୍ରଜାଗର', ମହାଭାରତ 'ଉଦ୍ୟୋଗ ପର୍ବ'ର ଏକ ଉପାଖ୍ୟାନ ଉପରେ ପ୍ରତିଷ୍ଠିତ ହୋଇଥିଲେହେଁ ଏହାର ଉପସ୍ଥାପନରେ କବିଙ୍କ କୃତିତ୍ୱ ସୁସ୍ପଷ୍ଟ । 'ମହିମା'ରେ ମଧ୍ୟ ଏହି ନୀତିବାଦ ପ୍ରକାଶିତ । କବିବର ରାଧାନାଥ ଗଙ୍ଗାଧରଙ୍କୁ ୧୭।୧୧।୧୮୯୭ର ପତ୍ରରେ ଲେଖିଥିଲେ, "ମହିମା କ୍ଷୁଦ୍ର ପୁସ୍ତିକା ସତ୍ୟ ମାତ୍ର ଉତ୍କଳ ଭାଷାରେ ଏପରି ଅଳଙ୍କାର ଅଧିକ ନାହିଁ । ସୁତରାଂ ଅନାଦରର ପାତ୍ର ନୁହେଁ ।" (୭୮)

ମୃତ୍ୟୁର କରାଳଛାୟା ଅକସ୍ମାତରେ ଯେ ଦିନେ ଅକସ୍ମିକ ଭାବରେ ଆକ୍ରମଣ କରିବ, ସେ ବିଷୟରେ ବହୁପୂର୍ବରୁ ସଚେତନ ଅଛନ୍ତି କବି । ସେ ରବିଙ୍କୁ ରୂପକ କରି ଦେଖାଇଛନ୍ତି—

(୭୭) ଜ୍ୟେଷ୍ଠ ଜାତିର ଅପକର୍ମର ପରିଣାମ—ଅର୍ଘ୍ୟଥାଳୀ
(୭୮) କବିଲିପି ପୃ:୮୯

Digitized by PPRACHIN, SOA

"ଶିଶୁ ଥିଲେ ଧନଙ୍କର ଯୁବାହେଲେ କ୍ରମେ,
ବୃଦ୍ଧ ହେବ ବୋଲି ମନେ ଥିଲା ନାହିଁ ଭ୍ରମେ,
ଜରା ଅକ୍ରମଣେ ତାଙ୍କ ତେଜ ହେଲା କ୍ଷୟ,
ଚରମ ଦଶାରେ ତନୁ ପ୍ରାପ୍ତ ହେଲା ଲୟ ।"

ପ୍ରଭାତରୁ ପ୍ରଦୋଷ ମଧ୍ୟରେ ରବିଙ୍କର ଅବିର୍ଭାବ ହୋଇ କ୍ରମେ ବୃଦ୍ଧିପାଇ ଶେଷରେ ତିରୋଧାନ ହେଉଅଛି । ମାତ୍ର ଏହା ଲୋକ ଲୋଚନକୁ ଦେଖାଗଲେହେଁ ପ୍ରକୃତରେ ରବିଙ୍କର ଉଦୟ ବା ଅସ୍ତ ନାହିଁ ।

"ପ୍ରଥମେ ପଡ଼ିଲେ ନେତ୍ରେ ବୋଲୁ ତା ଉଦୟ,
ଚକ୍ଷୁରନ୍ତରାଳ ହୋଇଲେ କହୁଥାଉଁ ଲୟ ।" (୭୯)

ସେ ରବି ଅନନ୍ତ କାଳର ଜ୍ୟୋତି । ସେ ଶିଶୁ, ଯୁବା ଅଥବା ସ୍ଥବିର ହୁଅନ୍ତିନାହିଁ । ଆଜି ଯିଏ ଅସ୍ତ ହେଉଛନ୍ତି, ସିଏ ପୁଣି କାଲିକି ଉଦିତ ହେବେ । କେବଳ ବ୍ରହ୍ମହିଁ ଏହିଭାବରେ ଉପମିତ । ବ୍ରହ୍ମ ପ୍ରକାଶିତ ହେଲେ ପ୍ରାଣ ବଢ଼ିଥାଏ । ସେହି ବ୍ରହ୍ମଙ୍କ ଅନ୍ତର୍ଦ୍ଧାନରେ ପ୍ରାଣ ଚାଲିଯାଏ ।

ପୁଣି ସେ ବ୍ରହ୍ମ ମଧ୍ୟ ପରମ ବ୍ରହ୍ମଙ୍କର ଅଂଶବିଶେଷ । ସେହି ବ୍ରହ୍ମରେ ଲୀନ ହେଲେ ପ୍ରାଣ ଦୁଃଖହୀନ ହୁଏ । ସେଇଥିପାଇଁ ଭକ୍ତକବି ଆହ୍ୱାନ କରନ୍ତି—

"ହୁଅ ମନ ସେ ପରମ ବ୍ରହ୍ମରେ ତନ୍ମୟ,
ତୋ ପକ୍ଷେ ଜଗତ ହେବ ସୁଖର ଆଳୟ ।"

---

(୭୯) ବସନ୍ତବାସର—କବିତାକଲ୍ଲୋଳ

Digitized by PPRACHIN, SOA

କୋଟି କୋଟି ସୂର୍ଯ୍ୟ ମଧ୍ୟ ଯାହାର କର କ୍ରୀଡ଼ନକ, ଜ୍ଞାନୀ ତାଙ୍କୁ ପ୍ରେମ ହେତୁ ହୃଦପଦକ କରିଥାଏ । ସେ ଶାନ୍ତି ଦାନକରି ହୃଦତାପ ହରଣକରନ୍ତି ।

'ତୈତେରିୟୋପନିଷଦ୍'ରେ କୁହାଯାଇଛି—

> "ଭୀଷାଽସ୍ମାଦ୍ବାତଃ ପବତେ । ଭୀଷୋଦେତି ସୂର୍ଯ୍ୟଃ ।
> ଭୀଷାଽସ୍ମାଦଗ୍ନିଶ୍ଚେନ୍ଦ୍ରଶ୍ଚ । ମୃତ୍ୟୁର୍ଧାବତି ପଞ୍ଚମ"

ସେହି ବ୍ରହ୍ମର ଭୟରେ ବାୟୁ, ସୂର୍ଯ୍ୟ ଚନ୍ଦ୍ର ଓ ମୃତ୍ୟୁ ନିଜ ନିଜ କାର୍ଯ୍ୟରେ ପ୍ରବୃତ୍ତ ହୁଅନ୍ତି ।

ତାଙ୍କୁ ଭୟ କରି ଶୋକ ମୋହ ଆଦି ପାଖରେ ରହିପାରନ୍ତି ନାହିଁ । ସେହି ଏକା ଜୀବନର ଅଜନ୍ମ ବାନ୍ଧବ । ତାଙ୍କଯୋଗୁଁ ଜଗତରେ ସମସ୍ତ ବାନ୍ଧବ ସିନା । ସେ ଜୀବ ପଛରେ ଶୟନ ଜାଗରଣରେ ଜଗି ରହୁଥାନ୍ତି । ତା'ର ଶତ ଶତ ଅପରାଧ ଥିବା ସତ୍ତ୍ୱେ ସେ କ୍ଷମାକରି ଭୁଲିଥାନ୍ତି । ତାଙ୍କର ଏପରି ବ୍ୟବହାର କେବଳ ଜଣକ ପାଇଁ ନୁହେଁ ସମସ୍ତଙ୍କ ପାଇଁ । ସେ ହିଁ ଋତୁଚକ୍ରର ସ୍ରଷ୍ଟା ।ନୈସର୍ଗିକ ପ୍ରକୃତି ମଧ୍ୟ ତାହାଙ୍କ ମହିମା ଗାନରେ ଉନ୍ମତ୍ତ । ତେଣୁ ମନକୁ କବିଙ୍କ ନିବେଦନ—

> "କରି ମହାମହିମଙ୍କ ମହିମା ସ୍ମରଣ,
> ନିଅ ସେ ମଙ୍ଗଳମୟ ଚରଣେ ଶରଣ ।" (୮୦)

କବି ଗଙ୍ଗାଧର ସାଧାରଣତଃ ସଂସ୍କୃତ ଓ ହିନ୍ଦୀରୁ ଅନୁବାଦ କରି ଅଛନ୍ତି । ତୁଳସୀଦାସଙ୍କ 'ରାମ ଚରିତ ମାନସ' ବା 'ତୁଳସୀ

---

(୮୦) ବସନ୍ତବାସର—କବିତାକଲ୍ଲୋଳ

Digitized by PPRACHIN, SOA

ରାମାୟଣ'କୁ ସେ ଅନୁବାଦ କରିବାକୁ ଆରମ୍ଭ କରିଛନ୍ତି । ଅନୁଦିତ ଅଂଶ ସହିତ ମୂଳ ଶ୍ଳୋକ ପାଠକଲେ ତାହା ଅଧିକ ଭାବରେ ସ୍ପଷ୍ଟ ହେବ ।

'ତୁଳସୀ ରାମାୟଣ' ବାଲକାଣ୍ଡରେ ଅଛି,

"ବର୍ଣ୍ଣାନାମର୍ଥସଂଘାନାଂ ରସାନାଂ ଛନ୍ଦସାମପି,
ମଙ୍ଗଳାନାଂ ଚ କର୍ତ୍ତାରୌ ବନ୍ଦେ ବାଣୀ ବିନାୟକୌ ।"

"ଇଚନ୍ତି ଯେ ନାନା ଅର୍ଥ ବର୍ଣ୍ଣ ସମୂହର
ନବରସ ସବୁ ଛନ୍ଦ ଯାର ପରିଚର ।
ମଙ୍ଗଳଦାୟିନୀ, ପୁଣି ମଙ୍ଗଳ ଦାୟକ,
ପ୍ରଥମେ ବନ୍ଦଇ ସେହି ବାଣୀ ବିନାୟକ ।"

ଏହିପରି ମଙ୍ଗଳାଚରଣ ପରେ ହିନ୍ଦୀ ପଦ୍ୟାର ମାନଙ୍କର ମଧ୍ୟ ସୁନ୍ଦର ଅନୁବାଦ କରିଛନ୍ତି ।

"ଜୋ ସୁମିରତ ସିଧିହୋଇ ଗନନାୟକ କରିବର ବଦନ,
କରଉ ଅନୁଗ୍ରହ ସୋଇ ବୁଦ୍ଧି ରାସି ସୁଭ ଗୁନ ସଦନ ।

ମୁକ ହୋଇ ବାଚ୍ଚାଲ ପଂଗୁ ଚଢଇ ଗିରିବର ଗହନ,
ଜାସୁ କୃପାଁ ସୋ ଦୟାଲ ଦ୍ରବଉ ସକଲ କଲିମଲ ଦହନ ।
ନୀଲ ସରୋରୁହ ସ୍ୟାମ ତରୁନ ଅରୁନ ବାରିଜ ନୟନ,
କରଉ ସୋ ମମ ଉର ଧାମ ସଦା ଛୀର ସାଗର ସୟନ ।"
(୮୧)

(୮୧) ରାମଚରିତ ମାନସ

Digitized by PPRACHIN, SOA

ଏହାର ଅନୁବାଦ କରି କବି ଲେଖିଛନ୍ତି—

'ଜୟ ବିନାୟକ ଗଜେନ୍ଦ୍ର ବଦନ ବୁଦ୍ଧି ରାଶିର ଆଳୟ,
ସିଦ୍ଧି ବିଧାୟକ ସୁଗୁଣ ସଦନ ଦୟାକର ଦୟାମୟ ।
ମୂକହିଁ ବକତା ପଙ୍ଗୁହିଁ ପାରଇ ଲଙ୍ଘି ପର୍ବତ ଗହନ,
କରୁଣାରେ ଯାର କରନ୍ତୁ କରୁଣା ସେ କଳିମଳ ଦହନ ।
ତରୁଣ ଅରୁଣ ବାରିଜ ନୟନ ନୀଳ ସରୋରୁହ ଶ୍ୟାମ,
ଦୀନବନ୍ଧୁ କ୍ଷୀର ସାଗର ଶୟନ କର ମୋ ହୃଦୟ ଧାମ ।"
(୮୨)

ଅନୁବାଦରେ ମୂଳଲେଖାର ସ୍ୱାଦ ପାଇବାକୁ ଆଶାକରାଯାଇ ନ ପାରେ । ତଥାପି ଗଙ୍ଗାଧର ମୂଳଲେଖା ସହିତ ସାମଞ୍ଜସ୍ୟ ରକ୍ଷା କରିବାକୁ ଯଥାସମ୍ଭବ ଚେଷ୍ଟା କରିଛନ୍ତି । ଅନୁବାଦ ମଧ୍ୟ ଅସମ୍ପୂର୍ଣ୍ଣ ରହିଯାଇଛି ।

ସମ୍ବଲପୁର ଜିଲ୍ଲାରେ ଚଳୁଥିବା ପାଠ୍ୟ ପୁସ୍ତକ ମାନଙ୍କରେ ଦେବାପାଇଁ ବହୁ କବିତା ହିନ୍ଦୀରୁ ଅନୁବାଦ କରିଥିଲେ । 'ମାରୀଚ ବଧ' ତନ୍ମଧ୍ୟରୁ ଅନ୍ୟତମ ।

"କୃପାକରି ମୋତେ ସତ୍ୱର ଏହି ମୃଗଟି ମାର,
ମନୋହର ଚର୍ମ ଚଣ୍ଡିକ ଆଣ କୋଦଣ୍ଡଧାର ।
ତାହା ଶୁଣି ରଘୁନନ୍ଦନ ଗୁହିଁ ଲକ୍ଷ୍ମଣ ପ୍ରତି,
ବୋଇଲେ ହେ ଭାଇ ଥିବଟି ରହି ଜାନକୀ ଛତି ।

(୮୨) ତୁଳସୀ ରାମାୟଣର କିୟଦଂଶ ।

Digitized by PPRACHIN, SOA

ମୃଗବଧ କରି ଯାବତ ମୁହିଁ ଅସିବ ନାହିଁ,
ଜାନକୀଙ୍କି ଯାଉ ତାବତ ଛୁଟେ ନ ଯିବ କାହିଁ ।"

'ଏଥିରେ ବ୍ୟବହୃତ 'କୃପାକର ମୋତେ' 'ଥିବଟି ଭଦ୍ର ଜାନକୀ ତଳ', 'ଯାବତ ମୁହିଁ ଅସିବ ନାହିଁ', 'ତାବତ' ପ୍ରଭୃତିରୁ ଯେଉଁସବୁ ଅର୍ଥ ଓ ଭାବ ଜଣାଯାଉ ଥିଲେହେଁ ତହିଁରେ ପଦର ଲାଳିତ୍ୟ ରକ୍ଷିତ ହୋଇ ପାରିନାହିଁ ।

ଗଙ୍ଗାଧର ଇଂରାଜୀ ଭାଷାରେ କୌଣସି ସାର୍ଟିଫିକେଟ ହାସଲ କରି ନ ଥିଲେ ବୋଲି ସେ ଯେ ଆଦୌ ଇଂରାଜୀ ଜାଣି ନ ଥିଲେ ତାହା ନୁହେଁ । କାରଣ 'ନୃପରାଜସିଂହ' ପ୍ରବନ୍ଧରେ ସେ ତଦାନୀନ୍ତନ ଡେପୁଟି କମିଶନର ମିଃ ରଜର୍ସ ସାହେବଙ୍କର କମିଶନରଙ୍କୁ ପ୍ରଦତ୍ତ ୨୩।୫।୧୯୦୧ର ପତ୍ରର ଅନୁବାଦ କରିଛନ୍ତି । ସେ ଅନୁବାଦ ମଧ୍ୟ ମୌଳିକ ଗଦ୍ୟଲେଖା ପରି ମନେହୁଏ ।

'ପ୍ରଣୟବଲ୍ଲରୀ' ଭୂମିକାରେ ଗେଟେଙ୍କ ଉକ୍ତିର ଉଦ୍ଧାର ଓ 'ଉତ୍କଳଲକ୍ଷ୍ମୀ'ରେ 'ସମ୍ବଲପୁର ଗେଜେଟିଅର' ଓ 'ଗଡ଼ଜାତ ଗେଜେଟିଅର' ଆଦିର ବ୍ୟବହାର କରିଥିବାରୁ ଜଣାଯାଏ ସେ ଇଂରାଜୀ ଭାଷା ଉତ୍ତମରୂପେ ନହେଲେ ମଧ୍ୟ, ଜାଣିଥିଲେ । ମାତ୍ର ସେ ତହିଁରୁ ଭାବ ଗ୍ରହଣ କରି ପ୍ରୟୋଗ କରିବା ଜଣାଯାଏ ନାହିଁ ।

ଆଜିକାଲି 'ଷ୍ଟାଣ୍ଡାର୍ଡ ଓଡ଼ିଆ ଭାଷା' ବା ଓଡ଼ିଶାର ସବୁ ଅଞ୍ଚଳର ଲୋକେ ବୁଝିପାରିବା ଭଳି ଭାଷା ପ୍ରଚଳନ କରିବାପାଇଁ ଆନ୍ଦୋଳନ ହେଉଛି । ସମ୍ବଲପୁର ଲୋକେ ସମ୍ବଲପୁରୀ, କଟକ ଅଞ୍ଚଳରେ କଟକୀ, ବାଲେଶ୍ୱରରେ ବାଲେଶ୍ୱରୀ, ଦକ୍ଷିଣ ଓଡ଼ିଶାରେ ଗଞ୍ଜାମୀ ଆଦି ଭାଷାକୁ ସାର୍ବଜନୀନ କରିବା ପାଇଁ ତତ୍‌ତତ୍ୟ ଲୋକେ ମତ ବ୍ୟକ୍ତ କରୁଛନ୍ତି । ମାତ୍ର ଗଙ୍ଗାଧର ଏସବୁ କନ୍ଦଳ ମଧ୍ୟରେ

Digitized by PPRACHIN, SOA

ପ୍ରବେଶ କରିବାକୁ ଦିଅନ୍ତି ନାହାନ୍ତି । ସେ ଯେଉଁ ଭାଷାରେ ବା ଯେଉଁ ସବୁ ଶବ୍ଦ ପ୍ରୟୋଗ କରି ଲେଖି ଯାଇଛନ୍ତି, ତାହା ତ ସବୁ ଅଞ୍ଚଳରେ ସୁବୋଧ ହେଉଅଛି, ତେଣୁ ଗଙ୍ଗାଧର ଦୂରଦୃଷ୍ଟିର ପରିଚୟ ଦେଇଛନ୍ତି । ପୁଣି 'ଲିପିସଂସ୍କାର' ଆନ୍ଦୋଳନ ସମୟରେ 'ଉତ୍କଳ ଭାରତୀଙ୍କ ଉକ୍ତି'ର ରୂପ ଦେଇଛନ୍ତି,

"ଛନ୍ଦ ବାବୁ ମୋର କୋମଳ ବସନ
ଅଙ୍ଗକୁ ଯହିଁରେ ନ ହେବ ପୀଡ଼ା,
ଦେବ ହେଲେ ଦିଅ ଏକାନ୍ତ ଭୂଷଣ
ଯାହା ଦେଇ ମୋର ନ ହେବ ବ୍ରୀଡ଼ା ।"

ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଯେଉଁମାନେ ଲେଖନୀ ଚାଳନା କରୁଥିଲେ ସେହି ସମସାମୟିକ ଲେଖକମାନଙ୍କ ଗଦ୍ୟରଚନା ଶୈଳୀଠାରୁ ଗଙ୍ଗାଧରଙ୍କ ଗଦ୍ୟ ଲେଖାର ଶୈଳୀ ଭିନ୍ନ । ତାହାଙ୍କ ଗଦ୍ୟରଚନା ରାଧାନାଥଙ୍କ ପରି ପଦ୍ୟ ଭାରାକ୍ରାନ୍ତ ବା ମଧୁସୂଦନଙ୍କ ପରି ସଂସ୍କୃତ ବହୁଳ ନୁହେଁ । ପୁସ୍ତକମାନଙ୍କର ଭୂମିକା, ଉତ୍ସର୍ଗ, ଆତ୍ମ-ଜୀବନୀ, ନୃପରାଜ ସିଂହ, ପୁରାଣ କବି ଫକୀରମୋହନ, ସ୍ୱର୍ଗୀୟ କାଶୀନାଥ ପଣ୍ଡା, ଏହି କ ପୃଥିବୀର ଶବ୍ଦ, ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ ଆଦି ସେ ଗଦ୍ୟରେ ଲେଖିଛନ୍ତି । ଜମିଦାରୀ ସିରସ୍ତାରେ କାର୍ଯ୍ୟ କରୁଥିଲେ ହେଁ ଏ ଗ୍ରନ୍ଥକର ଭାଷା ତଦ୍ଦ୍ୱାରା ପ୍ରଭାବିତ ହୋଇନାହିଁ । ତାଙ୍କର ଶୈଳୀ ଅଧୁନିକ ଗଦ୍ୟଶୈଳୀଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ; ଭାଷା ପ୍ରାଞ୍ଜଳ ଓ ମାର୍ଜିତ । 'ପୁରାଣ କବି ଫକୀରମୋହନ', ଆଶା ଓ ନିରାଶାର କଥୋପକଥନ ଛଳରେ ଲିଖିତ ଏକ ଅଭିନବ ଧାରା । 'ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ'ରେ ସେ ମାନବ

Digitized by PPRACHIN, SOA

ଚରିତ୍ରର ବିଶ୍ଳେଷଣ କରି ଦେଖାଇଛନ୍ତି । "ନିଶୀଥ ସମୟରେ ଯେ ଏକ ନିରବଚ୍ଛିନ୍ନ ସାଇଁ ସାଇଁ ଶବ୍ଦ" ଶୁଣାଯାଏ, "ଏହା କି ପୃଥିବୀର ଶବ୍ଦ" ବୋଲି ପ୍ରଶ୍ନ କରିଛନ୍ତି ।

ତତ୍ତ୍ୱ ଗଙ୍ଗାଧରଙ୍କର ବ୍ୟାକରଣରେ ଉତ୍ତମ ଜ୍ଞାନ ଥିଲା । ଏପରି କି ତତ୍କାଳୀନ ଶିକ୍ଷା ବିଭାଗର ସଚିବାଳ କର୍ତ୍ତା ରାଧାନାଥ ତାହାଙ୍କ 'ବ୍ୟାକରଣ ପ୍ରବେଶ' ଲେଖି ତା' ଉପରେ ମେହେରଙ୍କ ମତ ଲୋଡ଼ିଛନ୍ତି । ରାଧାନାଥ ଏଥିପାଇଁ ତା ୬।୬।୧୮୯୯ ରିଖର ପତ୍ରରେ ଲେଖିଛନ୍ତି, "ଆପଣଙ୍କଠାରୁ ମୁଁ ପୁସ୍ତକ ସମ୍ବନ୍ଧରେ ମୂଲ୍ୟବାନ୍ ଉପଦେଶ ପ୍ରତ୍ୟାଶା କରେ । ବ୍ୟାକରଣ ଶାସ୍ତ୍ରରେ ଆପଣ ସମ୍ୟକ୍‌ବ୍ୟୁତ୍ପନ୍ନ । ମୁଁ ଯେଉଁ ପ୍ରଣାଳୀ ଅବଲମ୍ବନ କରି ପୁସ୍ତକ ଲେଖିଅଛି ସେ ସମ୍ବନ୍ଧରେ ଆପଣଙ୍କ ମତ ବିସ୍ତୃତଭାବରେ ଲେଖିଲେ ଉପକୃତ ହେବି । ମୋହୋର ନିତାନ୍ତ ପ୍ରାର୍ଥନା ଆପଣ ନିଃସଙ୍କୋଚରେ ସମସ୍ତ ଦୋଷ ଦେଖାଇବା ହେବେ । ତାହାହେଲେ ମୁଁ ଆଗାମୀ ସଂସ୍କରଣରେ ସତର୍କ ହୋଇ ପାରିବି ।

(କବିଲିପି ପୃ ୮୭)

ପୁଣି ତା ୧୪।୬।୯୯ ରିଖ ପତ୍ରରେ ଲେଖିଛନ୍ତି, "ଆପଣଙ୍କୁ ପ୍ରାର୍ଥନା ଆପଣ ମନୋଯୋଗପୂର୍ବକ ଆମୂଳଚୂଳ ଅଧ୍ୟୟନ କରି ଭୁଲଗୁଡ଼ିକ ମୋତେ ଦେଖାଇବା ହେବେ ।"

(କବିଲିପି—ପୃ ୮୮)

କୃଷି ଓ କୃଷକର ଉନ୍ନତ ବିଧାନ ଆଶାରେ ସେ ରଚନା କରିଛନ୍ତି, 'କୃଷକ ସଙ୍ଗୀତ', 'ଅନ୍ନର ମହିମା', 'କୃଷିର ଗୌରବ', 'କୃଷକର ଆତ୍ମକଥା', 'ଆଖୁକ୍ଷେତ', 'ଭୂମି ବିଭାଗ', 'ଧାନକ୍ଷେତ', 'ଚଣା', 'ମୁଗଫଳୀ', 'ଓଲ', 'ମକା', 'ଦେବଧାନ୍ୟ', 'ହରିଣ ଗହମ', 'କନ୍ଦମୂଳ', 'ପିଅଜ', 'ବାଇଗଣ', 'କପା', 'ଲଙ୍କାମରିଚ',

Digitized by PPRACHIN, SOA

'ଅଳ୍ପ', 'ଦୋଳ', 'ପଠଶାଳ', 'କଦାଳୀ', 'ଧନ୍ୟ' ଆଦ ପ୍ରଭୃତଙ୍କ ବିଷୟରେ କବିତା ରଚନା କରି କୃଷକଙ୍କୁ ଉତ୍ସାହିତ କରିବାପାଇଁ ବ୍ରହ୍ମାଙ୍କର 'ଧାନ ବାହୁଡ଼ା' ଦୃଷ୍ଟାନ୍ତ ସ୍ୱରୂପ ଉପସ୍ଥାପିତ କରିଛନ୍ତି। ଗୋସମ୍ପଦର ଅଭିବୃଦ୍ଧି ନିମନ୍ତେ ଗୋଧନଙ୍କୁ ସଂହାର କରି ନଷ୍ଟ ନ କରିବାକୁ 'ଗୋ ବିଳାପ' କବିତାରେ ନିବେଦନ କରିଛନ୍ତି।

ପାଶ୍ଚାତ୍ୟ ଶିକ୍ଷାର ପ୍ରବର୍ତ୍ତନ ପରେ ଉତ୍କଳ ଭାଷା ତତ୍କାଳୀନ ଲେଖକ ଓ କବିଙ୍କ ଦ୍ୱାରା ସଂସ୍କୃତମୁଖୀ ହୋଇ ପଡ଼ିଲା ଅର୍ଥାତ୍ ଓଡ଼ିଆ ଭାଷାର ସହଜଭାବ ପ୍ରତି ସେମାନେ ଦୃଷ୍ଟି ପ୍ରଦାନ କରି ନଥିଲେ। ଏହି ସଂସ୍କୃତାଭିମୁଖୀ ଭାଷାର ବ୍ୟାକରଣ ଲେଖି ରାଧାନାଥ ଗଙ୍ଗାଧରଙ୍କର ଅଭିମତ ଗ୍ରହି ଥିଲେ। ଗଙ୍ଗାଧର ମଧ୍ୟ ସଂସ୍କୃତାଭିମୁଖୀ ଓଡ଼ିଆ ଭାଷା ଲେଖିଅଛନ୍ତି। ଏଥିପାଇଁ ତାଙ୍କୁ କେହି ଦୋଷ ଦେଉ ନାହିଁ। କାରଣ ସେ ତାଙ୍କର ପୂର୍ବତନ କବି ଯଥା—ରାଧାନାଥ, ମଧୁସୂଦନ, ଫକୀରମୋହନ ପ୍ରଭୃତିଙ୍କୁ ଅନୁସରଣ କରିଛନ୍ତି।

ଜାତୀୟବାଦୀ କବି ପ୍ରତ୍ୟକ୍ଷ, ପ୍ରକୃତଗତ ଓ ବିଷୟବସ୍ତୁ ବିନ୍ୟାସ ଆଦି ଭିନ୍ନ ଭିନ୍ନ ଭାବରେ ଜାତୀୟତାର ପରିଚୟ ଦେଇଛନ୍ତି। ଯେଉଁ ସମୟରେ ପାଶ୍ଚାତ୍ୟ ଶିକ୍ଷା ପ୍ରଭାବିତ ଏ ଦେଶର ଶିକ୍ଷାଭିମାନୀଗଣ ଇଂରାଜୀରୁ ଇତାଲୀୟ ଯୁବା, ଲିସ୍‌ବନ୍ ଭୂମିକମ୍ପ ଆଦି ଅନୁବାଦ କରି ପ୍ରକାଶ କରୁଥିଲେ, ଭାବ, କଥାବସ୍ତୁ ଆଦି ବୈଦେଶିକ ସାହିତ୍ୟରୁ ସଂଗ୍ରହ କରୁଥିଲେ, ସେହି ସମୟର କବି ଗଙ୍ଗାଧର ପ୍ରାଚୀନ ଶାସ୍ତ୍ର ପୁରାଣ ବିଶେଷକରି ସଂସ୍କୃତରୁ କଥାବସ୍ତୁ ଗ୍ରହଣକରି ଏବଂ ସଂସ୍କୃତ ଛନ୍ଦ ଅନୁସାରେ ଓଡ଼ିଆରେ କବିତା ଲେଖି ଏ ଦେଶବାସୀଙ୍କୁ ପୁଣି ସଂସ୍କୃତି ପ୍ରତି ଅନୁରକ୍ତ କରିବାର ପ୍ରଚେଷ୍ଟା କରିଛନ୍ତି। ତହିଁରୁ ହିଁ ତାଙ୍କର ଦେଶ ପ୍ରେମର ପରିଚୟ ମିଳିଥାଏ।

Digitized by PPRACHIN, SOA

ବହୁ ସ୍ଥଳରେ ମଧ୍ୟ କବି ଜନ୍ମଭୂମିର ଗୁଣ, କୀର୍ତ୍ତିନ କରି, ପ୍ରାଚୀନ ଇତିବୃତ୍ତ ଶୁଣାଇ, ସ୍ୱଦେଶର ଦର୍ଶନୀୟ ବସ୍ତୁ ବର୍ଣ୍ଣନ କରି, ଓଡ଼ିଆ ଜାତିର ଯଥାର୍ଥ ରୂପ ପ୍ରଦାନ କରିବାକୁ ଚେଷ୍ଟା କରିଛନ୍ତି । ସେ ସ୍ପଷ୍ଟଭାବେ ଉଲ୍ଲେଖ କରିଛନ୍ତି—

"ମାତୃଭୂମି ମାତୃ— ଭାଷାରେ ମମତା
ଯା' ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ— ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?" (୮୩)

ବୈଦେଶିକ ଶାସନର ମୂଲୋତ୍ପାଟନ କାମନା କରେଛନ୍ତି 'ତାରସୂର୍ଯ୍ୟ' କବିତାରେ । ବ୍ରିଟିଶ ଜାତି ସୁଶାସକ ହୁଅନ୍ତୁ ପଛକେ ସେ ତାଙ୍କ ଦେଶ ପାଇଁ, ସେମାନେ ଏ ଦେଶକୁ ଶାସନ କରିବା ଅସଙ୍ଗତ ତଥା ଅଯଥାର୍ଥ । ସେ ସ୍ୱଦେଶୀ ଶାସକର ପ୍ରଶଂସା କରି କହିଛନ୍ତି—

"ଅମ୍ଭ ରକ୍ତବୀର୍ଯ୍ୟ ଅମ୍ଭ ରବି କରେ ତମ କ୍ଷୟ,
ଏଣୁ ଅମ୍ଭେ ଗୁହୁଁ ଥାଉ ତାଙ୍କର ଉଦୟ ।
ତୁମ୍ଭେ ଯେତେ ବଡ଼ ହେଲେ ଅମ୍ଭର କି ଲଭ,
ଅମ୍ଭ ତମ ନାଶିବାକୁ ନାହିଁ ତ ପ୍ରଭବ ?
ଯେ ଯାହାର ହିତ କରେ ନ ନେଲେ ତା ନାମ,
ଅମ୍ଭ ଦେଶେ କହୁଁ ତାକୁ ନିମକହାରାମ ।" (୮୪)

---

(୮୩) ମାତୃଭୂମି—ଅର୍ଘ୍ୟଥାଳୀ ।
(୮୪) ତାରସୂର୍ଯ୍ୟ—ଅର୍ଘ୍ୟଥାଳୀ

Digitized by PPRACHIN, SOA

'ଉତ୍କଳ ଗୌରବ'ରେ ଉତ୍କଳର ଜୟଗାନ କରିଛନ୍ତି । ଶ୍ଳେଷୋକ୍ତି ମାଧ୍ୟରେ କବି ରୂପାୟିତ କରିଛନ୍ତି 'ଭାରତୀ ଭାବନା'କୁ ଏହା ମହାଯାନ ଦ୍ୱାରା ପ୍ରଭାବିତା ହେବାପରି ମନେହୁଏ । ଏ ଦେଶବାସୀଙ୍କ ପ୍ରତି ଇଂରେଜମାନଙ୍କ ଦୁର୍ବ୍ୟବହାର କବିଙ୍କ ପ୍ରାଣକୁ ବ୍ୟଥିତ କରିଛି । ସେ ସେଥିପାଇଁ ସେମାନଙ୍କୁ ଧିକ୍କାର କରି କହିଛନ୍ତି—

"ଡାକ ତ ନ ଥିଲୁ ତୁମ୍ଭ ଘର ଯାଇ
ଆସିଥିଲ ନିଜ ଲୋଭରେ,
ସରଳ ହୃଦୟ ମଣି ସିନା ଘରେ
ରଖିଲୁଁ ଅତି ସ୍ନେହାଦରେ,
ଗୋଟେପଦ, କହିବ କଲ ଉପକାର,
ଯାହା କରିଅଛ ନିଜ ସ୍ୱାର୍ଥ ପାଇଁ
ନ ଥିଲା ଅନ୍ୟ ଦରକାର ।" (୮୬)

ଯେ କୌଣସି ସ୍ଥାନରେ ସୁବିଧା ପାଇବା ମାତ୍ରେ ଜନ୍ମଭୂମିର ଗୌରବ ଗାନ କରିବାରେ ଓ ସନ୍ତାନମାନଙ୍କ ଗୁଣ ବର୍ଣ୍ଣନାରେ ଶତଜିହ୍ୱ ହୋଇ ଉଠିଛନ୍ତି ।

ପୁଣି ଏ ଦେଶବାସୀଙ୍କୁ ସ୍ୱଦେଶ ପ୍ରେମରେ ଉଦ୍‌ବୁଦ୍ଧ କରିବାପାଇଁ ଗାଇଛନ୍ତି ଉଦ୍‌ବୋଧନ ।

"ଭାରତୀୟ ବୀର ସଦା ସୁ[illegible]ବୀର
ବଷେ ରଖି ଯାଇଛନ୍ତି କୀରତି,

(୮୬) ଭାରତୀ ଭାବନା

Digitized by PPRACHIN, SOA

ଗର୍ଭରୁ ଶିକ୍ଷିତ ହୁଅନ୍ତି ଦୀକ୍ଷିତ
ସମର ମରଣେ ତାଙ୍କ ପୀରତି ।
ଜଣିଲେ ବସୁଧା ମଲେ ସ୍ୱର୍ଗ ସୁଧା
ଭୋଗ କରଥାନ୍ତି ଭାରତ ବୀର,
ନ ମିଳିଲେ ଅସ୍ତ୍ର କୁଶ କର ଶସ୍ତ୍ର
କରନ୍ତି ସମର ନୋହୁ ଅଧୀର । (୮୬)

'ମହାଯାତ୍ରା'ର ଅମର୍ଷ ବାଣୀର ପ୍ରଭାବରେ ଏହା ପ୍ରଭାବିତ ।

ଏ ଭାରତୀୟଗଣ ସବୁକାଳେ ସବୁ ଯୁଗେ କୀର୍ତ୍ତିରକ୍ଷି ଅମର ରହିଛନ୍ତି । ଆଜ ତାଙ୍କର ଦାୟାଦ ନିର୍ଯାତନା ସତ୍ତ୍ୱେ ନିଷ୍ଟେଷ୍ଟ ହେବା ବସ୍ତୁସ୍ତର । ଖଣ୍ଡିତ ଉତ୍କଳର ଉତ୍କଳୀୟମାନେ ଯେ ଭିନ୍ନ ଭିନ୍ନ ପ୍ରଦେଶ ଅଧୀନରେ ରହି ମାତୃଭାଷା ଓ ମାତୃଭୂମିକୁ ଭୁଲିବାକୁ ବସିଲେଣି, ତାହା କବିଙ୍କ ପ୍ରାଣକୁ ବାଧୁଛି । ସେ 'ଉତ୍କଳ ସମ୍ମିଳନୀ'ରେ ସମବେତ ଭାଇଭଉଣୀଙ୍କୁ କୋଟି କଣ୍ଠରେ ଗୋଟିଏ ସ୍ୱରରେ ଉଚ୍ଚ ଡାକ ଦେବାକୁ କରିଛନ୍ତି ଅହ୍ୱାନ । ଏଠାରେ ମଧୁବାବୁଙ୍କ 'ଉତ୍କଳ ସମ୍ମିଳନୀ' ପାଇଁ ଲିଖିତ ଉଦ୍‌ବୋଧନର ପ୍ରଭାବ ପରିଲକ୍ଷିତ ହୁଏ ।

"ନିଜ ଘରେ ବସି ନିର୍ବାସନ ଦୁଃଖେ
ଅଛୁ କା ଲଲାଟେ ଲିଖନ,
ମାତୃଭାଷା ମନା ଭାଇ ସଙ୍ଗ ବନା
ବିକଳ ହେଉଛି ଜୀବନ ।

(୮୬) ଉଦ୍‌ବୋଧନ—କବିତା ମାଳା

Digitized by PPRACHIN, SOA

ଶୁଣାଇଲେ ଦୁଃଖ ନୃପତି ଆଗରେ,
ତଡ଼ି ଦେଉଛନ୍ତି ଶ୍ରୀମୁଖୁ ରାଗରେ,
ନୁହେଁ ତାଙ୍କ ଦୋଷ, ବୁଝନ୍ତି ନାହିଁ ସେ
ଆମ୍ଭର କଥିତ ବଚନ।" (୮୭)

କାରଣ ନୃପତିଙ୍କ ଆଗରେ ଅଛନ୍ତି ବିଦେଶୀ ସଦସ୍ୟ। ଆମର ବେଦନକୁ ସେମାନେ ବିଦ୍ରୂପକରି ତାଙ୍କ କର୍ଣ୍ଣରେ ଅନାଢ ଧ୍ୱନି ବୋଲି ଗୋଚରୀଭୂତ କରାଉଛନ୍ତି। ତେଣୁ ଏହାର ପ୍ରତିବାଦ ପାଇଁ ଦେଶର ଭାଇ ଭଉଣୀଙ୍କଠାରେ ପ୍ରତିକାର ଲୋଡ଼ୁଛନ୍ତି କବି। ସେ ଦେଖୁଛନ୍ତି —

"ଅନ୍ଧକାର ଅନ୍ଧକାର ଅନ୍ଧକାର ରାତ୍ରି,
ଅନନ୍ତ ଆକାରେ ଅଛି ଜଗତକୁ ଗ୍ରାସି।" (୮୮)

ସେହି ଅନ୍ଧକାରରୁ ମୁକ୍ତିଲାଭ ପାଇଁ ପରିଶ୍ରମ କରିବାକୁ ନିବେଦନ କରିଛନ୍ତି। କାରଣ,

"ଅଳସ ଲୋକର ପାଶକୁ ନ ପଶଇ ସମ୍ପଦ,
ମଧୁ ଆସି ମୁଖେ ନ ପଶେ ଶୋଇଥିଲେ ଷଟ୍‌ପଦ।"(୮୯)

ଏହା ଅବଶ୍ୟ

"ଉଦ୍ୟୋଗେନ ହି ସିଧ୍ୟନ୍ତି କାର୍ଯ୍ୟାଣି ନ ମନୋରଥୈଃ
ନ ହି ସୁପ୍ତସ୍ୟ ସିଂହସ୍ୟ ପ୍ରବିଶନ୍ତି ମୁଖେ ମୃଗାଃ।"

---

(୮୭) ଉତ୍କଳ ସମ୍ମିଳନୀ ଉପଲକ୍ଷେ ରଚିତ—କବିତାମାଳା।
(୮୮) ମହାନ୍ଧକାର—ଅର୍ଘ୍ୟଥାଳି
(୮୯) ପରିଶ୍ରମ—ଅର୍ଘ୍ୟଥାଳି।

Digitized by PPRACHIN, SOA

ବା "ଉଦ୍‌ଯୋଗୀ ଜନ ଲକ୍ଷ୍ମୀ ନନ୍ଦନ ହୁଅନ୍ତି ସର୍ବକାଳେ,
କର୍ମଠେର ଥିଲ ଦଇବ ଦେଲ ପୁରୁଷାଧମ ଭାଷେ ।" ର
ଅନୁରୂପ ।

ତଥାପି ସେ କର୍ମ, ଅବସ୍ଥା ଓ ବ୍ୟକ୍ତିଭେଦରେ ସାଧମତ ହେବା ବାଞ୍ଛନୀୟ । ପ୍ରତ୍ୟେକ ଲୋକ ଯେତେ ସାମାନ୍ୟ ହେଉ ପଛେ କାହିଁ ନା କାହିଁ କର୍ମକର ଏହି ସ୍ୱାଧୀନତାରୂପକ ସେତୁ ବନ୍ଧରେ ଗୁଣ୍ଡୁଚି ମୂଷାର ଅଂଶ ଗ୍ରହଣ କରିବାକୁ ହେବ । ସେଥିପାଇଁ ଉଚ୍ଚ ନୀଚର ଭେଦ ନାହିଁ ।

"ଉଚ୍ଚ ସେହୁ ଉଚ୍ଚ କର୍ମ କରେ ଯେଉଁ ଜନ,
କରମ ନିମନ୍ତେ ନାହିଁ ବଂଶ ପ୍ରୟୋଜନ ।" (୯୦)

ଏହାଛଡ଼ା ଏ ଦେଶର ଗୁଣୀସୁତମାନଙ୍କୁ ଆଦର କରି ସେମାନଙ୍କ ଗୁଣକୀର୍ତ୍ତନ କରିଛନ୍ତି ଗୁଣଗ୍ରାହୀ କବି ଗଙ୍ଗାଧର । ପାଟଣା ମହାରାଜାଙ୍କ ସାନଭାଇ ବଳରାମ ଦେବ, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ବ୍ୟାସକବି ଫକୀରମୋହନ ଓ ତାହାଙ୍କ ସହଧର୍ମିଣୀ କୃଷ୍ଣକୁମାରୀ, ବଦ୍ୟାରତ୍ନ ଓ ତାହାଙ୍କ 'ହିତୈଷିଣୀ' ପତ୍ରିକା ଆଦି ଏଇ ଦେଶର କଥା ଉଲ୍ଲେଖ କରି ନିଜର ଗୁଣଗ୍ରାହିତା ତଥା ଦେଶ ପ୍ରେମିକତାର ପରିଚୟ ଦେଇ-ଛନ୍ତି । ତେଣୁ ତାଙ୍କର କାଶୀଯୂବାଦ ପ୍ରତ୍ୟକ୍ଷ ଭାବରେ ସବୁଠାରେ ନ ମିଳିଲେ ବି ବିଷୟବସ୍ତୁ ସଙ୍ଗେ ଓତଃପ୍ରୋତ ଭାବରେ ଜଡ଼ିତ ରହିଅଛି ।

---

(୯୦) କର୍ମଗୁଣ—ଅର୍ଘ୍ୟଥାଳୀ ।

Digitized by PPRACHIN, SOA

ପ୍ରକୃତ ଚିତ୍ରଣ ବେଳେ ମଧ୍ୟ କବି ସ୍ଥାନେ ସ୍ଥାନେ ଅଞ୍ଚଳୀୟ ପ୍ରକୃତିକୁ ଚିତ୍ରିତ କରି ଜାତୀୟତାବାଦର ପରିଚୟ ଦେବାକୁ ଚେଷ୍ଟା କରିଛନ୍ତି । ମେଘଦୂତ ସାହିତ୍ୟର ବୈଶିଷ୍ଟ୍ୟ ହେଉଛି ପ୍ରକୃତ ଚିତ୍ରଣ ଓ କଳ୍ପନା ବିଳାସରେ । ଦୁଃଖିନୀ କୌଶଲ୍ୟା ପ୍ରତି ଯେଉଁ ଅତ୍ୟାଚାର କରାଯାଇଛି, ସେ ଭୟାବହ କାହାଣୀ ଶୁଣାଇବାକୁ ମର୍ତ୍ତ୍ୟକୁ ଅସିବ ତାର ଅମ୍ବା । ସେଇ କରୁଣ କାହାଣୀ ଶୁଣାଇଯିବ ତାର ଜନନୀ ପାର୍ବତୀକୁ—କି ଭୟାନକ ସେ କାହାଣୀ ! କି ଲୋମହର୍ଷଣକାରୀ ସେ ଗାଥା । ସେଇଥିପାଇଁ 'ପାର୍ବତୀ'ର କବି ଜନପଦରେ କୋଳାହଳରେ ମଧ୍ୟ ସୃଷ୍ଟି କରିଛନ୍ତି ଏକ ଭୀଷଣଭାବରେ ପରିପୂର୍ଣ୍ଣ ବାତାବରଣ ।

"ନିସ୍ତବ୍ଧ, ନୀରବ, ଜୀବଶୂନ୍ୟ ପ୍ରାୟ
ହୋଇଗଲା ଧରାତଳ,
କେବଳ ଶୁଭିଲା ଦୂରରେ ସୁଗମ୍ଭୀର
ଅମ୍ବୁରାଶି କୋଳାହଳ ।

× × ×

ଗୋଟିଏ ପଲ୍ଲବ ହାଲୁ ନାହିଁ ଡାଳେ
ନିଷ୍ଫଳ ପାଦପ-ପନ୍ତି,
ଊର୍ଦ୍ଧ୍ୱ ବାହୁ ଧ୍ୟାନେ ମଗ୍ନ ଯତି ଯଥା
ଜଡ଼ହୋଇ ରହିଛନ୍ତି ।
ନିରନ୍ତର ସେହି ଝିଲ୍ଲି ରବ ବନ୍ଦ
ଅଜ କିଛି ଶୁଭୁ ନାହିଁ,
କେବେ ଅବା ସ୍ୱପ୍ନ ଝାଡ଼ୁଅଛି ଡେଣା
ବିହଙ୍ଗ ସ୍ୱ ନୀଡଶାୟୀ ।" (ପାର୍ବତୀ)

Digitized by PPRACHIN, SOA

ପ୍ରକୃତିର ରୁଦ୍ରମୂର୍ତ୍ତି ସବୁର ଚିତ୍ତରେ ଭୀତି ଜାଗ୍ରତ କରୁଛି । କି ଭୀଷଣ ସେ ! ତେଣୁ 'ପାର୍ବତୀ'ର କବି ରାଧାନାଥ ପ୍ରକୃତିକୁ ସେଇଭଳି ରୂପାୟିତ କରିବାକୁ ଚେଷ୍ଟା କରିଛନ୍ତି । ଗୋଟିଏ ବିଭତ୍ସ କାଣ୍ଡର ବର୍ଣ୍ଣନା ହେବ, ତାକୁ ବିଶ୍ୱାସ ଜନ୍ମାଇବାକୁ ଯାହା ଦରକାର, ସେଥିପାଇଁ, ପ୍ରକୃତିକୁ ଭୀଷଣ ଭାବରେ ଚିତ୍ରିତ କରିଛନ୍ତି । କିନ୍ତୁ କୌଶଲ୍ୟା ପ୍ରତି ଯେଉଁ ଅନ୍ୟାୟ ବ୍ୟବହାର ବା ଅତ୍ୟାଚାର କରାଯାଉଛି, ସେଥିପ୍ରତି ପ୍ରକୃତିର ଭ୍ରୂକ୍ଷେପ ନାହିଁ ।

ମହାରାଣୀ ରକ୍ତବାହୁର ଅନ୍ୟାୟ ଆକ୍ରମଣର ପ୍ରତିବାଦ ଜଣାଇ ପ୍ରତିକାର କରିବାକୁ "ଦଣ୍ଡ ଅସିଲେ ମାଳାମ୍ବୁ ସମ୍ରାଟ ।" (ଚିଲିକା) ଏଠାରେ ପ୍ରକୃତି ଜୀବନ୍ତ ଭାବରେ ଚିତ୍ରିତ ହେଲେ ମଧ୍ୟ 'ମାଳାମ୍ବୁ ସମ୍ରାଟ' 'ଚିଲିକା'ର ଇଙ୍ଗିତରେ 'ଊର୍ମି ଥାଟ' ଧରି ଆସିଛନ୍ତି । ତାକୁ ପୁଣି ସଙ୍କେତ ଦେଇଛନ୍ତି "କାଳୀଜୟୀ ଶୈଳେ ଦେବୀ ହୈମବତୀ" । ତେଣୁ ପ୍ରକୃତି ପ୍ରତ୍ୟକ୍ଷଭାବରେ ଅଂଶ ଗ୍ରହଣ କରୁନାହିଁ । ମାତ୍ର ପ୍ରକୃତି ଜଡ଼ ନୁହେଁ ଜୀବନ୍ତ, ତାର ଜୀବନ ଅଛି, ସେ ମନୁଷ୍ୟର ସୁଖଦୁଃଖରେ ଅଂଶ ଗ୍ରହଣ କରିପାରେ, ଏ କଥା ତାଙ୍କର ପୁସ୍ତକର ଛତ୍ରେ ଛତ୍ରେ ପ୍ରଦର୍ଶନ କରି ପ୍ରମାଣିତ କରିଗଲେ କବି ଗଙ୍ଗାଧର ।

ସୀତାଙ୍କ ବେଦନରେ ବାତରୁ ଗତି ସ୍ତମ୍ଭିତ ହେଉଛି, କରି ଶାବକ କାଷ୍ଠମୂର୍ତ୍ତି ପରି ଠିଆ ହୋଇ ରହୁଛନ୍ତି । ଜାହ୍ନବୀର ତରଙ୍ଗ କମ୍ପିତ ହେଉଛି । ଏକଥା 'ରଘୁବଂଶମ୍'ର ଅନୁକରଣରେ ସେ ଲେଖିଛନ୍ତି ବୋଲି ଯୁକ୍ତି ହୋଇପାରେ । ଠିକ୍ କଥା, ମାତ୍ର ବାତ୍ୟାବଶ ତୂଣୀରକୁ ବାରମ୍ବାର ଝାଡ଼ି ତାଳଗଛ ସୀତାଙ୍କ ପ୍ରତି ଅବିଚାର ବିରୁଦ୍ଧରେ ଯେଉଁ ପ୍ରତିବାଦ ଜଣାଉଛି, ଏହା ତ ମେହେରଙ୍କ ନିଜସ୍ୱ । ମହାସତୀ ଓ ମହାଯତିଙ୍କ କଥୋପକଥନକୁ

Digitized by PPRACHIN, SOA

ବିହଙ୍ଗମଗଣ ସ୍ୱନ ନ କରି ଶୁଣୁଛନ୍ତି । ପୁଣି ଉଦ୍ୟାନର ବୃକ୍ଷମାନେ 'ପୁଷ୍ପ ଝରେ' ସୀତାଙ୍କୁ ଅଭ୍ୟର୍ଥନା କରୁଛନ୍ତି । ଶକୁନ୍ତଳାଙ୍କୁ ବିଦାୟ ଦେବା ବେଳକୁ ପଶୁପକ୍ଷୀ, ବୃକ୍ଷଲତା, ସମସ୍ତେ କାନ୍ଦୁଛନ୍ତି । ଲବକୁଶଙ୍କ ଜନ୍ମପରେ ଅନନ୍ଦାତିଶଯ୍ୟରେ ପକ୍ଷୀଙ୍କ କଳରବରେ ଦିଗ୍‌ବିଦିଗ ନିନାଦିତ କରୁଛି ପ୍ରକୃତି ।

ଦୁଷ୍ମନ୍ତଙ୍କ ସହିତ ଶକୁନ୍ତଳାଙ୍କର ପ୍ରଣୟ ହେବ, ଏ ବାତାବରଣ ସୃଷ୍ଟି କରିବାକୁ ପୂର୍ବରୁ ଅଭ୍ୟାସ ଅଛି । ପଦ୍ମିନୀ ଛାୟା ଜନ୍ୟା ଶକୁନ୍ତଳାଙ୍କୁ ମଧୁବ୍ରତ ବିବ୍ରତ କରୁଛି । ଉଦ୍ୟାନ ଓ ଆଶ୍ରମର ବର୍ଣ୍ଣନାରେ ମଧ୍ୟ ତାହାରି ସୂଚନା । ଏପରି କି ଶକୁନ୍ତଳା ଅନସୂୟା ଓ ପ୍ରିୟମ୍ବଦାଙ୍କୁ ଚିହ୍ନାଇବାକୁ ଯାଇ କବି ଉପମା ଦେଇଛନ୍ତି—

"ଶକୁନ୍ତଳା କଣ୍ଠେ— ଦୁହିତା, ଅପର
ବେନି ତାର ସହଚରୀ,
ଶକୁନ୍ତଳା ଦିଶେ— ଥିଲା ବେନି ପତ୍ର
ମଧ୍ୟରେ ପ୍ରସୂନ ପରି ।"

ପତ୍ର ଓ ଫୁଲ ସହିତ ତୁଳନା କରି । ହେମକୂଟ ନାମକ କିଂପୁରୁଷ ପର୍ବତରେ ମଧ୍ୟ ସେଇକଥା । ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କର ପୁଣି ମିଳନ ହେବ, ତେଣୁ ପ୍ରକୃତି ସେଠାରେ ଶାନ୍ତ, ଶୁଭ୍ର ଓ ସୁନ୍ଦର ହେବା ସଙ୍ଗତ । ତେଣୁ—

"ବାରମାସ ଯହିଁ ବସନ୍ତ ବିହରେ
ଫେନି ସର୍ବବିଧ ଫୁଲ,
ମହାନନ୍ଦ ଭରେ ଭ୍ରମନ୍ତି ଭ୍ରମରେ
କୁଜନ୍ତି କୋକିଳ କୁଳ ।

Digitized by PPRACHIN, SOA

ସ୍ୱର୍ଣ୍ଣ କମଳାମା   ଅଙ୍ଗୁଳିଇଁ ବାକୁ
ଧବାଉର କର ଥରେ,
ମଧ୍ୟାହ୍ନେ ନିଭୃତେ   ଲକ୍ଷ ଲକ୍ଷ ଢେଉ
ପଶିଥାଏ ଉରେ ଉରେ ।

କାକଳି ଗାୟନେ   ବିହଙ୍ଗ କୂଜନ
ମାନ୍ଦ ବାଦ ହୁଏ ତହିଁ,
ବରଷା ବୋଇଲେ   ବୃହନ୍ତ ତହିଁରେ
ତରୁ ପୁଷ୍ପ ବରଷଇ ।"

ଏସବୁ ଭବିଷ୍ୟ ମିଳନର ପୃଷ୍ଠପୋଷକ । ମିଳନର ପୃଷ୍ଠପଟ ରୂପେ ମଧ୍ୟ ଚିଅ ହୋଇଛନ୍ତି ପ୍ରକୃତି । ଦୁଷ୍ମନ୍ତଙ୍କ ଆକସ୍ମିକ ଆଗମନ ବେଳେ ତାଙ୍କର ମନର ଅବସ୍ଥା, କୁଞ୍ଜ ଅନ୍ତରାଳରେ ରହି ଶକୁନ୍ତଳା ଓ ତାଙ୍କ ସଖୀମାନଙ୍କ କଥୋପକଥନ ଶ୍ରବଣ ବେଳର ଚାଲ ଏବଂ ଦୁଷ୍ମନ୍ତଙ୍କ ସହିତ ସଖୀଙ୍କ ଶ୍ଳେଷୋକ୍ତି ତଥା ପରିଣୟ ସମ୍ପାଦନ ମୁହୂର୍ତ୍ତ, ଇଏ ପ୍ରତି ସ୍ତରରେ ପ୍ରେମର ମହିମା ପ୍ରକଟନ ହେବା ସଙ୍ଗେ ସଙ୍ଗେ ପ୍ରକୃତିର ଅବସ୍ଥାରେ ମଧ୍ୟ ପରିବର୍ତ୍ତନ ଆସିଛି ।

'ଉତ୍କଳ ଲକ୍ଷ୍ମୀ'ଙ୍କର 'ପ୍ରିୟ ସହଚରୀ ପ୍ରକୃତି ସୁନ୍ଦରୀ' । ତାଙ୍କୁ ମଣ୍ଡିତ କରିବାପାଇଁ—

"ପ୍ରଧାନ ପାଟରେ   ସମ୍ପାଦ ଥୋଇଛି
ଉତ୍କଳ ରତ୍ନ ସୀମନ୍ତ,
ଲୋକମୁକୁଟେ ଯାର   ସୁନ୍ଦରିମା ତଥା
ବ୍ୟାପିଛି ଦିଗ ଦିଗନ୍ତ ।

Digitized by PPRACHIN, SOA

କେମନ୍ତ କୌଶଳେ ଗୋଧୂଳି ମନ୍ତ୍ରେ
କାଚ ଖଣ୍ଡେ ଦେଇ ଶାଣ,
ତୋ ଲାଗି ଥୋଇଛୁ 'ସୁନ୍ଦର୍ଶ' ଗର୍ଭେ
ଧବଳ ମଥାମଣି ସଞ୍ଚି।"

ଅଜ ଓ ଇନ୍ଦୁମତୀଙ୍କ ଉଦ୍ୟାନ ଭ୍ରମଣ ପାଇଁ ସେ ଉଦ୍ୟାନର ଶୋଭା ବର୍ଣ୍ଣନା କରିଛନ୍ତି—

"ଧରଣୀ ରାଣୀର ସେବା ଅର୍ଥେ ଆସି
ବସନ୍ତ ପ୍ରବେଶ ହେଲା,
କେତକୀ କମଳ ପଲ୍ଲବ-ଦୁକୂଳେ
ଅଗ ତନୁ ମଣ୍ଡି ଦେଲା।
ଲଲାଟରେ ଲତା ଅଳକାବଳୀ କି
ଅତି ଯତନରେ ସାଜି,
ମଣ୍ଡି ଦେଲା ଶିରେ ନବ ବିକଶିତ
ମଞ୍ଜୁଳ କୁସୁମରାଜି।" (୯୧)

ପୁଣି ସେହି ପ୍ରକୃତର ଦାନ ସ୍ୱର୍ଗୀୟ କୁସୁମ ହାରର ପତନରେ ଇନ୍ଦୁମତୀଙ୍କର ମୃତ୍ୟୁ ହେଲା। ସେ 'ଛିନ୍ନମୂଳ ତରୁ ପରାୟେ ଭୂମିରେ' ପଡ଼ିଲେ। ଏ ସବୁଠାରେ ପ୍ରକୃତିରୁ ଉପମା ଆହରଣ କରି ଯଥାଯଥ ଭାବରେ ନିବେଶ କରିଛନ୍ତି କବି। ତେଣୁ ତାଙ୍କର 'ସ୍ୱଭାବ କବି' ଆଖ୍ୟା ଅଯଥାର୍ଥ ନୁହେଁ।

---

(୯୧) ଇନ୍ଦୁମତୀ।

Digitized by PPRACHIN, SOA

ମନଷ୍ୟର ସୁଖରେ ଆନନ୍ଦ ଓ ଦୁଃଖରେ ବିଷାଦ ପ୍ରକାଶ କରି ପ୍ରକୃତ ତାହାର ସଚେତନତା ପ୍ରମାଣିତ କରୁଅଛି । ପ୍ରକୃତ ବର୍ଣ୍ଣନାରେ ସେ ରାଧାନାଥଙ୍କୁ ବଳିଯାଇ ନାହାନ୍ତି ସତ୍ୟ, ମାତ୍ର ମନୁଷ୍ୟ ଓ ପ୍ରକୃତର ସଂଯୋଗ କରି ବିଶେଷତ୍ୱ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଛନ୍ତି ।

ମେଘେଦୂରଙ୍କ ସବୁ କାବ୍ୟବସ୍ତୁର କେନ୍ଦ୍ର ପ୍ରେମ ହେଲେହେଁ ତାହା ରୂପଜ ବା କାମଜ ରୂପରେ ଚିତ୍ରିତ ହୋଇନାହିଁ ।

"ଧର୍ମାବିରୁଦ୍ଧ ଭୂତେଷୁ କାମୋଽସ୍ମି ଭରତର୍ଷଭ"
(ଗୀତା)

"କାମସ୍ୟ ନେନ୍ଦ୍ରିୟ ପ୍ରୀତିର୍ଲାଭୋ ଯାବତ୍
ଜୀବେତ ଯାବତା ।"
(ଭାଗବତ)

ଗୀତା ଓ ଭାଗବତ ଉକ୍ତି ଦ୍ୱୟରୁ ସ୍ପଷ୍ଟ ପ୍ରତିପନ୍ନ ହୁଏ ଯେ କାମ ଯଥାର୍ଥତଃ ଧର୍ମାନୁମୋଦିତ ଓ ଇନ୍ଦ୍ରିୟ ପ୍ରୀତ୍ୟାତ୍ମକ ନୁହେଁ ।

"ସେ ପ୍ରେମ ସଂଯତ, ମହତ, ଉଇତ୍ତରଣିତ । ଯୌବନର ରୂପଜ ମୋହଗ୍ରସ୍ତ ତଥାକଥିତ ପ୍ରେମର ଉନ୍ମାଦନା ଏଥିରେ ନାହିଁ । କିନ୍ତୁ ଏଥିରେ ମାଧୁରୀ ଅଛି, ତ୍ୟାଗ ଅଛି, ଶକ୍ତି ଅଛି । ଏହା ନୈତିକତାର ଖଡ୍ଗ ଧାର ଉପରେ ଦଣ୍ଡାୟମାନ । ତେଣୁ ଅସାଧାରଣୀ ହେଲେହେଁ ମନୋହର, ନମସ୍ୟ, ବିସ୍ମୟକର ।" (୯୨)

(୯୨ କବି ଓ କବିତା—ଡଃ ମାୟାଧର ମାନସିଂ—ପୃ୧୧୪

ସ୍ଥୂଳତଃ, ମେହେରଙ୍କ ଲେଖନୀ ହୋଇ ଉଠିଛି ସ୍ଥିତହୃଙ୍କ ! ସେ ଶରଣ୍ଡନ ଓ କଲ୍ୟାଣକରଙ୍କୁ ହିଁ ରୂପାୟିତ କରିଛି ।

ରାମାୟଣ ଅନୁସାରେ—

"ଉତ୍ସାହବନ୍ତୋ ହି ନରା ନ ଲୋକେ,
ସୀଦନ୍ତି କର୍ମ ସ୍ୱପି ଦୁଷ୍କରେଷୁ ।"

ଅରଣ୍ୟ—୭୬।୧୯

ଯିଏ ଉତ୍ସାହୀ ସିଏ ଦୁଷ୍କର କାର୍ଯ୍ୟ କରିବାକୁ ଦୁଃଖ ମନେ କରନ୍ତି ନାହିଁ । କବି ଗଙ୍ଗାଧର ତାଙ୍କର ଦୁଃଖ-ଦଗ୍ଧ ଜୀବନରେ ମଧ୍ୟ ନିଷ୍ଠା, ଉତ୍ସାହ ତଥା ଅଧ୍ୟବସାୟ ବଳରେ ଉତ୍କଳ ଭାରତୀଙ୍କ ନିମିତ୍ତ ଯେଉଁ ସୁରମ୍ୟ ହର୍ମ୍ୟ ନିର୍ମାଣ କରି ଯାଇଛନ୍ତି, ସେଥିପାଇଁ ସେ ପ୍ରଶଂସାର୍ହ । ତେଣୁ **ଓଡ଼ିଆ** ସାହିତ୍ୟ କ୍ଷେତ୍ରକୁ ମେହେରଙ୍କ ଦାନ ଅବିସ୍ମରଣୀୟ । ସେ ଏକ ସ୍ୱତନ୍ତ୍ର ଅସ୍ଥାନର ଅଧିକାରୀ ।

କୁମାରପୂର୍ଣ୍ଣିମା
୧୯୫୮

Digitized by PPRACHIN, SOA

ଶ୍ରୀ ଚନ୍ଦ୍ରଧାମାଙ୍କ ମହାନ୍ତିଙ୍କ

ପୁସ୍ତକମାନଙ୍କ ଦ୍ୱିତୀୟ ଭାଗ

ଯୁଗାନ୍ତର	(ନାଟକ)	୧୯୫୪
ମଲ୍ଲିଭଙ୍ଗ ପଦ୍ଧତେ	(ସମାଲୋଚନା)	୧୯୫୬

(୧୯୫୫ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରସ୍କାର ପ୍ରାପ୍ତ)

ଅନୁଭବର ପଦ୍ଧତି	(ସମାଲୋଚନା)	୧୯୫୭
ନୂଆଭଙ୍ଗ ପଦ୍ଧତି	,,	୧୯୫୮
ଉପନ୍ୟାସର ଭୂମିକା	,,	୧୯୫୯

(୧୯୫୭ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରସ୍କାର ପ୍ରାପ୍ତ)

Digitized by PPRACHIN, SOA